R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୩୩୨
ତିଥି : ତୃତୀୟା
୦୬ ସେପ୍ଟେମ୍ବର ୨୦୨୪, ଶୁକ୍ରବାର
ସମ୍ବଲପୁର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 332
06 Sept 2024, Friday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore



## ସୋସିଆଲ କୋଟ୍ସ



ମୋତେ ମୋ ଶରୀରକୁ ବଦଳାଇବା ପାଇଁ ପ୍ରସ୍ତାବ ଦିଆଯାଇଥିଲା । ହେଲେ ମୁଁ ଏହାକୁ ପ୍ରତ୍ୟାକ୍ଷାନ କରିଥିଲି । ଏହାର ପ୍ରଭାବ ମୋ କ୍ୟାରିୟର ଉପରେ ପଡିଥିଲା କିନ୍ତୁ ମୁଁ ମୋ ନିଷ୍ପତ୍ତିକୁ ନେଇ ଖୁସି ଥିଲି ।

**ସମୀରା ରେଡ୍ଡି, ଅଭିନେତ୍ରୀ**



ମୁଁ ଜଣେ ଆଉଟ୍ ସାଇଡ୍‌ର ଭାବେ ଇଣ୍ଡଷ୍ଟ୍ରୀରେ ଯୋଗ ଦେଇଥିଲି । ସେଥିପାଇଁ କ୍ୟାରିୟରକୁ ନେଇ ସବୁବେଳେ ଡର ଥିଲା । ସେତେବେଳେ କେହି ମୋତେ ସହଯୋଗ କରିନଥିଲେ ।

**କାର୍ତ୍ତିକ ଆରିୟନ, ଅଭିନେତା**



ମୁଁ ମୋ ପଟୁ ସମ୍ପର୍କକୁ ଯୋଡି ରଖିବା ପାଇଁ ଖୁବ ପରିଶ୍ରମ କରିଥିଲି । ହେଲେ ଯଶ ଚୋପ୍ରା ନିଜ କଥା ରକ୍ଷା କରିପାରିନଥିଲେ । ୱାଇଆର୍‌ଏଫ୍ ନିଜ କଥା ରଖିଲା ନାହିଁ ।

**ଫରୀଦା ଜଲାଲ୍, ଅଭିନେତ୍ରୀ**

## ଇତିହାସ

**୧୫୨୨–** ସମୁଦ୍ର ପଥରେ ପୃଥିବୀର ପୂରା ଚକ୍କର କାଟିଥିବା ପ୍ରଥମ ଜାହାଜ ଭିକ୍ଟୋରିଆ ସ୍ପେନ୍ ଫେରିଲା ।

**୧୮୮୯–** ବାରିଷ୍ଟର ତଥା ସୁଭାଷ ଚନ୍ଦ୍ର ବୋଷଙ୍କ ଭାଇ ଶରତ ଚନ୍ଦ୍ର ବୋଷଙ୍କ ଜନ୍ମ ।

**୧୯୪୮–** ଜୁଲିଆନା ନେଦରଲାଣ୍ଡର ମହାରାଣୀ ହେଲେ ।

**୧୯୭୨–** ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତର ବିଖ୍ୟାତ୍ ସରୋଦ ବାଦକ ଉସ୍ତାଦ ଆଲ୍ଲାଉଦ୍ଦିନ ଖାନ୍‌ଙ୍କ ଦେହାନ୍ତ ।

**୧୯୯୦–** ପ୍ରସାଦ ଭାରତୀ ବିଲ୍ ସଂସଦରେ ପାରିତ ।

**୧୯୯୮–** ଲୋକପ୍ରିୟ ଜାପାନୀ ଫିଲ୍ମ ନିର୍ଦ୍ଦେଶକ ଅକିରା କୁରାସୋବାଙ୍କ ପରଲୋକ ।

**୨୦୦୫–** ପରମବୀର ଚକ୍ର ସମ୍ମାନିତ ଭାରତୀୟ ସୈନିକ ମେଜର ଧନସିଂହ ଥାପାଙ୍କ ପରଲୋକ ।

**୨୦୦୮–** ଭାରତ ଓ ପାକିସ୍ତାନ ମଧ୍ୟରେ ପରମାଣୁ ଚୁକ୍ତିକୁ ମଞ୍ଜୁରୀ ।

# ବାଲିତୃତୀୟା



ନିଜ ପରିବାର ସ୍ୱାମୀ, ସନ୍ତାନ ଓ ଭାଇଙ୍କ ମଙ୍ଗଳ କାମନା କରି ଆମ ଦେଶର ମହିଳାମାନେ ଭିନ୍ନ ଭିନ୍ନ ସମୟରେ ବ୍ରତ ଓ ଉପବାସ କରିଥାନ୍ତି । ବ୍ରତ ଓ ଉପବାସ କରିବା ଦ୍ୱାରା ଆମେ ନିଜର ମନ ଓ ଇନ୍ଦ୍ରିୟକୁ ସଂଯମ କରିପାରିଥାଉ । ଆଧାତ୍ମିକ ସାଧାନାର ମୂଳ ଲକ୍ଷ୍ୟ ହେଲା ନିଜ ମନ ଓ ଇନ୍ଦ୍ରିୟକୁ ସଂଯମ କରିବା । ଆମ ଦେଶର ମହିଳାମାନେ ନିଜଠାରୁ ନିଜ ପରିବାରକୁ ଅଧିକ ଭଲ ପାଇଥାନ୍ତି । ପରିବାର ସଦସ୍ୟଙ୍କ ଦୀର୍ଘ ଜୀବନ ପାଇଁ ଏବଂ ସୁଖ ସମୃଦ୍ଧି ପାଇଁ ସବୁବେଳେ ସେମାନେ ତତ୍ପର । ହିନ୍ଦୁଧର୍ମର ମୁଖ୍ୟ ଆରାଧ ଦେବତା ହେଲେ ଭଗବାନ ଶିବ ଓ ବିଷ୍ଣୁ । ଶିବଙ୍କ ଦ୍ୱାରା ବର ପ୍ରାପ୍ତ କରି ଏକ ସୁଖି ଦାମ୍ପତ୍ୟ ଜୀବନ ବିତାଇବା ପାଇଁ ମହିଳାମାନେ ବାଲିତୃତୀୟା ବ୍ରତ କରିଥାନ୍ତି ।

ଭାରତର ବିଭିନ୍ନ ପ୍ରାନ୍ତରେ ଏହି ବ୍ରତ ଅନ୍ୟ ନାମରେ ପାଳନ କରାଯାଇଥାଏ ଯେପରି ହରୀୟାଲି ତିଜ ଗୌରିବ୍ରତ ଇତ୍ୟାଦି । ମହିଳାମାନେ ଶିବଙ୍କୁ ପ୍ରସନ୍ନ କରିବା ପାଇଁ ଉପବାସ କରିଥାନ୍ତି, ଅନେକ ନିର୍ଜଳା ମଧ୍ୟ କରିଥାନ୍ତି ।

ଶିବଙ୍କ ପ୍ରିୟ ବେଲ ପତ୍ର, ଚମ୍ପା, ଦୁଦୁରା ଏବଂ ଅରଖ ଶିବଙ୍କୁ ଅର୍ପଣ କରାଯାଇଥାଏ ।

ବାଲିତୃତୀୟା କଥା ଅନୁଯାଇ ଶିବଙ୍କୁ ପତି ରୂପେ ପାଇବାପାଇଁ ପାର୍ବତୀ ଘରଠୁ ଦୂରକୁ ଯାଇ ଜଙ୍ଗଲ ଭିତରେ ବାଲୁକାରେ ଶିବ ଲିଙ୍ଗ ତିଆରି କରି ଶିବଙ୍କୁ ପୂଜା କରିଥିଲେ । ଶିବଙ୍କୁ ପ୍ରସନ୍ନ କରିବା ପାଇଁ ମା' ପାର୍ବତୀ ପ୍ରଥମେ ଫଳହାର କରି ପରେ ପରେ ଗଛରୁ ପଡ଼ିଥିବା ପତ୍ର ଖାଇ ନିଜ ତପସ୍ୟାରେ ମଗ୍ନ ହୋଇଥିଲେ । ଏହା ପରେ ମଧ୍ୟ ଶିବଙ୍କ ଦର୍ଶନ ତାଙ୍କୁ ମିଳିନଥିଲା । ଏହା ପରେ ମାତା ପାର୍ବତୀ ପତ୍ର ଖାଇବା ମଧ୍ୟ ଛାଡିଥିଲେ ତେଣୁ ତାଙ୍କୁ ଅପର୍ଣ୍ଣା କୁହାଗଲା । ଏହା ପରେ ଶିବ ପାର୍ବତୀଙ୍କ ଉପରେ ସନ୍ତୁଷ୍ଟ ହୋଇଥିଲେ ଓ ଦର୍ଶନ ଦେଇଥିଲେ, ପାର୍ବତୀଙ୍କୁ ବିବାହ କରିବାପାଇଁ କଥା ଦେଇଥିଲେ । ପାର୍ବତୀଙ୍କ ଏହି ନିଷ୍ଠା ଉପବାସକୁ ମନେପକାଇ ମହିଳାମାନେ ଏହି ବ୍ରତ ପାଳନ କରିଥାନ୍ତି । ନିଜ ସ୍ୱାମୀଙ୍କ ମଙ୍ଗଳ ପାଇଁ ଓ ଦୀର୍ଘାୟୁ ପାଇଁ ଶିବଙ୍କୁ ପ୍ରାର୍ଥନା କରିଥାଆନ୍ତି । ପାର୍ବତୀ ବାଲିରେ ଶିବଲିଙ୍ଗ ତିଆରି କରିଥିଲେ ସେଥି ପାଇଁ ବାଲିତୃତୀୟାରେ ବାଲୁକାରେ ଶିବ ଲିଙ୍ଗ କରି ପୂଜା କରାଯାଇଥାଏ । ଭାଦ୍ରବ ମାସର ଶୁକ୍ଳ ତୃତୀୟା ଦିନ ବାଲିତୃତୀୟା ବ୍ରତ ପଡ଼ିଥାଏ । ବାଲିତୃତୀୟାରେ ମୁଖ୍ୟତଃ ଭଗବାନ ଶିବଙ୍କୁ ଫଳ ପୂଜା କରାଯାଇଥାଏ । ରାମଚରିତ ମାନସର ପୃଷ୍ଠାରେ ଆମେ ଶିବ ପାର୍ବତୀଙ୍କ ଏହି ଉପାଖ୍ୟାନ ପଢ଼ିଥାଉ । ବାଲିତୃତୀୟା ବ୍ରତର କଥାକୁ ଭଗବାନ ଶିବ ନିଜେ ପାର୍ବତୀଙ୍କୁ କହିଥିଲେ, ପାର୍ବତୀ ଶିବଙ୍କୁ କିପରି ତୋଷିଲେ, ତାହା ପାର୍ବତୀ ଶିବଙ୍କ ମୁହଁରୁ ଶୁଣିବାକୁ ଚାହିଁଥିଲେ ।

**କାଳୀ ଦାସ,**
**ମୋ – ୭୨୦୫୧୦୦୮୩୯**



# ଦହି ପରଟା

**ସାମଗ୍ରୀ–** ଅଟା ୪ କପ୍, ଦହି ଅଧା କପ୍, ପୋଦିନା ପତ୍ର ଅଳ୍ପ ପରିମାଣ, କଟାହୋଇଥିବା କଞ୍ଚାଲଙ୍କା ୨ଟା, କଟା ହୋଇଥିବା ପିଆଜ ଗୋଟିଏ, ଘିଅ ୩ ଚାମଚ, ଜୁଆଣି ଅଧା ଚାମଚ ।

**ପ୍ରଣାଳୀ–** ପ୍ରଥମେ ଅଟାରେ ଜୁଆଣି, କଞ୍ଚା ଲଙ୍କା,ହଳଦୀ ଓ ଲୁଣ ପକାଇ ମିଶାଇ ନିଅନ୍ତୁ । ତାପରେ ଏଥିରେ ଦହି, ଏକ ଚାମଚ ଘିଅ, ପୋଦିନା ପତ୍ର ପକାଇ ଭଲକରି ଗୋଳାନ୍ତୁ ।



ଏହାପରେ ଅଟା ଚକଟି ନିଅନ୍ତୁ । ଏହାକୁ ୧୦ ମିନିଟ୍ ପାଇଁ ଅଲଗା ରଖି ନିଅନ୍ତୁ । ବର୍ତ୍ତମାନ ଏଥିରୁ ପରଟା ପ୍ରସ୍ତୁତ କରି ଘିଅରେ ସେକି ନିଅନ୍ତୁ । ଏହାକୁ ଚଟଣି କିମ୍ୱା ତରକାରୀ ସହିତ ପରଷନ୍ତୁ ।



# ପିଲାଙ୍କ ପାଇଁ ଘାତକ ଟ୍ରେଡ୍ ମିଲ୍

ଜିମ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ ହେଲା ଟ୍ରେଡ୍ ମିଲ୍ । ଆଜିକାଲି ସମସ୍ତେ ଫିଟ୍ ରହିବା ପାଇଁ ଜିମ୍ ଯିବାକୁ ଆଗ୍ରହୀ । କେତେକ ଯାଗାରେ ଛୋଟ ପିଲାଙ୍କୁ ମଧ୍ୟ ଜିମ୍ ନେଇଥାଆନ୍ତି । ତେବେ ଛୋଟ ପିଲାଙ୍କ ପାଇଁ ଟ୍ରେଡ୍ ମିଲ୍ ବିପଦପୂର୍ଣ୍ଣ । ଆମେରିକାର ପ୍ରୋଡକ୍ଟ ସେଫ୍ଟି କମିସନଙ୍କ ରିପୋର୍ଟ ଅନୁସାରେ ଟ୍ରେଡ୍ ମିଲ୍ ଛୋଟ ପିଲାଙ୍କ ପାଇଁ ବିପଦପୂର୍ଣ୍ଣ । ରିପୋର୍ଟ ଅନୁସାରେ ଟ୍ରେଡ୍ ମିଲ୍‌ରେ ଚାଲିବା ଫଳରେ ପିଲାଙ୍କର ଫ୍ୟାକ୍ଚର ହେବା, ଖଣ୍ଡିଆ ହେବା ଏପରିକି ମୃତ୍ୟୁର ମଧ୍ୟ ବିପଦ ରହିଥାଏ । ଏଭଳି ଅନେକ ଘଟଣା ଆମେରିକାରେ ଘଟିଥିବାରୁ, ସଂସ୍ଥା ପକ୍ଷରୁ ଏଭଳି ଚେତାବନୀ ଦିଆଯାଇଛି । ସର୍ବଦା ଛୋଟପିଲା, ଘରେ ଥିବା ପଶୁ ପକ୍ଷୀଙ୍କୁ ଟ୍ରେଡମିଲ୍‌ରୁ ଦୂରେଇ ରଖିବାକୁ ପରାମର୍ଶ ଦିଆଯାଇଛି । ଆୟୋଗ ପକ୍ଷରୁ ଏକ ଭିଡିଓ ଜାରି କରାଯାଇଛି, ଯେଉଁଥିରେ ଏକ ବାଳକ ଟ୍ରେଡ୍‌ମିଲ୍‌ରେ ଫସିଛି । ହେଲେ କେତେ ସମୟ ପରେ ସେ ଆପେଆପେ ବାହାରି ଯାଉଛି । କିନ୍ତୁ ଏହା ତା ଜୀବନକୁ ବିପଦରେ ପକାଇଥିବା ଆୟୋଗ ପକ୍ଷରୁ କୁହାଯାଇଛି । ତେବେ ଆୟୋଗର ଏହି ଚେତାବନୀକୁ କେତେକ ଲୋକ ସମାଲୋଚନା ମଧ୍ୟ କରିଛନ୍ତି । ସେମାନେ କହିଛନ୍ତି କି ଯଦି ସତର୍କତାର ସହ ଏହାକୁ ବ୍ୟବହାର କରାଯାଏ ତେବେ କିଛି ଅସୁବିଧା ହେବ ନାହିଁ । କିନ୍ତୁ ବୁଦ୍ଧିମତାର ପରିଚୟ ଏହା ଯେ ଟ୍ରେଡ୍‌ମିଲ୍ ଠାରୁ ନିଜ ପିଲାଙ୍କୁ ଦୂରେଇ ରଖିବା ।



# ନିଆରା ପକ୍ଷୀ

ଦୁନିଆରେ ପକୃତିଠାରୁ ନିଆରା କିଛି ବି ନାହିଁ । ପକୃତିରେ ଏଭଳି କିଛି କଥା ଅଛି ଯାହା ଆମକୁ ସବୁବେଳେ ଆଶ୍ଚର୍ଯ୍ୟ କରିଥାଏ । ସେହିଭଳି ଏକ ପକ୍ଷୀ ରହିଛି ଯାହା କେବେ ହେଲେ ବି ତଳେ ପାଦ ରଖିନଥାଏ । ଏହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ କଥାଟି ସତ । ପକ୍ଷୀମାନେ ସର୍ବଦା ଗଛରେ ବସିଥାଆନ୍ତି ନଚେତ୍ ଆକାଶରେ ଉଡୁଥାଆନ୍ତି । ତଳେ ମାଟିରେ ମଧ୍ୟ ବୁଲିଥାଆନ୍ତି । ତେବେ ଟ୍ରେରନ୍ ଫୋଏନିକୋପେଟରା ଏଭଳି ଏକ ପକ୍ଷୀ ଯାହା କେବେ ବି ମାଟିରେ ପାଦ ରଖିନଥାଏ ବୋଲି ସୂଚନା ରହିଛି । ଏହି ପକ୍ଷୀଟି ନିଜ ବସା ବରଗଛ କିମ୍ୱା ଅଶ୍ୱସ୍ଥ ଗଛରେ ନିର୍ମାଣ କରିଥାଏ । ସେ ଘାସ ଓ କାଠି ବ୍ୟବହାର କରି ନିଜର ବସାକୁ ଖୁବ୍ ବଡ ଓ ଗହଳିଆ ଭାବେ ତିଆରି କରିଥାଏ । ତେବେ ସେ ସର୍ବଦା ନିଜର ବସା ଉଚ୍ଚା ଗଛରେ କରିଥାଏ । ଏହି ପକ୍ଷୀର ରଙ୍ଗ ଗ୍ରେ ଓ ଗ୍ରୀନ ମିଶ୍ରିତ ହୋଇଥାଏ । ଏହା ଉପରେ ହଳଦିଆର ଧାର ପଡିଥାଏ । ଏହି ପକ୍ଷୀ ଗୁଡିକ କେବଳ ଗଛ ଉପରେ ହିଁ ରହିଥାଆନ୍ତି । ତେଣୁ ଏମାନେ କେବେ ବି ମାଟି ତଳକୁ ଆସନ୍ତି ନାହିଁ, କାରଣ ତାଙ୍କୁ ଗଛ ଉପରେ ରହିବା ପସନ୍ଦ । ଗଛ ଉପରେ ମଧ୍ୟ ଏହି ପକ୍ଷୀ ଗଛର ସବୁଠାରୁ ଉପର ଡାଳରେ ବସିଥିବାର ସର୍ବଦା ଦେଖାଯାଇଥାଏ । ଏହି ପକ୍ଷୀ ଫଳ ଖାଇବାକୁ ବେଶ୍ ପସନ୍ଦ କରିଥାଏ । ଏହି ପକ୍ଷୀ ଭାରତ ଛଡା ପାକିସ୍ତାନ, ନେପାଳ, ଶ୍ରୀଲଙ୍କା,ବର୍ମା, ଚୀନ ଆଦି ଦେଶରେ ଦେଖାଯାଇଥାଏ । ଏହି ପକ୍ଷୀ ଦଳରେ ରହିବାକୁ ପସନ୍ଦ କରିଥାଆନ୍ତି ।

# କାହାଣୀ କହିବ ସଂଘର୍ଷର ଗାଥା



ହରିୟାଣାର ଡାନ୍ସର ସପନା ଚୌଧୁରୀ ପୂରା ଭାରତରେ ବେଶ୍ ପରିଚିତ । ତାଙ୍କୁ ବିଗ୍‌ବସ୍‌ରେ ମଧ୍ୟ ଦେଖିବାକୁ ମିଳିଥିଲା । ତେବେ ସବୁବେଳେ ନିଜର ଡ୍ୟାନ୍ସ ପାଇଁ ଚର୍ଚ୍ଚାରେ ରହୁଥିବା ସ୍ୱପ୍ନା ବର୍ତ୍ତମାନ ଆଉ ଏକ ଘଟଣା ପାଇଁ ଲାଇମ୍ ଲାଇଟ୍‌ରେ ରହୁଛନ୍ତି । ଖୁବଶୀଘ୍ର ତାଙ୍କର ବାୟୋପିକ୍ ଆସିବାକୁ ଯାଉଛି। ବାୟୋପିକ୍‌ର ନାଁ ରହିଛି ମ୍ୟାଡମ୍ ସ୍ୱପ୍ନା । ତେବେ ନିକଟରେ ଏହାର ଟିଜର ରିଲିଜ୍ ହୋଇଛି । ବେଶ୍ ସାଧାରଣ ଜୀବନରୁ ସେଲିବ୍ରିଟି ଜୀବନ ଭିତରେ ସେ ଅନେକ କିଛି ସଂଘର୍ଷ କରିଛନ୍ତି , ଯାହାକୁ ଏହି ବୋୟୋପିକ୍‌ରେ ଦର୍ଶା ଯାଇଛି । ସବୁବେଳେ ତାଙ୍କୁ ଜୀବନରେ ଅନେକ ଟ୍ରୋଲିଂର ଶୁଣିବାକୁ ପଡିଛି, ଯାହାକୁ ଭ୍ରୁକ୍ଷେପ ନକରି ସେ ସବୁବେଳେ ଆଗକୁ ବଢିଛନ୍ତି । ତେଣୁ ସେ ଆଜି ଜୀବନରେ ସଫଳତା ପାଇପାରିଛନ୍ତି । ଏ ସମସ୍ତ ବିଷୟରେ ଫିଲ୍ମରେ ଦର୍ଶାଯାଇଛି । ଫିଲ୍ମର ଟିଜର ରିଲିଜ୍ ହେବା ପରେ ଏହାକୁ ନେଇ ସ୍ୱପ୍ନାଙ୍କ ଫ୍ୟାନଙ୍କ ଭିତରେ ବେଶ୍ ଉତ୍ସୁକତା ଦେଖିବାକୁ ମିଳିଛି । କେବଳ ଦର୍ଶକ ନୁହେଁ ଏହାକୁ ନେଇ ବି ଟାଉନ୍‌ର ବଡବଡ ଫିଲ୍ମ ମେକର ମଧ୍ୟ ବେଶ୍ ଉତ୍ସୁକ ଅଛନ୍ତି ।

# ବିଶ୍ୱର ପୁରାତନ ପାଣି

ବୈଜ୍ଞାନିକଙ୍କୁ ମିଳିଛି ଦୁନିଆର ସବୁଠାରୁ ପୁରାତନ ପାଣି । ଉକ୍ତ ପାଣି ପ୍ରାୟ ୧୬୦ ବର୍ଷ ପୁରୁଣା । ଟୋରାଣ୍ଟ ୟୁନିଭର୍ସିଟିର ଆଇସୋଟୋପ ଜିୟୋକେମେଷ୍ଟ୍ରି ବିଭାଗର ଭୂ ରସାୟନବିଦ୍ ବାରବରା ଶେରଉଡ୍ ଲୋଆର ଏହି ବିରଳ ଖୋଜ କରିଛନ୍ତି । ଏହି ପାଣିକୁ କାନାଡାର ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି ମ୍ୟୁଜିୟମରେ ସୁରକ୍ଷିତ ଅବସ୍ଥାରେ ରଖାଯାଇଛି । ବୈଜ୍ଞାନିକ ଜଣଙ୍କ ନିଜ ଟିମ୍ ସଦସ୍ୟଙ୍କ ଜରିଆରେ କାନାଡାର ଏକ ଖଣିରୁ ପାଣି ଜମା କରାଇଥିଲେ । ଏହାପରେ ସେହି ପାଣିକୁ ଯାଞ୍ଚ ପାଇଁ ଅକ୍ସଫୋର୍ଡ ୟୁନିଭର୍ସିଟିକୁ ପଠାଯାଇଥିଲା । ଏହାପରେ ଜଣାପଡିଥିଲା ଯେ ଉକ୍ତ ପାଣି ୧୬୦ ବର୍ଷର । ଏହି ପାଣିର ସାମ୍ପୁଲ୍ କାନାଡାର ଆଣ୍ଟାରିୟାର ଉତ୍ତରରେ ଅବସ୍ଥିତ ଟିମିନ୍ସରୁ ମିଳିଥିଲା । ପୂରା ବିଶ୍ୱର ଏହା ହେଉଛି ସବୁଠାରୁ ପୁରୁଣା ପାଣି । ଏହି ପାଣିରୁ ଅନେକ ତଥ୍ୟ ମିଳିବାର ସମ୍ଭାବନା ରହିଛି । ସେ ଅନେକ ଦିନ ଧରି କାନାଡାର ଏହି ସ୍ଥାନରେ ସାମ୍ପୁଲ କଲେକ୍ଟ କରୁଛନ୍ତି । ଯେଉଁ ସମୟରେ ତାଙ୍କୁ ଏହି ୧୬୦ବର୍ଷ ପୁରୁଣା ପାଣି ମିଳିଛି ।



ଏହାସହିତ ସେ ଏଠାରୁ ଅନ୍ୟ କେତେକ ପଦାର୍ଥ ମଧ୍ୟ ପାଇଛନ୍ତି । ଉକ୍ତ ପାଣି ବର୍ତ୍ତମାନ ମ୍ୟୁଜିୟମରେ ଅଛି, ତେବେ ପାଣିରେ କୋମୋଲିଥୋଟ୍ରୋଫିକ୍ ମାଇକ୍ରୋବ୍ସ ଅଧିକ ଥିବାରୁ ଏହାର ରଙ୍ଗ ହଳଦିଆ ଦେଖାଯାଉଛି ।

# ସଜାନ୍ତୁ ଟେବୁଲ୍ ଟପ୍



ଇଣ୍ଟେରିଅର ଡିଜାଇନ୍‌ରେ ସବୁବେଳେ କିଛି ନା କିଛି ନୂଆ ଟ୍ରେଣ୍ଡ ଆସୁଛି । ସେହିଭଳି ଟେବୁଲ୍ ଟପ୍ ଗୁଡିକୁ ସଜାଇବା ପାଇଁ ଏକ ଡିଜାଇନ୍ ହେଲା ଏପୋକ୍ସି ରେଜିନ୍ । ଏପୋକ୍ସି ରେଜିନ୍ ହେଲା ଏକ କେମିକାଲରୁ ତିଆରି ପଦାର୍ଥ । ଯାହାକୁ ବ୍ୟବହାର କରି ଆପଣ ଘରେ ବ୍ୟବହାର ହେଉଥିବା ସମସ୍ତ ଟେବୁଲ୍‌କୁ ନୂଆ ଲୁକ୍ ଦେଇପାରିବେ । ଏହାସହ ଏହାକୁ ବ୍ୟବହାର କରି ଅଫିସ୍‌ରେ ଥିବା ଟେବୁଲକୁ ଏକ ଫ୍ୟାନ୍ସି ଲୁକ୍ ଦେଇହେବ । ଏହି ମେଟେରିଆଲକୁ ବ୍ୟବହାର କରି ଅଧିକ କଳାକୃତି କରିହେବ । ଏହାକୁ ବ୍ୟବହାର କରି ଅନେକ ଆକର୍ଷଣୀୟ ଡିଜାଇନ ପ୍ରସ୍ତୁତ କରିହେବ । କାଠର ସାମଗ୍ରୀ କେବଳ ବ୍ରାଉନ୍ କଲରରେ ହିଁ ଆସିଥାଏ, ହେଲେ ଏପୋକ୍ସି ରେଜିନିରେ ଆପଣ ରଙ୍ଗର ଅନେକ ବିକଳ୍ପ ପାଇପାରିବେ । ଯାହାକୁ ବ୍ୟବହାର କରି ଆପଣ ନିଜ ପସନ୍ଦର ରଙ୍ଗ ବ୍ୟବହାର କରିପାରିବେ । ସେହିଭଳି ବଜାରରେ ଆପଣ ଏଥିରେ ପ୍ରସ୍ତୁତ ରେଡିମେଟ ଡିଜାଇନ ମଧ୍ୟ ପାଇପାରିବେ । ଯାହାକୁ ସିଧା ଟେବୁଲ ଟପ୍‌ରେ ବ୍ୟବହାର କରିହେବ । ଏହା ଖାଲି ଦେଖିବାକୁ ସୁନ୍ଦର ତାହା ନୁହେଁ ଖୁବ୍ ମଜବୁତ ମଧ୍ୟ ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୩୩୨
ତିଥି : ତୃତୀୟା
୦୬ ସେପ୍ଟେମ୍ବର ୨୦୨୪, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 332
06 Sept 2024, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ଶିକ୍ଷକମାନେ ଭବିଷ୍ୟତ ସମାଜର ମାର୍ଗଦର୍ଶକ : ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୫।୯ (ସବ୍ୟୁ) : ଗୁରୁ କେବଳ ବିଦ୍ୟାର୍ଥୀମାନଙ୍କର ଭବିଷ୍ୟତ ନିର୍ମାଣ କରନ୍ତି ନାହିଁ, ସେମାନେ ପୁରା ସମାଜର ଭବିଷ୍ୟତ ନିର୍ମାଣ କରନ୍ତି । ସେମାନେ ସମାଜର ମାର୍ଗଦର୍ଶକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ଆଜି ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରଠାରେ ରାଜ୍ୟସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି ।

ମୁଖ୍ୟମନ୍ତ୍ରୀ କହିଲେ ଯେ ଆଜିର ଗୁରୁମାନଙ୍କ ହାତରେ ହିଁ ଭବିଷ୍ୟତର ସୁରକ୍ଷା ଦାୟିତ୍ୱ । ରାଜ୍ୟ ସରକାର ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ଶିକ୍ଷା ବ୍ୟବସ୍ଥାର ଢାଞ୍ଚା ପ୍ରସ୍ତୁତ କରିବାକୁ ପ୍ରତିଶ୍ରୁତିବଦ୍ଧ । ଏହି ଦିଗରେ ସରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶିକ୍ଷକମାନେ କେବଳ ଉତ୍ତମ ଶିକ୍ଷାରେ ସନ୍ତୁଷ୍ଟ ନ ହୋଇ ପିଲାମାନେ ଯେପରି ଜୀବନରେ ମୂଲ୍ୟବୋଧ, ନୀତି ଓ ଆଦର୍ଶକୁ ଅନୁସରଣ କରିବେ, ସେଥିପ୍ରତି ଗୁରୁତ୍ୱ ଦେବା ଉଚିତ୍ ।

ନିଜର ଶିକ୍ଷକତା ଜୀବନକୁ ମନେ ପକାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପିଲାମାନଙ୍କ ଭବିଷ୍ୟତ ନିର୍ମାଣ ପାଇଁ ଶିକ୍ଷକମାନେ ଯେଉଁ ତ୍ୟାଗ କରନ୍ତି ତାହା ଅମୂଲ୍ୟ । ଛାତ୍ରଛାତ୍ରୀଙ୍କ ସଫଳତାରେ ହିଁ ଶିକ୍ଷକମାନେ ଜୀବନର ସାର୍ଥକତା ଅନୁଭବ କରିଥାନ୍ତି । ସେଥିପାଇଁ ସମସ୍ତେ ଗୁରୁମାନଙ୍କୁ ସମ୍ମାନ ଜଣାଇବା ଆବଶ୍ୟକ । ଆମ ଦେଶର ଗୁରୁ ଶିଷ୍ୟ ପରମ୍ପରା ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରି ରଖିଥିଲା । କିନ୍ତୁ ବିଦେଶୀ ଶାସନ ସମୟରେ ଆମର ସଂସ୍କୃତିଭିତ୍ତିକ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିଦିଆଯାଇଥିଲା । ବର୍ତ୍ତମାନ ଧିରେ ଧିରେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ହେଉଛି ଏବଂ ନୂତନ ଶିକ୍ଷା ବ୍ୟବସ୍ଥାରେ ସଂସ୍କୃତି ଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ରାଜ୍ୟରେ ଡ୍ରପ ଆଉଟ୍ ହାର କମାଇବା ପାଇଁ ରାଜ୍ୟ ସରକାର 'ମାଧୋ ସିଂହ ହାତ ଖର୍ଚ୍ଚ' ଯୋଜନା କାର୍ଯ୍ୟକାରୀ କରିବେ ବୋଲି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଏହା ଦ୍ୱାରା ୩ ଲକ୍ଷ ଆଦିବାସୀ ଛାତ୍ରଛାତ୍ରୀ ଉପକୃତ ହେବେ ଓ ଡ୍ରପ ଆଉଟ୍ ହାର ହ୍ରାସ କ୍ଷେତ୍ରରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହା ସହିତ ଗୁଣାତ୍ମକ ଶିକ୍ଷା ପାଇଁ ରାଜ୍ୟ ସରକାର 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଯୋଜନା କାର୍ଯ୍ୟକାରୀ କରିବେ । ଏଥିରେ ପ୍ରତି ପଞ୍ଚାୟତର ଗୋଟିଏ ଲେଖାଏଁ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟରେ ପରିଣତ କରାଯିବ । କାର୍ଯ୍ୟକ୍ରମରେ (୯ ପୃଷ୍ଠାରେ)

**ସଂସ୍କୃତି ଆଧାରିତ ଶିକ୍ଷା ବ୍ୟବସ୍ଥା ପାଇଁ ଉଦ୍ୟମ ଜାରି**
**ପ୍ରତି ପଞ୍ଚାୟତରେ ହେବ ମଡେଲ ସ୍କୁଲ**
**ଆରମ୍ଭ ହେଲା 'ନିପୁଣ ଓଡ଼ିଶା' ଓ 'ଡିପ୍' କାର୍ଯ୍ୟକ୍ରମ**
**ପ୍ରାଥମିକ ଶିକ୍ଷାରେ ଭାଷା ଏବଂ ସଂସ୍କୃତିର ଗୁରୁତ୍ୱ ପାଇଁ ବ୍ୟବସ୍ଥା**
**୩୦ଟି ଜିଲ୍ଲାର ୪୪,୭୨୮ଜଣ ବିଦ୍ୟାର୍ଥୀଙ୍କୁ ପୁରସ୍କାର ପ୍ରଦାନ**

# ଚଳିତ ବର୍ଷରୁ ସହିଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା

ଭୁବନେଶ୍ୱର, ୫।୯ (ସବ୍ୟୁ) : ଚଳିତ ବର୍ଷରୁ ସହିଦ୍ ମାଧୋ ସିଂ ହାତଖର୍ଚ୍ଚ ଯୋଜନା କାର୍ଯ୍ୟକାରୀ କରାଯିବ । ଯେଉଁ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଛାତ୍ରଛାତ୍ରୀମାନେ ଅଷ୍ଟମରୁ ଉତ୍ତୀର୍ଣ୍ଣ ହୋଇ ନବମ ଏବଂ ଦଶମରୁ ଉତ୍ତୀର୍ଣ୍ଣ ହୋଇ ଏକାଦଶ ଶ୍ରେଣୀରେ ନାମ ଲେଖାଇବା ପରେ ସେମାନଙ୍କ ପାଇଁ ପ୍ରୋତ୍ସାହନ ରାଶି ଭାବେ ବାର୍ଷିକ ୫ ହଜାର ଟଙ୍କା ପ୍ରଦାନ କରାଯିବ । ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ପ୍ରୋତ୍ସାହିତ କରିବା ପାଇଁ ଏହି ଯୋଜନା କାର୍ଯ୍ୟକାରୀ ହେବ । ଉପରୋକ୍ତ ନିଷ୍ପତ୍ତି ସମେତ ରାଜ୍ୟ କ୍ୟାବିନେଟ୍‌ରେ ୩ ପ୍ରସ୍ତାବକୁ ଅନୁମୋଦନ ମିଳିଛି ।

**କ୍ୟାବିନେଟ୍‌ରେ ୩ ପ୍ରସ୍ତାବ ଅନୁମୋଦନ**
**ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କୁ ମିଳିବ ୫ ହଜାର**
**ହୀରାକୁଦ ଡ୍ୟାମ ପ୍ରକଳ୍ପ କେନାଲ ପଦ୍ଧତି ନବୀକରଣ ଯୋଜନା ମଞ୍ଜୁର**
**ଦ୍ରବ୍ୟ ଓ ସେବା କର ଅଧିନିୟମରେ ସଂଶୋଧନ**

ଆଜି ବିଧାନସଭାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ ସହିଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନାରେ ଚଳିତ ବର୍ଷ ୩ ଲକ୍ଷ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି ଆଶା (୯ ପୃଷ୍ଠାରେ)

# କେଜରିୱାଲଙ୍କ ଜାମିନ ଆବେଦନ ରାୟ ସଂରକ୍ଷିତ

ନୂଆଦିଲ୍ଲୀ, ୫।୯ : ମଦନୀତି ମାମଲାରେ ସିବିଆଇ ଗିରଫ କରିଥିବା ଅରବିନ୍ଦ କେଜରିୱାଲଙ୍କ ଜାମିନ ଆବେଦନ ଉପରେ ସୁପ୍ରିମ୍‌କୋର୍ଟ ତାଙ୍କ ରାୟ ସଂରକ୍ଷିତ କରିଛନ୍ତି । ଶୁଣାଣି ପରେ ସୁପ୍ରିମ୍‌କୋର୍ଟର ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଉଜ୍ଜ୍ୱଳ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ ଯେ ଧନ୍ୟବାଦ, ରାୟ ସଂରକ୍ଷିତ, ମଙ୍ଗଳବାର ଦେଖାହେବ । ତେବେ ସିବିଆଇ ପକ୍ଷରୁ ଅରବିନ୍ଦ କେଜରିୱାଲଙ୍କୁ ଜାମିନକୁ ବିରୋଧ କରାଯାଇଥିଲା ।

ସୁପ୍ରିମ୍‌କୋର୍ଟଙ୍କ ଖଣ୍ଡପୀଠ କହିଥିଲେ ଯେ ସେମାନେ ଶୁଣାଣି ଶେଷ କରିଛନ୍ତି । ଇଡି ମାମଲାରେ କେଜରିୱାଲଙ୍କୁ ଜାମିନ ଦିଆସରିଛି । ସେ ବିଚାର ବିଭାଗୀୟ ହାଜତରେ ଥିବାବେଳେ ତାଙ୍କୁ ସିବିଆଇ ଗିରଫ କରିଛି । ତେବେ ଖଣ୍ଡପୀଠ କହିଥିଲେ ଯେ ବିଚାର ବିଭାଗୀୟ ହାଜତରେ ଥିବାବେଳେ ସିବିଆଇ ଗିରଫ କରିବାକୁ ହେଲେ କୋର୍ଟର ଅନୁମତି ଦରକାର । ଯଦି କେଜରିୱାଲଙ୍କୁ ପୁନଶ୍ଚ ଗିରଫ କରିବାର ଥିଲା ତେବେ କୋର୍ଟର ଅନୁମତି ନେବାର ଥିଲା । ଏହି ବ୍ୟବସ୍ଥା ସିପିସିରେ ଉଲ୍ଲେଖ ରହିଛି । କେଜରିୱାଲଙ୍କ ପକ୍ଷରୁ ବରିଷ୍ଠ ଆଇନ୍‌ଜୀବୀ ଅଭିକେଶ (୯ ପୃଷ୍ଠାରେ)

# ଲଘୁଚାପ ଯୋଗୁ ସାରା ରାଜ୍ୟରେ ବର୍ଷିବ

ଭୁବନେଶ୍ୱର, ୫।୯ (ସବ୍ୟୁ) : ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ବର୍ଷା ହେବା ସମ୍ଭାବନା ରହିଛି । ବିସ୍ତୃତ ଅଞ୍ଚଳରେ ବର୍ଷା ହେବ । ୭ରୁ ୯ ତାରିଖ ମଧ୍ୟରେ ଦକ୍ଷିଣ ଉପକୂଳ ଓ ଦକ୍ଷିଣ ଆଭ୍ୟାନ୍ତରୀଣ ଜିଲ୍ଲାର ଅଳ୍ପ କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ । ରାଜ୍ୟର ଅନେକ ସ୍ଥାନ ସହ ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ରେ ବିକ୍ଷିପ୍ତ ବର୍ଷା ହୋଇପାରେ । ଏଭଳି ଆକଳନ କରିଛନ୍ତି କୃଷି ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ ।

ଶ୍ରୀ ପଶୁପାଳକ କହିଛନ୍ତି ଯେ ଆସନ୍ତା ୧୦ ଓ ୧୧ ତାରିଖରେ ବାଲେଶ୍ୱର ଓ ଭଦ୍ରକରେ ପ୍ରବଳ ବର୍ଷା ହେବାକୁ ଥିବାବେଳେ ସଂଲଗ୍ନ କେନ୍ଦୁଝର, ଢେଙ୍କାନାଳ ଓ ସୁନ୍ଦରଗଡ଼ରେ ପ୍ରାୟତଃ ପ୍ରବଳ ବର୍ଷା (୩୫ରୁ ୬୪ ମିମି) ହେବାର ସମ୍ଭାବନା ରହିଛି । ଅନ୍ୟାନ୍ୟ ସ୍ଥାନରେ ପାଗ ମେଘୁଆ ସହିତ ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଉଣା ଅଧିକେ ବର୍ଷା ଲାଗିରହିବ ।

ଗୁରୁବାର ଅପରାହ୍ନ ୪ଟାରେ ବିଶାଖାପାଟଣା ଦୂରରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ରହିଥିଲା । ୭ ଓ ୮ରେ ଏହା ଘନୀଭୂତ ହୋଇ ଓଡ଼ିଶା ଉପକୂଳ ନିକଟରେ ରହିବ । ୯ରେ (୯ ପୃଷ୍ଠାରେ)

# ରାଷ୍ଟ୍ରପତିଙ୍କ ଠାରୁ ଜାତୀୟ ଶିକ୍ଷକ ପୁରସ୍କାର ଗ୍ରହଣ କଲେ ଓଡ଼ିଆ ଶିକ୍ଷକ



ଭୁବନେଶ୍ୱର, ୫।୯ (ସବ୍ୟୁ) : ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଜାତୀୟ ଶିକ୍ଷକ ପୁରସ୍କାର ଗ୍ରହଣ କରିଛନ୍ତି ଓଡ଼ିଶାର ଦୁଇ ଶିକ୍ଷକ । ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ଏକ ଭବ୍ୟ ସମାରୋହରେ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଛନ୍ତି ଓଡ଼ିଶାର ଦୁଇ ଯଶସ୍ୱୀ ଶିକ୍ଷକ । (୯ ପୃଷ୍ଠାରେ)

# ଶିଶୁ, ମହିଳାଙ୍କ ସୁରକ୍ଷା ଲାଗି କଠୋର ଆଇନ ଅଣାଯାଉ



ଭୁବନେଶ୍ୱର, ୫।୯ (ସବ୍ୟୁ) : ରାଜ୍ୟରେ ଶିଶୁ, ମହିଳା ଓ ଆଦିବାସୀ ସୁରକ୍ଷିତ ନୁହଁନ୍ତି । ରେମୁଣା, ଭୁବନେଶ୍ୱର, ପାଟଣା ଓ ସମ୍ବଲପୁର ଉଦାହରଣ ଦେଇ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ସରକାରଙ୍କ ମାନସିକତା ଉପରେ ବର୍ଷିଥିଲେ ବିରୋଧୀ । ପଶ୍ଚିମବଙ୍ଗ ସରକାର ଅପରାଜିତା ନାଁରେ ଯେମିତି ବିଲ ଆଣିଲେ, ସେହିଭଳି ରାଜ୍ୟ ସରକାର ମଧ୍ୟ କଠୋର ଆଇନ ଆଣନ୍ତୁ ବୋଲି ବିଜେଡି ଓ କଂଗ୍ରେସ ସଭ୍ୟ ଦାବି କରିଥିଲେ । ବର୍ତ୍ତମାନ ଆଇନ ତା'ବାଟରେ ଯିବାର ଅର୍ଥ ଅଭିଯୁକ୍ତ ତୁରନ୍ତ ଗିରଫ କରାଯାଉଛି । ଏହା ହିଁ ହେଉଛି ଫରକ । ଭୁବନେଶ୍ୱର, ବାଲେଶ୍ୱର ଏବଂ ସମ୍ବଲପୁର ଘଟଣାରେ ଏତଲା ହେବା କ୍ଷଣି ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି ବିଜେପି କହିଛି । (୯ ପୃଷ୍ଠାରେ)

**ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ଫେଲ୍ : ବିଜେଡି**
**ଡବଲ ଇଞ୍ଜିନ ସରକାର ମହିଳାଙ୍କ ଲାଗି ଶକ୍ତ ବିଲ ଆଣନ୍ତୁ : କଂଗ୍ରେସ**
**ଏତଲା ହେବା କ୍ଷଣି ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି : ବିଜେପି**

### ମହିଳା ଅପରାଧ ବିରୋଧରେ ଶୂନ୍ୟ ସହନଶୀଳତା ନୀତି : ମନ୍ତ୍ରୀ

ଭୁବନେଶ୍ୱର, ୫।୯ (ସବ୍ୟୁ) : ସରକାର ମହିଳାଙ୍କ ପ୍ରତି ହେଉଥିବା ଅପରାଧିକ ମାମଲାରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରି ଅଭିଯୋଗଗୁଡ଼ିକୁ ଗୁରୁତର ସହ ଗ୍ରହଣ କରୁଛନ୍ତି । ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଭାବେ ଦୃଢ଼ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଆଇନ୍ ସମସ୍ତଙ୍କ ଉର୍ଦ୍ଧ୍ୱରେ ବୋଲି ଆଲୋଚନାରେ ଉତ୍ତର ରଖି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି । ମନ୍ତ୍ରୀ କହିଛନ୍ତି ଯେ ଅପରାଧୀ ଯେ ହେଉନା କାହିଁକି, ଯେତେ ପ୍ରଭାବଶାଳୀ ହେଉ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସରକାର ସର୍ବଦା ପ୍ରତିବଦ୍ଧ ।

# ୪ ଯବାନ ସହିଦ

ନୂଆଦିଲ୍ଲୀ, ୫।୯ : ସିକିମ୍‌ରେ ସେନା ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବାରୁ ୪ ସୈନିକଙ୍କର ମୃତ୍ୟୁ ଘଟିଛି। ସିକିମ୍‌ର ପାକ୍‌ୟଙ୍ଗ ଜିଲ୍ଲାରେ ଏଭଳି ଘଟଣା ଦେଖିବାକୁ ମିଳିଛି । ସେନାକୁ ନେଇ ଯାଉଥିବା ଗାଡି ପ୍ରାୟ ୮୦୦ ଫୁଟ ଘାଇକୁ ଖସି ପଡ଼ିଥିଲା । ସେନାର ଏକ ଗାଡ଼ି କିଛି ସୈନିକଙ୍କୁ ନେଇ ପଶ୍ଚିମବଙ୍ଗ ପେଡାଙ୍ଗରୁ ସିକିମ୍‌ର ଜୁଲୁକ୍ ଯାଉଥିଲା । ଏହି ସମୟରେ ପାକିଂ ଜିଲ୍ଲାର ରେସମ ମାର୍ଗରେ ଏହି ଦୁର୍ଘଟଣା ଘଟିଥିଲା । ମୃତକମାନଙ୍କ ମଧ୍ୟରେ ମଧ୍ୟପ୍ରଦେଶର ଡ୍ରାଇଭର ପ୍ରଦୀପ ପଟେଲ, ମଣିପୁରର କାରିଗର ଡବ୍ଲ୍ୟୁପିଟର, ହରିୟାଣାର ନାୟକ ଗୁରୁସେଭ ସିଂହ, ତାମିଲନାଡୁର ସୁବେଦାର କେ ଥଙ୍ଗାପାଣ୍ଡି ବୋଲି ଜଣାପଡିଛି । ସମସ୍ତ ସେନା କର୍ମଚାରୀ ପଶ୍ଚିମବଙ୍ଗର ବିନାଗୁରୁ ୟୁନିଟ୍‌ରେ ନିୟୋଜିତ ଥିଲେ ।

# ବିଧାନସଭାରେ ରେଭେନ୍ସା ତାତି

ଭୁବନେଶ୍ୱର, ୫।୯ (ସବ୍ୟୁ): ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନକୁ ନେଇ ସୃଷ୍ଟି ହୋଇଥିବା ବିବାଦ କ୍ରମଶଃ ଉଗ୍ର ରୂପ ନେବାକୁ ଯାଉଛି । ବିଧାନସଭାରେ ବି ଏହାକୁ ମୁହାଁମୁହିଁ ହୋଇଛନ୍ତି ବିରୋଧୀ ଓ ଶାସକ । ଏ ପ୍ରସଙ୍ଗରେ ବିଜେଡି ଓ କଂଗ୍ରେସ ଦଳ ଏକ୍ ସ୍ୱରରେ ନାମ ପରିବର୍ତ୍ତନ ମତକୁ ବିରୋଧ କରିଛନ୍ତି। ବିରୋଧୀ ଦଳ ସତର୍କ କରାଇ ଦେଇଛନ୍ତି, ଅଯଥାରେ ଶାନ୍ତ ବାତାବରଣରେ ଅଶାନ୍ତ ସୃଷ୍ଟି କରାନଯାଉ । ନଚେତ ଆଗକୁ ବଡ଼ ଧରଣର ଛାତ୍ର ଆନ୍ଦୋଳନ ହେବ । ସରକାର ଏ ନେଇ ବିବୃତି ରଖି ବିବାଦର ଅବସାନ କରନ୍ତୁ।

ଶାସକ ଦଳର ସଭ୍ୟମାନେ ବି ନାମ ପରିବର୍ତ୍ତନ ମତ ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ଗଣତନ୍ତ୍ରରେ ଭିନ୍ନମତକୁ ସମ୍ମାନ ଦେବା ସହ ନଅଙ୍କ ଦୁର୍ଭିକ୍ଷ ସମୟ କଥା ମନେପକାଇ ତତ୍କାଳୀନ ପ୍ରଶାସକ ରେଭେନ୍ସାଙ୍କ କାର୍ଯ୍ୟକୁ ସମାଲୋଚନା କରିଥିଲେ। ପଡ଼ିଶାର ବରପୁତ୍ରମାନଙ୍କ ନାମରେ ଏହାକୁ ନାମିତ କରିବାକୁ ବି ମତ ଦେଇଥିଲେ। ଏହାକୁ ନେଇ ଗୃହରେ ଜୋରଦାର କଥା କଟାକଟି ହୋଇଥିଲା ।

ଶୂନ୍ୟକାଳରେ ରେଭେନ୍ସା ପ୍ରସଙ୍ଗ ଉଠାଇ ବିଜେଡି ବିଧାୟକ ବ୍ୟୋମକେଶ ରାୟ କହିଲେ, ରେଭେନ୍ସା ନାମ ପରିବର୍ତ୍ତନ ପାଇଁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବ୍ୟକ୍ତିଗତ ମତ ରଖିବା ସହ ଏହା ଉପରେ ତର୍ଜମା ପାଇଁ କହିଛନ୍ତି। ଏହି କଥାକୁ ସମର୍ଥନ କରି ଉପମୁଖମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ମଧ୍ୟ ତର୍ଜମା କରିବାକୁ ମତ ରଖିଛନ୍ତି। ଏହାକୁ ନେଇ ବର୍ତ୍ତମାନ ରାଜ୍ୟରେ ଅନେକ ଆଶଙ୍କା ପ୍ରକାଶ ପାଇଛି। ରେଭେନ୍ସା ଛାତ୍ରଛାତ୍ରୀଙ୍କ ସ୍ୱରକୁ ମୁଁ ଗୃହରେ ଉଠାଉଛି । ନଅଙ୍କ ଦୁର୍ଭିକ୍ଷ ପାଇଁ ଟିଇରେଭେନ୍ସାଙ୍କ ଉପରେ ସବୁ ଦୋଷ ଲଦି ଇତିହାସକୁ କଦର୍ଥ କରିବାକୁ ଚେଷ୍ଟା ଚାଲିଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ କେବଳ ଏକ ଗୌରବମୟ ଅନୁଷ୍ଠାନ ନୁହେଁ, ଉଚ୍ଚଶିକ୍ଷା କ୍ଷେତ୍ରରେ (୯ ପୃଷ୍ଠାରେ)

# କାନ୍ଧରେ ଦୁଇ ପୁଅଙ୍କ ଶବ ଧରି ୧୫ କିମି ଚାଲିଲେ ବାପା-ମା'



ନୂଆଦିଲ୍ଲୀ, ୫।୯ : ଆମ୍ବୁଲାନ୍ସ ମିଳିଲାନି । ପିତା-ମାତା ନିଜ ଦୁଇ ପୁଅଙ୍କ ଶବକୁ କାନ୍ଧରେ ଧରି ୧୫ କିମି ଚାଲି ନିଜ ଗାଁରେ ପହଞ୍ଚିଛନ୍ତି । ମହାରାଷ୍ଟ୍ରର ଗାଡିଚିରୋଲି ଜିଲ୍ଲାରେ ଏହି ଘଟଣା ଦେଖିବାକୁ ମିଳିଛି । ଗତ ୪ ତାରିଖରେ ଏକ ଦୁର୍ଗମ ଗାଁରେ ଏହି ଘଟଣା ଦେଖିବାକୁ ମିଳିଥିଲା ।

ଦୁଇ ଭାଇ ଯାହାଙ୍କ ବୟସ ୬ ଏବଂ ୩ । ସେମାନେ ଜ୍ୱରରେ ପୀଡିତ ହୋଇଥିଲେ । ସଠିକ୍ ଭାବେ ସ୍ୱାସ୍ଥ୍ୟ ସେବା ଏହି ଗାଁରେ ନଥିଲା । ଫଳରେ ବାପା-ମା' ତାଙ୍କ ପିଲାଙ୍କୁ ସ୍ଥାନୀୟ ପୂଜକଙ୍କ ପାଖରେ ପାରମ୍ପରିକ ଚିକିତ୍ସା କରିଥିଲେ । ଏହି ପୂଜକ ତାଙ୍କୁ କିଛି ଆୟୁର୍ବେଦିକ ଔଷଧ ଦେଇଥିଲେ । କିନ୍ତୁ ଏମାନଙ୍କ ସ୍ୱାସ୍ଥ୍ୟବସ୍ଥା ଧୀରେ ଧୀରେ ବିଗିଡିଥିଲା । କିଛିଘଣ୍ଟା ପରେ ଏମାନେ ଆହୁରି ଅସୁସ୍ଥ ହୋଇପଡିଥିଲେ । ତେଣୁ ସେମାନେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ଜିମ୍‌ଲା ଗାଟାକୁ ନେଇଯାଇଥିଲେ । ସେଠାରେ କୌଣସି ଆମ୍ବୁଲାନ୍ସ ସେବା ନଥିଲା । ଅଭିଭାବକଙ୍କ ନିକଟରେ ଅନ୍ୟ କୌଣସି ରାସ୍ତା ନଥିବାରୁ ସେମାନେ ତାଙ୍କ ପିଲାଙ୍କୁ ସେଠାକୁ ଅତି କଷ୍ଟରେ ନେଇଯାଇଥିଲେ । ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ସେଠାରୁ ତାଙ୍କ ଘର ୧୫ କିମି ଦୂର । ଆମ୍ବୁଲାନ୍ସ ନମିଳିବାରୁ କାଦୁଅ ପଚପଚ ରାସ୍ତାରେ ପିତା-ମାତା ତାଙ୍କ ଦୁଇ ପୁଅଙ୍କ ଶବକୁ କାନ୍ଧରେ ଧରି ଆସିବାର ଭିଡ଼ିଓ ଭାଇରାଲ ହୋଇଥିଲା । ଏଭଳି ଘଟଣା ଗଡଚିରୋଲି ଜିଲ୍ଲାରେ ଦେଖିବାକୁ ମିଳିଛି । ଏହା ଏକ ପ୍ରଥମ ଘଟଣା ନଥିଲା । ପୂର୍ବରୁ ଭମରାଗାଜ, ଇଟାପଲ୍ଲୀ ଏବଂ ଅହରିତେହସିଲ୍‌ରେ ମଧ୍ୟ ସ୍ୱାସ୍ଥ୍ୟସେବା ଅଭାବ ଯୋଗୁ ଏଭଳି ଘଟଣା ଦେଖିବାକୁ ମିଳିଛି । ଏହି ଗାଁଗୁଡିକୁ ସଠିକ୍ ରାସ୍ତା ନାହିଁ, ଡାକ୍ତର ନାହାନ୍ତି ଓ ଆମ୍ବୁଲାନ୍ସ ସେବା ନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ।

# ଏସ୍‌ବିଆଇରୁ ୧୬.୭୧ କୋଟି ଠକେଇ : ୬ ଗିରଫ

ଭୁବନେଶ୍ୱର, ୫।୯ (ସବ୍ୟୁ) : ଜାଲ୍ କାଗଜପତ୍ର ଦେଇ ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ରୁ ୧୬କୋଟି ୭୧ଲକ୍ଷ ଟଙ୍କା ଠକିନେଇଥିବା ର୍ୟାକେଟ୍‌ର ୬ଜଣଙ୍କୁ ଗିରଫ କରିଛି କ୍ରାଇମ୍‌ବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) । ତାଙ୍କ ଭିତରେ ଦମ୍ପତି ଥିବା କହିଛି ଇଓଡବ୍ଲ୍ୟୁ । ଗିରଫ ୬ଜଣଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି ।

ପଟିଆ ନିକଟ ଡିଏଲ୍‌ଏଫ୍‌ରେ ଅନିର୍ବାଣ ପଟ୍ଟନାୟକ ଓ ତାଙ୍କ ଅନୁପମା ଦାସ ଘରଭଡା ନେଇ ସୁରଭି ଭେଞ୍ଚର ପ୍ରାଇଭେଟ୍ ଲିମିଟେଡ୍ ନାମକ କମ୍ପାନୀ ଗଢିଥିଲେ । ସେହି କମ୍ପାନୀ ଆଞ୍ଚଳିକ ଫୋନ୍ ପେ' କାର୍ଯ୍ୟାଳୟ ଭାବେ କାମ କରୁଥିବା କମ୍ପାନୀ ପକ୍ଷରୁ ଦର୍ଶାଯାଇଥିଲା । ଏପରିକି ଭେରିଫିକେସନ ସମୟରେ ଜାଲ୍ ଇ-ମେଲ୍ ଆଇଡି ଦେଇଥିଲା କମ୍ପାନୀ । ନକଲି ସାଲାରୀ ସାର୍ଟିଫିକେଟ୍ କରି ଜାଲ୍ କାଗଜପତ୍ର ଜରିଆରେ ୧କୋଟି ୭୧ଲକ୍ଷ ଟଙ୍କା ଠକେଇ ହୋଇଛି । ପଟିଆ, ରଘୁନାଥପୁର, ଜୟଦେବବିହାର ଓ ଝାରପଡା ଏସ୍‌ବିଆଇ ବ୍ରାଞ୍ଚରୁ ଏହି ଠକେଇ ହୋଇଥିବା ଇଓଡବ୍ଲୁ କହିଛି ।

ଗିରଫ ହୋଇଥିବା ୨୦୨୨ ନଭେମ୍ବରରୁ ୨୦୨୩ ଅକ୍ଟୋବର ମାସ ମଧ୍ୟରେ ଏହି ଠକେଇ କାରବାର ହୋଇଥିବା ଇଓଡବ୍ଲ୍ୟୁ କହିଛି । ୧୬୧ ଜଣଙ୍କ ନାଁରେ ବ୍ୟକ୍ତିଗତ ଋଣ ନେଇଛନ୍ତି ଏକ୍ସପ୍ରେସ୍ କ୍ରେଡିଟ୍ ଲୋନ୍ ମାଧ୍ୟମରେ । ସେମାନଙ୍କ ମଧ୍ୟରୁ ୬ଜଣଙ୍କୁ (୯ ପୃଷ୍ଠାରେ)

### 'ରାଷ୍ଟ୍ରୀୟ ଶିକ୍ଷକ ପୁରସ୍କାର-୨୦୨୪' ପ୍ରଦାନ କଲେ ରାଷ୍ଟ୍ରପତି

# ଦେଶର ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣକାରୀ ଶିକ୍ଷକମାନଙ୍କୁ ଶ୍ରେଷ୍ଠ ସମ୍ମାନ : ଧର୍ମେନ୍ଦ୍ର




ଭୁବନେଶ୍ୱର (ସବ୍ୟୁ): 'ଗୁରୁ ଦିବସ'ରେ ନୂଆଦିଲ୍ଲୀ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଭାରତବର୍ଷର ୫୦ ଜଣ ଶ୍ରେଷ୍ଠ ଶିକ୍ଷକଙ୍କୁ 'ରାଷ୍ଟ୍ରୀୟ ଶିକ୍ଷକ ପୁରସ୍କାର- ୨୦୨୪' ପ୍ରଦାନ କରିଛନ୍ତି । ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି ସମାରୋହରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଶର ପ୍ରତିଭାବାନ ଶିକ୍ଷକମାନଙ୍କୁ ଜାତୀୟ ଶିକ୍ଷା ପୁରସ୍କାରରେ ସମ୍ମାନିତ କରିବା ସହ ମାର୍ଗଦର୍ଶନ ଦେଇଥିବାରୁ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଗୁରୁ ଦିବସର ଶୁଭେଚ୍ଛା ଜଣାଇବା ସହ ସମ୍ମାନିତ ଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ଯେ ଜାତୀୟ ଶିକ୍ଷକ ପୁରସ୍କାର ତ୍ୟାଗ, ତପସ୍ୟା ଏବଂ ଅଦ୍ୱିତୀୟ ଯୋଗଦାନର ଅନନ୍ୟ ଉତ୍ସବ । ରାଷ୍ଟ୍ରପତି ଗୁରୁ ଦିବସରେ ସୁଦୃଢ ସମାଜ ଏବଂ ସଶକ୍ତ ରାଷ୍ଟ୍ରର ଆଧାରଶିଳା ରଖୁଥିବା ଶିକ୍ଷକଙ୍କୁ ରାଷ୍ଟ୍ରୀୟ ଶିକ୍ଷକ ପୁରସ୍କାରରେ ସମ୍ମାନିତ କରିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ରାଷ୍ଟ୍ରର ଗଠନ ତଥା ଯୁବବର୍ଗଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶିକ୍ଷା ଓ ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦେଶର ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରୁଥିବା ଶିକ୍ଷକମାନଙ୍କୁ ଏହା ଉପଯୁକ୍ତ ସମ୍ମାନ । ଏହି ସମ୍ମାନ ଜୀବନକୁ ସମୃଦ୍ଧ କରିବା ଏବଂ ଭବିଷ୍ୟତ ଗଠନ ପାଇଁ ସେମାନଙ୍କର ଅତୁଟ ସମର୍ପଣର ସ୍ୱୀକୃତି । ଜାତୀୟ ଶିକ୍ଷା ନୀତିର ଭାବନାକୁ ଆଗକୁ ବଢ଼ାଇବା ପାଇଁ ସେମାନଙ୍କ ପ୍ରତିବଦ୍ଧତାକୁ ପ୍ରଶଂସା କରିଛନ୍ତି । ସମଗ୍ର ଭାରତରେ ଦକ୍ଷତା ପ୍ରଶିକ୍ଷଣ ଏବଂ ବିଦ୍ୟାଳୟ ଓ ଉଚ୍ଚଶିକ୍ଷାର ଗୁଣାତ୍ମକ ଉନ୍ନତି ଦିଗରେ ଆମର ଶିକ୍ଷକ ଏବଂ ସେମାନଙ୍କର ଅତୁଳନୀୟ ଅବଦାନକୁ ପାଳନ କରିବା ଏକ ବଡ଼ ସମ୍ମାନ ବୋଲି ସେ କହିଛନ୍ତି । ଓଡ଼ିଶା ସମେତ ଦେଶର ୫୦ ଜଣ ପ୍ରତିଭାବାନ ଶିକ୍ଷକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଓଡ଼ିଶାର ଡ. ଦ୍ୱିତୀ ଚନ୍ଦ୍ର ସାହୁ ଏବଂ ସନ୍ତୋଷ କୁମାର କର ଏହି ସମ୍ମାନଜନକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି ।

### ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସମୀକ୍ଷା

# ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଜନସାଧାରଣଙ୍କୁ ଶ୍ରମ ଭିତ୍ତିକ ନିଯୁକ୍ତି ଦେବାପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରିଛନ୍ତି । ସମୀକ୍ଷାରେ ଜଙ୍ଗଲ ଅଞ୍ଚଳରେ ଅବୈଧ ଗଛ କଟା ବନ୍ଦ କରିବା ପାଇଁ ଏବଂ ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକମାନଙ୍କୁ ଶ୍ରମ ଭିତ୍ତିକ ନିଯୁକ୍ତି ଦେବାପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ଦେଇଛନ୍ତି । ୨୦୧୯-୨୦ ବର୍ଷ ଠାରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ କାରଣ ଯୋଗୁ ୪୪୪ଟି ହାତୀ ପ୍ରାଣ ହରାଇଛନ୍ତି । ଏହି ସମୟ ମଧ୍ୟରେ ୭୨୯ ଜଣ ବ୍ୟକ୍ତି ମଧ୍ୟ ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି । ମୁଖ୍ୟମନ୍ତ୍ରୀ ଏଥିରେ ଉଦ୍ବେଗ ପ୍ରକାଶ କରି ମଣିଷ-ପ୍ରାଣୀ ସଂଘର୍ଷ କମାଇବା ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପରାମର୍ଶ ଦେଇଥିଲେ । ନିଜ ଜୀବନ ପ୍ରତି ଥିବା ଭୟକୁ ଭ୍ରୁକ୍ଷେପ ନ କରି ଜଙ୍ଗଲ ଓ ବନାଖଣ୍ଡର ସୁରକ୍ଷା କାମରେ ନିୟୋଜିତ ବନ କର୍ମଚାରୀ ମାନଙ୍କ ମନୋବଳ ବୃଦ୍ଧି କରିବା ପାଇଁ, ସେମାନଙ୍କ ପାଇଁ ପ୍ରୋତ୍ସାହନ ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।



ଏହାସହିତ ବନୀକରଣ କାର୍ଯ୍ୟକ୍ରମରେ ଗଛ ଗୁଡିକ ଯେପରି ବଞ୍ଚି ରହିବ, ସେଥିପାଇଁ ନିୟମିତ ଭାବରେ ନିରୀକ୍ଷଣ ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ ।

ବିଭାଗରେ ଖାଲି ଥିବା ପଦବୀ ସଂପର୍କରେ ହୋଇଥିବା ଆଲୋଚନାରୁ ଜଣାଯାଇଛି ଯେ ବର୍ତ୍ତମାନ ସୁଦ୍ଧା ୧୬୭୭ଟି ବନରକ୍ଷୀ ଓ ୩୧୬ଟି ବନପାଳ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଖୁବଶୀଘ୍ର ଏହି ପଦବୀ ଗୁଡିକ ପୂରଣ କରାଯିବ । ବାକିଥିବା ପଦବୀ ଗୁଡିକ ପାଇଁ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ଏକ ପେଡ୍ ମା କେ ନାମ୍' ଅଭିଯାନରେ ବର୍ତ୍ତମାନ ସୁଦ୍ଧା ମେରି ଲାଇଫ ପୋର୍ଟାଲରେ ପଞ୍ଜିକୃତ ହୋଇଥିବା ଚାରା ସଂଖ୍ୟା ୩ କୋଟି ୧୩ ଲକ୍ଷରେ ପହଞ୍ଚିଛି । ଏ ବର୍ଷ ଶେଷ ସୁଦ୍ଧା ସାଢେ ଚାରି କୋଟି ଚାରା ଲଗାଯାଇ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେବ ବୋଲି ବୈଠକରେ ପ୍ରକାଶ କରାଯାଇଥିଲା ।

ବୈଠକରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପିସିସିଏଫ ଦେବୀଦତ୍ତ ବିଶ୍ୱାଳ ଏବଂ ପିସିସିଏଫ (ୱାଇଲ୍ଡ ଲାଇଫ) ସୁଶାନ୍ତ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# ବର୍ଷକୁ ୬ ଲକ୍ଷରୁ ଊର୍ଦ୍ଧ୍ୱ ବଜ୍ର ମାରୁଛି

ଭୁବନେଶ୍ୱର(ସବ୍ୟୁ): ଓଡିଶାରେ ୫ ବର୍ଷ ଭିତରେ ବଜ୍ରପାତରେ ୧୬୨୫ ଜଣ ମୃତ୍ୟୁବରଣ କରିଛନ୍ତି । ଏହା ଦେଶରେ ସର୍ବାଧିକ । ଉତ୍ତରପ୍ରଦେଶ ଭଳି ବଡ ରାଜ୍ୟରେ ୫ବର୍ଷରେ ମାତ୍ର ୫୪୨ ଜଣ ବଜ୍ରପାତରେ ମରିଛନ୍ତି । ସୁନ୍ଦରଗଡ, କେନ୍ଦୁଝର, ମୟୁରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ ବଜ୍ରପାତ ଜନିତ ମୃତ୍ୟୁ ଘଟୁଛି । ରାଜ୍ୟରେ ପ୍ରତିବର୍ଷ ହାରାହାରି ୬ଲକ୍ଷରୁ ଅଧିକ ବଜ୍ରାଘାତ ହେଉଛି ।

ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରଶ୍ନର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ମୟୁରଭଞ୍ଜ ଜିଲ୍ଲାରେ ବର୍ଷକୁ ହାରାହାରି ୭୨ହଜାର ଥର ବଜ୍ରାଘାତ ହେଉଥିବାବେଳେ ସୁନ୍ଦରଗଡରେ ୫୦ହଜାର ଓ କେନ୍ଦୁଝରେ ଜିଲ୍ଲାରେ ହାରାହାରି ୪୬ହଜାର ଥର ବଜ୍ରାଘାତ ହେଉଛି । ଅଧ୍ୟୟନରୁ ଜଣାଯାଇଛି ଯେ ଖଣିଜ ସାମଗ୍ରୀ ମହଜୁଦ ଥିବାରୁ ଓଡିଶାରେ ଅଧିକ ପରିମାଣରେ ବଜ୍ରପାତ ହେଉଛି ।

ବଜ୍ରାଘାତ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତ ଏକ ପ୍ରାକୃତିକ ବିପର୍ଯ୍ୟୟ ନହେଲେ ମଧ୍ୟ ରାଜ୍ୟ ସରକାର ୨୦୧୫ ମସିହା ଠାରୁ ଏହାକୁ ରାଜ୍ୟ ବିପର୍ଯ୍ୟୟ ଭାବେ ଘୋଷଣା କରିଛନ୍ତି । ତଦନୁଯାୟୀ ବଜ୍ରାଘାତରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କୁ ବର୍ତ୍ତମାନ ୪ଲକ୍ଷ ସହାୟତା ପ୍ରଦାନ କରାଯାଉଛି । ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା ପାଇଁ କେନ୍ଦ୍ର ସରକାର ବର୍ଷକୁ ୨୨୦୦ ରୁ ୨୩୦୦ କୋଟି ଟଙ୍କା ପ୍ରଦାନ କରୁଛନ୍ତି । ଏଥିରୁ ୨୦୦ କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ରହିଛି । ସମ୍ବଲପୁର ଓ ବାଲେଶ୍ୱର ଠାରେ ଡୋପଲାର ରାଡାର ପ୍ରତିଷ୍ଠା ପାଇଁ ନିର୍ମାଣ କାର୍ଯ୍ୟ ଜାରି ରହିଛି ।

ଏହାର ନିରାକରଣର ଏକମାତ୍ର ଉପାୟ ହେଲା ଜନସଚେତନତା । ଏଥିପାଇଁ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛନ୍ତି । ସେହିଭଳି ରାଜ୍ୟ ସରକାର ତାଳଗଛ ଲଗାଇବା ଉପରେ ଗୁରୁତ୍ୱ ଦେଉଛନ୍ତ । ଜଙ୍ଗଲ ଓ ପରିବେଶ ବିଭାଗକୁ ୭କୋଟି ଟଙ୍କା ପ୍ରଦାନ କରାଯାଇଛି । ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ମୂଳ ପ୍ରଶ୍ନ ଉପରେ ସଦସ୍ୟ ଲକ୍ଷ୍ମଣ ବାଗ୍, ଅଶ୍ୱିନୀ ପାତ୍ର ଓ ତାରା ପ୍ରସାଦ ବାହିନୀପତି ପ୍ରମୁଖ ଅତିରିକ୍ତ ପ୍ରଶ୍ନ ପଚାରିଥିଲେ ।

# ଅଜଣା ଗାଡ଼ି ଧକ୍କାରେ ବାପ ପୁଅ ମୃତ

କଟକ,(ସବ୍ୟୁ) କଟକ ସୁଭାଷ ସେତୁ ଉପରେ ଘଟିଛି ଏକ ମର୍ମନ୍ତୁଦ ଦୁର୍ଘଟଣାଛ ଏକ ଅଜଣା ଗାଡି ଧକ୍କାରେ ଗୁରୁବାର ରାତିରେ ସ୍କୁଟିରେ ଆସୁଥିବା ବାପ ପୁଅଙ୍କର ମୃତ୍ୟୁ ଘଟିଛି । ମୃତକ ଦୁଇଜଣ ହେଉଛନ୍ତି କଟକ ଅଲିଶା ବଜାରର ଜୟକୃଷ୍ଣ ଦାସ ଓ ପୁଅ ଦିଲ୍ଲିପ କୁମାର ଦାସ । ଉଭୟ କଟକ ପଟରୁ ଓଡି ୦୫ଏପି ୨୪୮୭ ନମ୍ବର ସ୍କୁଟି ଯୋଗେ ଭୁବନେଶ୍ୱର ଆଡ଼କୁ ଆସୁଥିଲେ । ସୁବାସ ସେତୁ ଉପରେ ପହଞ୍ଚିଥିବା ବେଳେ ଏକ ଅଜଣା ଗାଡି ପଛପଟୁ ଧକ୍କା ଦେଇ ପଳାଇ ଯାଇଥିଲା । ଉଭୟ ବାପପୁଅ ଗାଡିରୁ ଛିଟିକି ପଡ଼ି ଫୁଟପାଥ୍ ରେ ମାଡ଼ ହୋଇ ଚେତା ଶୂନ୍ୟ ହୋଇ ରକ୍ତାତ ଅବସ୍ଥାରେ ପଡ଼ି ରହିଥିଲେ । ଦୁର୍ଘଟଣା ପରେ ସେତୁ ଉପରେ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା । ଖବର ପାଇ ବାରଙ୍ଗ ଥାନା ଅଧିକାରୀ ବିଶ୍ୱରଂଜନ ନାୟକ ଘଟଣା ସ୍ଥଳରେ ପହଞ୍ଚି ଟ୍ରାଫିକ ସମସ୍ୟା ଦୁର କରିବା ସହ ଗୁରୁତର ଅବସ୍ଥାରେ ବାପ ପୁଅକୁ କଟକ ବଡମେଡ଼ିକାଲକୁ ପଠାଇଥିଲେ । ଡାକ୍ତରଖାନାରେ ବାପା ପୁଅଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିବା ଜଣାପଡିଛି ।




ବିଧାନସଭା ସଚିବ ଦାଶରଥି ଶତପଥୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିଧାନସଭାର ନୂଆ କ୍ୟାଲେଣ୍ଡର ପ୍ରଦାନ କରୁଛନ୍ତି ।

### କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଖର୍ଚ୍ଚଦାବି ପାରିତ

# ଖୁବଶୀଘ୍ର ସିଏମ କିଷାନ ଯୋଜନା : ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ସବ୍ୟୁ): କୃଷି ଓ କୃଷକ ସଶକ୍ତିକରଣ ବିଭାଗର ୨୦୨୪-୨୫ ଆର୍ଥିକ ବର୍ଷର ଖର୍ଚ୍ଚ ଦାବି ଉପସ୍ଥାପନା କରିଥିଲେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ରାଜ୍ୟରେ କୃଷି କ୍ଷେତ୍ରରେ ସର୍ବାଧିକ ମାନବ ସମ୍ବଳର ବିନିଯୋଗ ହେଉଛି ଏବଂ ଏହା ସାମାଜିକ ଓ ଆର୍ଥିକ ପ୍ରଗତିର ମୂଳଦଣ୍ଡ । କୃଷି କ୍ଷେତ୍ର ପାଇଁ ଗତ ବର୍ଷର ବଜେଟ୍ ତୁଳନାରେ ଚଳିତ ବର୍ଷ ପ୍ରାୟ ଦୁଇଗୁଣ ଅର୍ଥ ବ୍ୟୟ ବରାଦ କରାଯାଇଛି । ୨୦୨୪-୨୫ ପାଇଁ ୧୩,୧୭୮.୮୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ନିକଟ ଅତୀତରେ କୃଷି କ୍ଷେତ୍ରରେ ଚିରନ୍ତରତା ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଉଛି ବୋଲି କୃଷି ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ।

ସେହିପରି ପିଏମ କିସାନ ଯୋଜନା ରାଜ୍ୟର ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ବାସ କରୁଥିବା କୃଷକମାନେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ପିଏମ-କିସାନ ଯୋଜନା ଅଧୀନରେ ଆର୍ଥିକ ସହାୟତା ପାଇବାକୁ ଯୋଗ୍ୟ ବିବେଚିତ ହେବେ ଏବଂ ଏ ସମ୍ବନ୍ଧରେ ରାଜ୍ୟ ସରକାର ନୀତିଗତ ନିଷ୍ପତ୍ତି ନେଇସାରିଛନ୍ତି । ଏହି ଯୋଜନାରୁ ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ସାମିଲ କରିବା ନିମନ୍ତେ ଏକ ସ୍ୱତନ୍ତ୍ର ପଦକ୍ଷେପ ନୂଆଖାଇ ପର୍ବ ଠାରୁ ଆରମ୍ଭ କରାଯିବ । ସେହିପରି ସିଏମ କିଷାନ ଯୋଜନାରେ ରାଜ୍ୟର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଉଭୟ ଖରିଫ୍ ଓ ରବି ଋତୁ ଆରମ୍ଭରେ ୨,୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ । ରାଜ୍ୟର ଭୂମିହୀନ କୃଷକ ପରିବାରମାନଙ୍କୁ ତିନୋଟି କିସ୍ତିରେ ୧୨,୫୦୦ ଟଙ୍କାର ଜୀବିକା ନିର୍ବାହ ସହାୟତା ମଧ୍ୟ ଯୋଗାଇ ଦିଆଯିବ । ଏହି ଯୋଜନାରେ ସରକାର ୧୯୩୫ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି । କୃଷି ବିଦ୍ୟା ନିଧି ଯୋଜନାରେ ସିଏମ କିଷାନ ହିତାଧିକାରୀ ପିଲାମାନଙ୍କୁ ସରକାରୀ ଅନୁଷ୍ଠାନରେ ସ୍ନାତକୋତ୍ତର ଶିକ୍ଷାପ୍ରାପ୍ତ ପର୍ଯ୍ୟନ୍ତ ବାର୍ଷିକ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଛାତ୍ରବୃତ୍ତି ଯୋଗାଇ ଦେବାର ବ୍ୟବସ୍ଥା କରାଯିବ। ପ୍ରାରମ୍ଭିକ ଅବସ୍ଥାରେ ରାଜ୍ୟରେ ୫୮ ଗୋଟି ଶୀତଳ ଭଣ୍ଡାର ସବ୍ ଡିଭିଜନ ସ୍ତରରେ ସ୍ଥାପନ କରାଯିବ । ଓଡିଶା ବଳଭଦ୍ର ଜୈବିକ ଚାଷ ମିଶନ୍ ଯୋଜନା ରେ ରାଜ୍ୟରେ ରୋଗ ଓ କୀଟଦ୍ୱାରା ଫସଲ କ୍ଷୟକ୍ଷତିକୁ ରୋକିବା ନିମନ୍ତେ ଜୈବିକ ଚାଷର ବ୍ୟାପକୀକରଣ ପାଇଁ ପଦକ୍ଷେପ ନିଆଯିବ ।

ଖର୍ଚ୍ଚଦାବି ଆଲୋଚନାରେ ବିଜେଡ଼ି ସଦସ୍ୟ ଧ୍ରୁବ ଚରଣ ସାହୁ କହିଥିଲେ, ସରକାର ଧାନ ସଂଗ୍ରହ ସମୟରେ କ୍ୱିଣ୍ଟାଲ ପ୍ରତି ୮ ଶହ ଟଙ୍କା ବୋନସ ଦେବାକୁ ଯେଉଁ ପ୍ରତିଶୃତି ଦେଇଛନ୍ତି, ତାକୁ ଅକ୍ଷରେ ଅକ୍ଷରେ ପାଳନ କରନ୍ତୁ । କଂଗ୍ରେସ ବିଧାୟକ ଆପାଲସ୍ୱାମୀ କାଡ୍ରାକା କହିଲେ ଯେ ପୂର୍ବ ସରକାରରେ ଆରମ୍ଭ ହୋଇଥିବା ମାଣ୍ଡିଆ ଯୋଜନା ଆଦିବାସୀ ଜିଲ୍ଲାରେ ଫଳପ୍ରଦ ହୋଇପାରିନଥିଲା । ଏବେକାର ସକରାର ଏ କ୍ଷେତ୍ରରେ ସୁଧାର ଆଣି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମାଣ୍ଡିଆ ଚାଷ କରିବାକୁ କୃଷି ବିଭାଗ ଅଧିକ ପୋତ୍ସାହନ ଦେଉ ବୋଲି କହିଥିଲେ । ବିଜେପି ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ କହିଲେ ଯେ ପୂର୍ବ ବିଜେଡ଼ି ସରକାର ଅନେକ ଯୋଜନା କେବଳ ଘୋଷଣା କରିଥିବା ବେଳେ ତାହା ବାସ୍ତବରେ କାର୍ଯ୍ୟକାରୀ ହେଉନଥିଲା। ପୂର୍ବ ମୁଖ୍ୟମନ୍ତ୍ରୀ ବରଗଡ଼ ଜିଲ୍ଲାର ସୋହେଲା ଠାରେ କ୍ୱିଣ୍ଟାଲ ପ୍ରତି ୧୦୦ ଟଙ୍କା ବୋନସ ଘୋଷଣା କରି ଲାଗୁ କରିନଥିଲେ । କିନ୍ତୁ ରାଜ୍ୟର ପ୍ରଥମ ବିଜେପି ସରକାର କ୍ୱିଣ୍ଟାଲ ପ୍ରତି ୮ଶହ ଟଙ୍କା ବୋନସ ଦେବାକୁ ବଦ୍ଧପରିକର ବୋଲି କହିଥିଲେ । ବିଧାୟକ ଶାରଦା ପ୍ରସନ୍ନ ଜେନା, ପବିତ୍ର ସାଉନ୍ତା, ସନତ କୁମାର ଗଡ଼ତିଆ, ନିରଞ୍ଜନ ପୁଜାରୀ, ନୀଳମାଧବ ହିକ୍କା, ନିହାର ରଞ୍ଜନ ମହାନନ୍ଦ, ସୁଧୀର କୁମାର ପାଟ୍ଟଯୋଷୀ, ପ୍ରତାପ ଚନ୍ଦ୍ର ନାଏକ, ସିଦ୍ଧାନ୍ତ ମହାପାତ୍ର, ଅଶୋକ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ସେଠୀ, ଭାଦବ ହାଁସଦା, ଦୁଷ୍ମନ୍ତ କୁମାର ସ୍ୱାଇଁ, ସନ୍ତୋଷ ଖଟୁଆ ପ୍ରମୁଖ କହିଥିଲେ । ଆଲୋଚନା ପରେ ଉପସ୍ଥାପିତ ୧୩,୧୭୮.୮୪ କୋଟି ଟଙ୍କା ଖର୍ଚ୍ଚଦାବି ଗୃହୀତ ହୋଇଥିଲା ।

### କଏଦୀ ଆକ୍ରମଣର ତଦନ୍ତ ଶେଷ

# କ୍ଲାସ୍‌ମେଟ୍‌ଙ୍କ ପାଇଁ ତଦନ୍ତ ବାଟବଣା !

ଭୁବନେଶ୍ୱର, (ସବ୍ୟୁ) : ଝାରପଡା ଜେଲ୍‌ରେ ବିଚାରାଧୀନ ବନ୍ଦୀ ସୂର୍ଯ୍ୟକାନ୍ତଙ୍କ ଆକ୍ରମଣ ଘଟଣାର ତଦନ୍ତ ଶେଷ ହୋଇଛି । ତଦନ୍ତ ରିପୋର୍ଟକୁ ଡିଆଇଜି ଏଡିଜିଙ୍କୁ ଦେଇଛନ୍ତି । ସୌମ୍ୟକାନ୍ତ ଜାରି କରିଥିବା ଅଡିଓରେ ଅଭିଯୋଗ କରିଛନ୍ତି ଯେ, ଝାରପଡା ସ୍ୱତନ୍ତ୍ର ଜେଲ୍ ସୁପରିନ୍‌ଟେଣ୍ଡେଣ୍ଟ ତଦନ୍ତ କରୁଥିବା ଡିଆଇଜିଙ୍କ କ୍ଲାସ୍‌ମେଣ୍ଟ ହୋଇଥିବାରୁ ତଦନ୍ତରେ ସେ ଜେଲ୍‌ର ସବିଶେଷ ତଥ୍ୟ ନେଇନାହାନ୍ତି । କେବଳ ଘଟଣା ଦିନ କ'ଣ ଘଟିଲା ତାହା ହିଁ ତଦନ୍ତ ରିପୋର୍ଟରେ ଦର୍ଶାଇଛନ୍ତି ବୋଲି ସୌମ୍ୟକାନ୍ତ ତାଙ୍କ ଅଡିଓରେ କହିଛନ୍ତି । ଜେଲ୍ ଭିତର କଥାକୁ ନେଇ ଅଭିଯୋଗ କରୁଥିବାରୁ ତାଙ୍କୁ ଅନ୍ୟ ଜେଲ୍‌କୁ ପଠାଇବା ପାଇଁ ମସୁଧା ହେଉଛି ବୋଲି ସେ ଅଭିଯୋଗ କରିଛନ୍ତି ।

ବିଚାରାଧୀନ ବନ୍ଦୀ ସୌମ୍ୟକାନ୍ତଙ୍କୁ ଗ୍ୟାଙ୍ଗଷ୍ଟର ହାଇଦର ପୁଅ ଗ୍ୟାଙ୍ଗଷ୍ଟର ମୁନା ଗୋଷ୍ଠୀ ମିଳିତ ଭାବେ ଆକ୍ରମଣ କରି ତାଙ୍କ ମୁଣ୍ଡ ଫଟାଇ ଦେଇଛନ୍ତି । ଏପରିକି ସେ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି । ସୌମ୍ୟକାନ୍ତଙ୍କ କହିବା କଥା ସୁପରିନ୍‌ଟେଣ୍ଡେଣ୍ଟଙ୍କୁ ସେ ଘଟଣାର ୧୫ଦିନ ପୂର୍ବରୁ ବିଭିନ୍ନ ସମସ୍ୟାକୁ ନେଇ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନହେବାରୁ ସେ ନ୍ୟାୟ ପ୍ରାଧିକରଣକୁ ଚିଠି ଲେଖିଥିଲେ । ତାଙ୍କ

**ଅଡିଓ ଜାରି କଲେ ଆହତ ସୌମ୍ୟକାନ୍ତ**

**ମାନବାଧିକାର କମିଶନରେ ଅଭିଯୋଗ ହେବ**

ଚିଠି ଅନୁଯାୟୀ ନ୍ୟାୟ ପ୍ରାଧିକରଣ ଅଫିସର ଜେଲ୍‌କୁ ଆସି ସେଲ୍ ନିକଟରୁ ମୋବାଇଲ ଜବତ କରିଥିଲେ । ଏକଥାକୁ ସୁପରିନ୍‌ଟେଣ୍ଡେଣ୍ଟ ଓ ଜେଲ୍‌ର ମନ ଭିତରେ ରଖି ସୌମ୍ୟକାନ୍ତଙ୍କୁ ଆକ୍ରମଣ କରିବା ବ୍ୟବସ୍ଥା କରିଥିଲେ । ଏପରିକି ଜେଲରଙ୍କ ଉପସ୍ଥିତି ଓ ଇଙ୍ଗିତରେ ତାଙ୍କୁ ମାଡ ହୋଇଥିବା ସେ ଅଡିଓରେ କହିବା ସହ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି । ସୌମ୍ୟକାନ୍ତଙ୍କ ଆକ୍ରମଣ କଥା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପରଦିନ ଜେଲ୍ ଏଡିଜି ଅମିତାଭ ଠାକୁର ଓ ଜେଲ୍ ଡିଆଇଜି ଝାରପଡା ସ୍ୱତନ୍ତ୍ର କାରାଗାରରେ ପହଞ୍ଚିଥିଲେ । ଏପରିକି ଡିଆଇଜିସ୍ତରୀୟ ତଦନ୍ତ ନିର୍ଦ୍ଦେଶ ହୋଇଥିବାରୁ ସେ ତଦନ୍ତ ଆରମ୍ଭ କରିଥିଲେ । ଡିଆଇଜି ସୁପରିନ୍‌ଟେଣ୍ଡେଣ୍ଟ ଓ ଜେଲରଙ୍କ ଦ୍ୱାରା ପ୍ରଭାବିତ ହୋଇ ତଦନ୍ତକୁ ବାଟବଣା କରିଛନ୍ତି ବୋଲି ସୌମ୍ୟ ଅଭିଯୋଗ କରିଛନ୍ତି । ସୌମ୍ୟଙ୍କ କହିବା କଥା ସୁପରିନ୍‌ଟେଣ୍ଡେଣ୍ଟ ଡିଆଇଜିଙ୍କ କ୍ଲାସ୍‌ମେଣ୍ଟ ହୋଇଥିବାରୁ ତଦନ୍ତକୁ ସେ ମୂଳରୁ ଆଣିବାକୁ ମନାକଲେ । କେବଳ ଘଟଣା ଦିନର ଘଟଣାକୁ ସେ ତାଙ୍କ ତଦନ୍ତରେ ସ୍ଥାନ ଦେଇଛନ୍ତି ।

ଝାରପଡା ଜେଲ୍ ଭିତରେ ସବୁସ୍ତରରେ ଦୁର୍ନୀତି ହେଉଛି । ଏପରିକି ତଳ କର୍ମଚାରୀଙ୍କ ଠୁ ଆରମ୍ଭ କରି ଉପରିସ୍ଥ ଅଫିସରଙ୍କ ପର୍ଯ୍ୟନ୍ତ ଦୁର୍ନୀତି ହେଉଥିବା ସୌମ୍ୟ ଅଭିଯୋଗ କରିଛନ୍ତି । ତଦନ୍ତ ସଠିକ୍ ହୋଇଥିଲେ କାର୍ଯ୍ୟାନୁଷ୍ଠାନ ହୋଇଥାନ୍ତା । ତଦନ୍ତ ଠିକ୍ ହୋଇନଥିବାରୁ ସୌମ୍ୟକାନ୍ତ ମାନବାଧିକାରରେ ଅଭିଯୋଗ କରିବେ ବୋଲି କହିଛନ୍ତି । ଜେଲ୍ ବିଭାଗ ତଦନ୍ତ କେବଳ ନାମକୁ ମାତ୍ର । ମାଜିଷ୍ଟ୍ରେଟ୍‌ସ୍ତରୀୟ ତଦନ୍ତ ହେଲେ ସବୁ ରହସ୍ୟ ସାମ୍ନାକୁ ଆସିବ । ନଚେତ ପୋଲିସ ଏହାର ନିରପେକ୍ଷ ତଦନ୍ତ କଲେ ଅସଲ ରହସ୍ୟ ସାମ୍ନାକୁ ଆସିବ । ମାନବାଧିକାର କମିଶନରେ ଅଭିଯୋଗ ହେବା ପରେ ତାଙ୍କ ତଦନ୍ତ ମଧ୍ୟ ନିରପେକ୍ଷ ହେବ ବୋଲି ସୌମ୍ୟକାନ୍ତ ତାଙ୍କ ଅଡିଓରେ କହିବା ସହ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି ।

# ବେଦାନ୍ତ ଆଲୁମିନିୟମ ଉନ୍ନତ ଏଲଏମଭି ଓ ଏଚଏମଭି ସିମୁଲେସନ ତାଲିମ କେନ୍ଦ୍ରର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ଭାରତର ଅଗ୍ରଣୀ ଆଲୁମିନା ଉତ୍ପାଦନକାରୀ ବେଦାନ୍ତ ଲିମିଟେଡ ଏହାର ମେଗା ଆଲୁମିନିୟମ କାରଖାନା ଝାରସୁଗୁଡ଼ାରେ କାର୍ଯ୍ୟରତ ଡ୍ରାଇଭରଙ୍କ ମଧ୍ୟରେ ସଡ଼କ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ଓ ଡ୍ରାଇଭରଙ୍କ ପାଇଁ ଉଭୟ ଭାରି ଯାନ ଓ ହାଲୁକା ଗାଡ଼ି ଚାଳନା ଦକ୍ଷତା ତାଲିମ କେନ୍ଦ୍ର ଆରମ୍ଭ କରିଛି। ଏହି ସୁବିଧା କାର୍ଯ୍ୟକାରୀ ନିରାପତା, ଦକ୍ଷତା ବିକାଶ ଓ ପରିବହନ କ୍ଷେତ୍ରରେ ସର୍ବୋଚ୍ଚ ମାନ ବଜାୟ ରଖିବାରେ କମ୍ପାନିର ପ୍ରତିବଦ୍ଧତାକୁ ଦର୍ଶାଏ । ଏହି ନୂଆ ତାଲିମ କେନ୍ଦ୍ର ଉଭୟ ହାଲୁକା ଓ ଭାରୀ ମୋଟରଯାନ ଚାଳନାକୁ ସୁଗମ କରି ଅତ୍ୟାବଶ୍ୟକ ଡ୍ରାଇଭିଂ ଦକ୍ଷତା ବିକାଶ ଓ ସଡ଼କ ନିରାପତା ଉପରେ ସାମଗ୍ରିକ ଜ୍ଞାନ ପ୍ରଦାନ କରିବ। ଏକ ନିୟନ୍ତ୍ରିତ ପରିବେଶରେ ହ୍ୟାଣ୍ଡ ଅନ ପ୍ରାକ୍ଟିସ ତାଲିମକୁ ସୁଗମ କରି ଏହି କେନ୍ଦ୍ର ଉଭୟ ହାଲୁକା ଓ



ଭାରି ମୋଟରଯାନ ଚାଳନା ଉପରେ ଉପଯୁକ୍ତ ତାଲିମ ଦେବା ଲାଗି ପରିକଳ୍ପନା କରାଯାଇଛି। ଏହି ପ୍ରକଳ୍ପ ଉପରେ ମତ ଦେଇ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମରେ ଆମର ଶ୍ରମିକ ସୁରକ୍ଷାକୁ ଆମେ ପ୍ରାଥମିକତା ଦେଇଥାଉ। ଏହି ରଣନୀତିକ କାର୍ଯ୍ୟକ୍ରମ ନିରାପତା ପ୍ରତି ଆମର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ବେଦାନ୍ତ ଆଲୁମିନିୟମ ଏହାର ସୁରକ୍ଷା ସଂସ୍କୃତିକୁ ସୁଦୃଢ କରିବା ପାଇଁ ବହୁ ପଦକ୍ଷେପ ଗ୍ରହଣ କରିଛି ଯାହା ମଧ୍ୟରେ: ସଂକଳ୍ପ, କର୍ମଚାରୀ ଓ ବ୍ୟବସାୟୀଙ୍କ ନିରାପତା ଲାଗି ଏକ ସୁରକ୍ଷା ସଂସ୍କୃତି, ଏହା ସବୁ ସାଇଟରେ କାର୍ଯ୍ୟକାରୀ ହେଉଛି। ଏହା ନରାପତା କୈନ୍ଦ୍ରିକ ଅଗମେଂଟେଡ ଓ ଭାର୍ଚୁଆଲ ରିୟଲିଟି ତାଲିମ କେନ୍ଦ୍ର ପରିଚାଳନା କରି ସୁରକ୍ଷା ତାଲିମକୁ ସୁଦୃଢ଼ କରୁଛି ଓ ସପ ଫ୍ଲୋର କର୍ମଚାରୀଙ୍କ ଲାଗି ବ୍ୟାପକ ପ୍ରଶିକ୍ଷଣ ପ୍ରଦାନ କରୁଛି।

## ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳୁ : ଭଞ୍ଜ ସେନା

ଭୁବନେଶ୍ୱର, (ସବ୍ୟୁ): ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ଏକ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରିବା ଓ ବିଶ୍ୱବିଦ୍ୟାଳୟର ବହୁବିଧ ସମସ୍ୟା ନେଇ ରାଜ୍ୟପାଳଙ୍କୁ ଭେଟିଛି 'ଭଞ୍ଜ ସେନା' । ଏହି ଦାବି ଗୁଡ଼ିକ ହେଲା, ବିଶ୍ୱବିଦ୍ୟାଳୟରେ ସର୍ବମୋଟ ୧୮ଟି ଶିକ୍ଷା ବିଭାଗ ରହିଛି ଆଉ ଏହିସବୁ ବିଭାଗର ୪୨ଟି ଶିକ୍ଷକ ପଦବୀ ଥିବାବେଳେ ବାକି ୫୬ଟି ଶିକ୍ଷକ ପଦବି ଖାଲିପଡ଼ିଛି । ଏଣୁ ଯଥାଶୀଘ୍ର ଖାଲି ଥିବା ପଦବୀ ଗୁଡ଼ିକ ପୂରଣ କରାଯାଉ । ସେହିପରି ବିଶ୍ୱବିଦ୍ୟାଳୟରେ ପ୍ରଶାସନିକ କାର୍ଯ୍ୟ ସୁଚାରୁରୂପେ ତୁଲାଇବା ପାଇଁ ଅତିକମରେ ୫୦ଜଣ ନୂତନ ଅଣଶିକ୍ଷକ ପଦବୀ ସୃଷ୍ଟି କରାଯାଉ । ଯେତିକି ଏମ୍‌ଏସ୍ୟୁବି କ୍ୟାମ୍ପସ ରୁ ଡିଡି ବିଶ୍ୱବିଦ୍ୟାଳୟକୁ ଯାଇଛି, ସେଗୁଡିକୁ ବାରିପଦା ସ୍ଥିତ କ୍ୟାମ୍ପସରେ ମଧ୍ୟ ଖୋଲାଯାଉ ।



ଏଥିସହ ଏମ୍‌ଏସ୍ୱିୟୁ କ୍ୟାମ୍ପସରୁ ସେତେବେଳେ ଭିତ୍ତିଭୂମି ସଜାଡ଼ିବା ପାଇଁ କେନ୍ଦୁଝର ଦ୍ୱିତୀୟ କ୍ୟାମ୍ପସରେ ଖର୍ଚ୍ଚ ହୋଇଥିବା ୭୦କୋଟି ଟଙ୍କାକୁ ସରକାର ବର୍ତ୍ତମାନ ବାରିପଦା ସ୍ଥିତ କ୍ୟାମ୍ପସରେ ଭରଣା କରାଯାଉ । ନାକ ଟିମ ଦ୍ୱାରା ଏମ୍‌ଏସ୍ୟୁବି କ୍ୟାମ୍ପସ 'ଏ' ଗ୍ରେଡ଼ ପାଇଥିବା ସତ୍ୱେ ଦୂର ଓ ନିରନ୍ତର ଶିକ୍ଷା ପାଇଁ ସ୍ଥାୟୀ ଶିକ୍ଷକ ପଦବୀ ନ ଥିବାରୁ ନାମ ଲେଖା ପାଇଁ ଅନୁମତି ମିଳିପାରୁନାହିଁ । ମୟୁରଭଞ୍ଜର ଆଦିମ ଜନଜାତି ଯେମିତି ମାଙ୍କଡ଼ିଆ, ଖଡିଆ, ବାଥୁଡି ଏସବୁଙ୍କୁ ଶିକ୍ଷକ୍ଷେତ୍ରରେ ବିଶେଷ ସାହାଯ୍ୟ କରିବା ପାଇଁ ବିଶ୍‌ବିଦ୍ୟାଳରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ ।

# ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ ଓ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ

କଟକ, (ସବ୍ୟୁ): ତୁଳସୀପୁର ସ୍ଥିତ ଓଡ଼ିଶା ପୋଲିସ୍ ହାଇସ୍କୁଲ ଠାରେ ପବିତ୍ର ଗୁରୁ ଦିବସ ଅବସରରେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ୨୦୨୪ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଭବ୍ୟ ସମାରୋହରେ ଜିଲ୍ଲାର ୨୪ ଗୋଟି ବ୍ଲକ୍ ଏବଂ କଟକ ମହାନଗର ନିଗମର ୧୬୦୫ଜଣ ବିଦ୍ୟାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଏବଂ ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା ବୃତ୍ତି ପୁରସ୍କାର ପ୍ରଦାନ କରାଯିବା ସହିତ ଜିଲ୍ଲାର ୧୨ ଜଣ କୃତୀ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କୁ ଜିଲ୍ଲାସ୍ତରୀୟ ଶ୍ରେଷ୍ଠ ଗୁରୁ ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଏହି ଅବସରର କୃତୀ ବିଦ୍ୟାର୍ଥୀ ମାନଙ୍କୁ ଅଭିନନ୍ଦନ କରିବା ସହିତ ଆଗାମୀ ଦିନରେ ଜିଲ୍ଲାରୁ ଅଧିକରୁ ଅଧିକ ବିଦ୍ୟାର୍ଥୀ ସୃଷ୍ଟିହେବା ଏବଂ ଛାତ୍ରଛାତ୍ରୀ ମାନେ ବୈଜ୍ଞାନିକ ଅନୁସନ୍ଧିତ୍ସା ଓ ନୂତନ ଜ୍ଞାନକୌଶଳ ଆହରଣ କରି ରାଜ୍ୟ ଓ ଦେଶର ଉନ୍ନତି ପାଇଁ ଉତ୍ସର୍ଗୀକୃତ ହେବାପାଇଁ ଉପଦେଶ ଦେଇଥିଲେ । ଅତିଥିଭାବେ କଟକ ସିଏମ୍‌ସି ମେୟର ସୁବାସ ଚନ୍ଦ୍ର ସିଂହ, ଜିଲ୍ଲାପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ବିଧାୟକ ବିଜୟ କୁମାର ଦଳବେହେରା, ଅରିନ୍ଦମ ରାୟ, ପ୍ରାଥମିକ ଶିକ୍ଷା ଅତିରିକ୍ତ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଡ ସନ୍ତୋଷ କୁମାର ରାଉତ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ଜିଲ୍ଲା ଶିକ୍ଷକ ତାଲିମ୍ ପ୍ରତିଷ୍ଠାନର ଅଧ୍ୟକ୍ଷ ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ବିଦ୍ୟାର୍ଥୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ନନ୍ଦ, ଅକ୍ଷୟ କୁମାର ଷଡ଼ଙ୍ଗୀ, ରମାକାନ୍ତ ପ୍ରହରାଜ, ସୁକାନ୍ତ କୁମାର ଷଡ଼ଙ୍ଗୀ, ମିହିର କୁମାର ପରିଡ଼ା, ଅଶୋକ କୁମାର ମହାପାତ୍ର,ଗୌତମ କୁମାର ଆଚାର୍ଯ୍ୟ, ରାଜକିଶୋର ପଣ୍ଡା, ଙ୍କ ସମେତ ପ୍ରଧାନ ଶିକ୍ଷୟିତ୍ରୀ ମେଘମାଳା ବିଶ୍ୱାଳ, ପ୍ରଧାନ ଶିକ୍ଷକ ଅଜୟ କୁମାର ନନ୍ଦ, ପ୍ରଦୀପ କୁମାର ନାୟକ,ଶିକ୍ଷକ



ଚନ୍ଦ୍ରକାନ୍ତ ଜେନା ପ୍ରମୁଖ ବିଶିଷ୍ଟ ଶିକ୍ଷାବିତ୍ଙ୍କୁ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ଜ୍ଞାପନ କରଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମକୁ ଶ୍ରୀ ଅକ୍ଷୟ କୁମାର ଷଡ଼ଙ୍ଗୀ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ରାଜ୍ୟ ଓ ଜାତୀୟସ୍ତରରେ ପୁରସ୍କୃତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ମହାବିଦ୍ୟାଳୟରେ ଗୁରୁ ଦିବସ ଉପଲକ୍ଷେ ଏକ ଶିକ୍ଷକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ସଂଯୁକ୍ତ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷକ ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଏହି ନିଆରା କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମୟୂରଭଞ୍ଜର ରାଜ୍ୟ ଓ ଜାତୀୟସ୍ତରରେ ପୁରସ୍କୃତ ୭ଜଣ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା କରିଥିଲେ । ସମ୍ବର୍ଦ୍ଧିତ ହୋଇଥିବା ଶିକ୍ଷକ ମାନେ ହେଲେ ବାରିପଦାର ଶ୍ୟାମସୁନ୍ଦର ଶତପଥି, ଭାଗବତ ପଣ୍ଡା, ବୀଣାପାଣି ପଣ୍ଡା, ଡଃ ଶଶୀଧର ବିଶ୍ୱାଳ, କପ୍ତିପଦାର ଶରତ ଚନ୍ଦ୍ର ମିଶ୍ର, ବଡ଼ସାହିର ସଚ୍ଚିଦାନନ୍ଦ ମହାନ୍ତି ଓ କୁସୁମୀର ଶ୍ରୀକୁମାର କବି ।

ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଏହି ସମ୍ମିଳନୀରେ ଅଧକ୍ଷତା କରିଥିଲେ । କୁଳପତି ପ୍ରଫେସର ତ୍ରିପାଠୀ ନିଜ ବକ୍ତବ୍ୟରେ ଆଜିର ଯୁଗରେ ଗୁରୁ ଶିଷ୍ୟ ପରମ୍ପରାର ଅବକ୍ଷୟ ଯୋଗୁଁ ଗୁରୁମାନେ ସେମାନଙ୍କର ଗୁରୁତ୍ୱ ହରାଇଥିବା ହେତୁ ଦୁଃଖପ୍ରକାଶ କରି ଆଜିର ଦିନକୁ ଗୁରୁ ଦିବସ ନ କହି ବରଂ ଶିକ୍ଷକ ଦିବସ କହିବା ଅଧିକ ଉଚିତ ହେବ ବୋଲି ମତପ୍ରକାଶ କରିଥିଲେ । ବିଶ୍ୱବିଦ୍ୟାଳୟକୁ ଏକ ମଣିଷ ତିଆରି କାରଖାନା କହିବା ଠିକ୍ ନୁହେଁ କାରଣ ଶିକ୍ଷକ ମାନେ କୌଣସି କାରଖାନାର କର୍ମଚାରୀ ନୁହନ୍ତି ଯେ, ତାଙ୍କର କାର୍ଯ୍ୟକୁ ଦିନର ଏକ ନିର୍ଦ୍ଦିଷ୍ଟ ସମୟସୀମାରେ ମାପିହେବ । ଯେଉଁ ଗୁରୁ ମାନେ ନିଜକୁ ଏକ କର୍ମଚାରୀ ମନେ ନ କରି ଅନୁଷ୍ଠାନ ଏବଂ ଛାତ୍ରଛାତ୍ରୀଙ୍କ ମଙ୍ଗଳ ସକାଶେ ନିଜକୁ ସମର୍ପଣ କରିଛନ୍ତି ସେହି ଗୁରୁ ମାନେ କେବେ ଗୁରୁତ୍ୱ ହରାଇବେ ନାହିଁ ଏବଂ ସାରା ସମାଜ ପାଇଁ ମଙ୍ଗଳକାରୀ ହେବେ ବୋଲି ସେ ଦୃଢ଼ୋକ୍ତି କରିଥିଲେ । ସମ୍ବର୍ଦ୍ଧିତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ନିଜ ବକ୍ତବ୍ୟରେ ଗୁରୁ ଦିବସ ଉପଲକ୍ଷେ ଏଭଳି ଶିକ୍ଷକ ସମ୍ବର୍ଦ୍ଧନାକୁ ବିଶ୍ୱବିଦ୍ୟାଳୟର ଏକ ଅଭିନବ ପ୍ରୟାସ ବୋଲି ଅଭିହିତ କରିବା ସହ କୁଳପତି ଓ ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । କୁଳପତି ପ୍ରଫେସର ତ୍ରିପାଠୀ ସ୍ୱତନ୍ତ୍ର ଭାବରେ ବିଶ୍ୱବିଦ୍ୟାଳୟର ଉଦ୍ୟାନରେ କାର୍ଯ୍ୟରତ କର୍ମଚାରୀ ରବି ମାଝୀ, ବିଶ୍ୱରଞ୍ଜନ ହେମ୍ବ୍ରମ୍ ଓ ବେଣୁଧର ପାତ୍ରଙ୍କୁ ସମ୍ବର୍ଦ୍ଧନା କରିଥିଲେ । ବିଭାଗର ସଂଯୋଜିକା ପ୍ରଫେସର ସୁସ୍ମିତା କର ସ୍ୱାଗତ ଭାଷଣ ଓ ସମ୍ବର୍ଦ୍ଧିତ ଶିକ୍ଷକ ମାନଙ୍କର ପରିଚୟ ପ୍ରଦାନ କରିଥିଲେ ।

ବିଭାଗୀୟ ଅଧ୍ୟକ୍ଷ ଡଃ ଚକ୍ରଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟ ସଙ୍ଗୀତ ଓ ଶେଷରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । କାର୍ଯ୍ୟକ୍ରମରେ ସଂଚାଳନରେ ବିଭାଗର ଅଧ୍ୟାପକ ସ୍ନେହାଶିଷ ମହାନ୍ତି, ନିଶିବିଜିତା ନାୟକ, ଲକ୍ଷ୍ମୀପ୍ରିୟା ମହାନ୍ତି, ସ୍ମିତାରାଣୀ ମଣ୍ଡଳ ଓ ବିଭାଗର ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ କୁଳସଚିବ ସହଦେବ ସମାଧିଆ, ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ, ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

# ଜିଲ୍ଲାସ୍ତରୀୟ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ

ବାରିପଦା, (ସବ୍ୟୁ) : ସହୀଦ ସ୍ମୃତି ଭବନ ପରିସରରେ ମୟୂରଭଞ୍ଜ ଜିଲ୍ଲା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତି ଆନୁକୂଲ୍ୟରେ ଡଃ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମଦିନ ଅବସରରେ ଆୟୋଜିତ ଗୁରୁ ଦିବସ ଅବସରରେ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକ ସମନ୍ୱୟ ସମିତିର ଅଧ୍ୟକ୍ଷ ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଲୋକସଭା ସାଂସଦ ନବ ଚରଣ ମାଝୀ ଯୋଗଦେଇ ଶିକ୍ଷକ ସମାଜ ଦେଶର ମେରୁଦଣ୍ଡ ହୋଇଥିବାରୁ ତାଙ୍କର ସମସ୍ତ ସମସ୍ୟାର ସମାଧାନ ପାଇଁ ସେ ସଦା ସର୍ବଦା ପ୍ରଚେଷ୍ଟା କରିବେ ବୋଲି ପ୍ରତିଶୃତି ଦେଇଥିଲେ । ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଶିକ୍ଷକ ଓ ଛାତ୍ରର ଉତ୍ତମ ସମ୍ପର୍କ ଶିକ୍ଷକକୁ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଥାଏ ବୋଲି ପ୍ରକାଶ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଆବାହକ ବିମଳ କୁମାର ଆଚାର୍ଯ୍ୟ, ସଂଯୋଜକ ହରେକୃଷ୍ଣ ବାରିକ, ରାଜ୍ୟ କାର୍ଯ୍ୟକାରୀ ସଭାପତି ଯାମିନୀ ପଣ୍ଡା ଓ ଜିଲ୍ଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ଶିକ୍ଷକ ସମନ୍ୱୟ ସମିତି ଜିଲ୍ଲାରେ ଥିବା କୃତୀ ତଥା ପ୍ରତିଭାବାନ ଶିକ୍ଷକ / ଶିକ୍ଷୟତ୍ରୀଙ୍କୁ ସମ୍ବର୍ଦ୍ଧିତ କରି ଉତ୍ସାହିତ କରିବାର ପ୍ରୟାସ ଜାରି ରଖିଛି ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଆଖଣ୍ଡଳମଣି ଓତା, ଶରତ ଚନ୍ଦ୍ର ଦ୍ୱିବେଦୀ, ପ୍ରହ୍ଲାଦ ଚନ୍ଦ୍ର ନାଏକ, ଡମ୍ବରୁଧର ରଣସିଂ, ରାଜେନ୍ଦ୍ର ବେହେରା, ସରୋଜ କୁମାର ମହାନ୍ତ, ସୁରଥ କୁମାର ପଟ୍ଟନାୟକ, ପବିତ୍ର ମୋହନ ପ୍ରଧାନ, ସୁସେନ ଘୋଷ ଓ ଚନ୍ଦ୍ରଶେଖର ଦାସ ସମେତ କାର୍ଯ୍ୟରତ ୫୨ଜଣ କୃତୀ ଶିକ୍ଷକଙ୍କୁ ସମିତି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଯାମିନୀ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିଲେ । ଗଣମାଧ୍ୟମ ସଂଯୋଜକ ଗଦାଧର ନାୟକ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଧାନସଭା ଚାଲିଥିବାରୁ ଏହି ଉତ୍ସବରେ ଯୋଗ ଦେଇପାରିନଥିବା ଗୃହ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ତଥା ବାରିପଦା ବିଧାୟକ ପ୍ରକାଶ ସୋରେନ ନିଜ ବାର୍ତ୍ତାରେ କାର୍ଯ୍ୟକ୍ରମର ସଫଳତା କାମନା କରିବା ସହ ଶିକ୍ଷକ ମାନଙ୍କର ସମସ୍ତ ସମସ୍ୟା ସହିତ ସଦାସର୍ବଦା ଅଛନ୍ତି ବୋଲି କହିଥିଲେ ।

# ପ୍ରଶାସନର ପ୍ରତିଶ୍ରୁତି ପରେ ରାସ୍ତାରୋକରୁ ହଟିଲେ ସୁଭଦ୍ରା ହିତାଧିକାରୀ

ଭୋଗରାଇ,(ସବ୍ୟୁ) : ସୁଭଦ୍ରା ଯୋଜନା ଘୋଷଣା ପରେ ବ୍ୟାଙ୍କ, ପୋଷ୍ଟ ଅଫିସ ରେ ମହିଳାଙ୍କ ପ୍ରବଳ ଭିଡ ଲାଗିଛି। ସୁଭଦ୍ରା ଯୋଜନା ଗାଇଡ଼ ଲାଇନ ଅନୁଯାୟୀ ହିତାଧିକାରୀଙ୍କ ଆଧାର କାର୍ଡରେ ନିଜ ମୋବାଇଲ ନମ୍ବର ସଂଯୋଗ ନଥିଲେ ଆବେଦନକାରୀ ସୁଭଦ୍ରା ଯୋଜନାର ଲାଭରୁ ବଞ୍ଚିତ ହେବେ ବୋଲି ଦର୍ଶାଯାଇଛ । ଏଭଳି ସ୍ଥିତିରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ହଜାର ହଜାର ମହିଳା ଆଧାରକାର୍ଡରେ ମୋବାଇଲ ନମ୍ବର ସଂଯୋଗ ନିମନ୍ତେ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସ ସମ୍ମୁଖରେ ରେ ସନ୍ଧ୍ୟାରୁ ତା ପରଦିନ ଲମ୍ବା ଲାଇନ ଲଗାଇ ମଧ୍ୟ ନିରାଶ ହେଉଛନ୍ତ । ଏପରିକି ବହୁ ମହିଳା ଅଣନିଶ୍ୱାସୀ ହୋଇ ସଂଜ୍ଞହୀନ ହେବାର ଖବର ମିଳୁଛି । ଛୁଆପିଲା ଧରି ଆଧାର ସଂଯୋଗ ପାଇଁ ବହୁମହିଳା ଖୋଲା ଆକାଶ ତଳେ ରାତି ଉଜାଗର ହେଉଥିଲାବେଳେ ପ୍ରଚଣ୍ଡ ଖରା ଓ ଗୁଳୁଗୁଳିରେ ମହିଳାମାନେ ଅସ୍ତବ୍ୟସ୍ତ ହେଉଥିବାର ଖବର ମିଳୁଛି । ଭୋଗରାଇ ଦେହୁର୍ଦା ପୋଷ୍ଟ ଅଫିସ ରେ ଦୈନିକ ୫ ୦ ହିତାଧିକାରୀଙ୍କ ଆଧାରରେ ମୋବାଇଲ ନମ୍ବର ସଂଯୋଗ ପାଇଁ ଟୋକନ ଦିଆଯାଉଥିବାବେଳେ ସହସ୍ରାଧିକ ମହିଳା ସେଠାକୁ ଯାଇ ଫେରିବାପରେ ଅସନ୍ତୋଷ ପ୍ରକାଶକରି ଗୁରୁବାର ସକାଳେ ଜଳେଶ୍ୱର – ଚନ୍ଦନେଶ୍ୱର ୫୭ ନଂ ରାଜ୍ୟ ରାଜପଥ ଥାନାଛକସ୍ଥିତ ଦେହୁର୍ଦା ପୋଷ୍ଟ ଅଫିସ ସମ୍ମୁଖରେ ଶତାଧିକ ମହିଳା ପ୍ରତିକାର ଦାବିରେ ଏକ ଘଣ୍ଟା ରାସ୍ତା ରୋକ କରିଥିଲେ । ଖବରପାଇ ଭୋଗରାଇ ତହସିଲଦାର ହିମାଂଶୁ ଶେଖର ଗିରି ଘଟଣା ସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ କରିଥିବା ମହିଳାଙ୍କୁ ଭୋଗରାଇରେ ୩୩ ଟି ମୋ ସେବା ଓ ଜନସେବା କେନ୍ଦ୍ରରେ ନିଜର ଆଧାର ସଂଶୋଧନ କରିନେବାକୁ ପରାମର୍ଶ ଦେବା ପରେ ଆନ୍ଦୋଳନକାରୀମାନେ ରାସ୍ତାରୋକରୁ ହଟିଥିଲେ । କୌଣସି ସେବାକେନ୍ଦ୍ର ସୁଭଦ୍ରା ଯୋଜନା ଆବେଦନ ଫର୍ମରୁ ଟଙ୍କା ଆଦାୟ କିମ୍ବା ସେଣ୍ଟର ନଖୋଲିବା ଅଭିଯୋଗ ଆସିଲେ ସେମାନଙ୍କର ସେଣ୍ଟର ରଦ୍ଦ କରାଯିବବୋଲି ତହସିଲଦାର ସୂଚନା ଦେଇଥିଲେ ।

# ଏମ୍‌ପିସି ସ୍ୱୟଂଶାସିତ କଲେଜର ଫିଟ୍ ଇଣ୍ଡିଆ ମୁଭମେଣ୍ଟ କାର୍ଯ୍ୟକ୍ରମ



ବାରିପଦା, (ସବ୍ୟୁ) : ଭାରତ ସରକାରଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଥିବା ଫିଟ ଇଣ୍ଡିଆ ମୁଭମେଣ୍ଟ କ୍ରମରେ ସ୍ଥାନୀୟ ଏମ୍‌ପିସି ସ୍ୱୟଂଶାସିତ କଲେଜରେ ଦିନିକିଆ କ୍ରୀଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜର ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ ଚନ୍ଦ୍ର ସାହୁ ଆନୁଷ୍ଠାନିକ ଭାବରେ କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ନିଜର ବକ୍ତବ୍ୟରେ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ କ୍ରୀଡାର ଆବଶ୍ୟକତା ଓ ଜଣେ ଫିଟ ନାଗରିକ ଦେଶର ସବୁଠୁ ବଡ଼ ସମ୍ପଦ ବୋଲି ମତ ବ୍ୟକ୍ତ କରିଥିଲେ । ଟୋଗ ଅଫ୍ ଓ୍ୱାର, ଲେମ୍ବୁ ଚାମଚ ଦୌଡ଼, ମ୍ୟୁଜିକ୍ ଚେୟାର ଓ ପ୍ଲାଙ୍କ ଚ୍ୟାଲେଞ୍ଜ ଆଦି ରୋଚକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଉଭୟ କଲେଜର କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ମହିଳା କର୍ମଚାରୀଙ୍କ ମଧ୍ୟରେ ଅନୁଷ୍ଠିତ ଲେମ୍ବୁ ଚାମଚ ଦୌଡ଼ରେ ସରସ୍ୱତୀ ହାଁସଦା ପ୍ରଥମ, ସଂଗୀତା ନାୟକ ଦ୍ୱିତୀୟ ଓ ଅପର୍ଣ୍ଣା ଗିରି ତୃତୀୟ ସ୍ଥାନ ମ୍ୟୁଜିକ୍ ଚେୟାରରେ ଅମିତା ମହାନ୍ତି ପ୍ରଥମ, ମୀନତି ମାର୍ଣ୍ଡି ଦ୍ୱିତୀୟ ଓ ଅଲିଭା ସେଠୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଛାତ୍ରୀ ମଧ୍ୟରେ ଅନୁଷ୍ଠିତ ଲେମ୍ବୁ ଚାମଚ ଦୌଡ଼ରେ ଦୀପିକା ପ୍ରଧାନ ପ୍ରଥମ ଲକ୍ଷ୍ମୀ ପ୍ରିୟା ମହାପାତ୍ର ଦ୍ୱିତୀୟ ଓ ଜାହ୍ନବୀ ଟୁଡୁ ତୃତୀୟ ସ୍ଥାନ, ମ୍ୟୁଜିକ୍ ଚେୟାରରେ ସ୍ୱାତି ସ୍ୱରୂପା ମହାକୁଡ଼ ପ୍ରଥମ, ଲକ୍ଷ୍ମୀ ପ୍ରିୟା ନାୟକ ଦ୍ୱିତୀୟ ଓ ଦୀପିକା ପଳେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ପୁରୁଷ କର୍ମଚାରୀଙ୍କ ମଧ୍ୟରେ ଅନୁଷ୍ଠିତ ଟୋଗ ଅଫ୍ ଓ୍ୱାରରେ ବାଘା ଯତୀନ ଦଳ ବିଜେତା ହୋଇଥିବା ବେଳେ ବିର୍ସାମୁଣ୍ଡା ଦଳ ରନର୍ସ ଅପ୍ ହୋଇଥିଲା । ପ୍ଲାଙ୍କ ଚ୍ୟାଲେଞ୍ଜ ପ୍ରତିଯୋଗିତାରେ ଦୀପକ ବେହେରା ପ୍ରଥମ, ଅଦଗା ଟୁଡୁ ଦ୍ୱିତୀୟ ଓ ସତ୍ୟନାରାୟଣ ବାରିକ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଛାତ୍ରଙ୍କ ମଧ୍ୟରେ ଟୋଗ ଅଫ୍ ଓ୍ୱାର ପ୍ରତିଯୋଗିତାରେ ବିର୍ସାମୁଣ୍ଡା ଦଳ ବିଜେତା ହୋଇଥିବା ବେଳେ ବିବେକନନ୍ଦ ଦଳ ରନର୍ସ ଅପ୍ ହୋଇଥିଲା । ପ୍ଲାଙ୍କ ଚ୍ୟାଲେଞ୍ଜରେ ବାପୁନ ଟୁଡୁ ପ୍ରଥମ ଶିବା ମହାଲି ଦ୍ୱିତୀୟ ଜଗଦେବ ଜଗନ୍ନାଥ ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ । କାର୍ଯ୍ୟକ୍ରମକୁ କ୍ରୀଡ଼ା କମିଟିର ସଂଯୋଜକ ଡଃ ଦୀପକ ବେହେରା, ବାଳକ କମନ୍ ରୁମ୍ ଉପ ସଭାପତି ଦେବାଶିଷ ଦାସ, ଡଃ ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର, ଡଃ ଦୟାନିଧି ପରିଡ଼ା, ବାଳିକା କମନ୍ ରୁମ୍ ଉପସଭାପତି ରାଇମଣି ମାର୍ଣ୍ଡି ଶୈକ୍ଷିକ ମୁଖ୍ୟ ଆଲବେଣ୍ଟିନା ତିର୍କୀ, ରତନି ହାଁସଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରୀଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କ୍ରୀଡ଼ା ଶିକ୍ଷକ ସତ୍ୟନାରାୟଣ ବାରିକ କ୍ରୀଡ଼ା ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୁରୁ ଦିବସ ପାଳିତ

ବୁଗୁଡ଼ା,(ସବ୍ୟୁ) : ବୁଗୁଡା ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପବିତ୍ର ଗୁରୁ ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ବୁଗୁଡା ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବଳଦେବ ମନ୍ଦିର କଲ୍ୟାଣୀ ମଣ୍ଡପଠାରେ ସଂଘ ସଭାପତି ମନୋରଞ୍ଜନ ଦାଶଙ୍କ ପୌରହିତ୍ୟରେ ଗୁରୁ ଦିବସ ଓ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ବକ୍ତା ଭାବେ ବିଇଓ ଚିନ୍ମୟ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷକ ପିତାମ୍ବର ଗୌଡ ଯୋଗ ଦେଇଥିଲେ । ଏ ଅବସରରେ ସବିତା ରାଣୀ ନନ୍ଦ, ରଞ୍ଜୁଲତା ଦାଶ, ପ୍ରଫୁଲ କୁମାର ଜେନା, ଗନ୍ଧର୍ବ ଗୌଡ, ଲୋକନାଥ ବେହେରା, ନଗେନ୍ଦ୍ର ଷଡଙ୍ଗୀ ପ୍ରମୁଖ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରିଶେଷରେ ଶିକ୍ଷକ ପିତବାସ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍ୱପରିସରରେ ପରିଚାଳନା ସମିତି ସଭାପତି ବ୍ରଜ କିଶୋର ପାଢ଼ୀଙ୍କ ପୌରହିତ୍ୟରେ ଗୁରୁ ଦିବସ ପାଳନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ କର ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିବା ସହ ଉକ୍ତ ଦିବସ ପାଳନର ତାତ୍ପର୍ଯ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଅନ୍ୟପକ୍ଷରେ ବୁଗୁଡା ବ୍ଲକ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ଟ୍ରଷ୍ଟ ପକ୍ଷରୁ ଶିକ୍ଷକ ଭବନ ପରିସରରେ ସଭାପତି ବିଶ୍ୱମୋହନ ମିଶ୍ରଙ୍କ ପୌରହିତ୍ୟରେ ଗୁରୁ ଦିବସ ପାଳିତ ହୋଇଥିବା ବେଳେ ନିୟୁ ଏରା ପବ୍ଲିକ ସ୍କୁଲରେ ଉପାଧ୍ୟକ୍ଷ ଅନିରୁଦ୍ଧ ଗୌଡଙ୍କ ସଭାପତିତ୍ୱରେ ଗୁରୁ ଦିବସ ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛ। ଏଥି ସହ ପିପୁଲ୍ଲି କଲେଜର ବିଭିନ୍ନ ବିଭାଗରେ ପୃଥକ୍ ପୃଥକ୍ ଭାବେ ଗୁରୁ ଦିବସ ପାଳିତ ହୋଇଥିବା ବେଳେ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଅନୁଶିକ୍ଷଣ କେନ୍ଦ୍ରରେ ମଧ୍ୟ ପବିତ୍ର ଗୁରୁଦିବସ ଉତ୍ସାହର ସହ ପାଳିତ ହୋଇଯାଇଛି।

# ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁଦିବସ ପାଳିତ



ବ୍ରହ୍ମପୁର ,(ସବ୍ୟୁ) : ସ୍ଥାନୀୟ ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁଦିବସଉତ୍ସାହର ସହ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ବିଭିନ୍ନ ପର୍ଯ୍ୟାୟରେ ପାଳିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ଜ୍ୟୋତ୍ସ୍ନା ରାଣୀ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଯୋଗଦେଇଥିଲେ । ପ୍ରଫେସର ନିଶାମଣି କର, ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ, ଡ. ସତିଶ ପ୍ରସାଦ ନାୟକ, ପ୍ରାଧ୍ୟାପକ ଉଦ୍ଭିଦ ବିଜ୍ଞାନ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଶୁରେନ୍ଦ୍ର ନାଥ ନାୟକ, ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ, ଶ୍ରୀଯୁକ୍ତ ଗୋପାଳକୃଷ୍ଣ ପାଢ଼ୀ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଜିଲ୍ଲା ବିଜ୍ଞାନ ନିରୀକ୍ଷକ, ଗଞ୍ଜାମ ଯୋଗ ଦେଇଥିଲେ । ପ୍ରତ୍ୟେକ ପର୍ଯ୍ୟାୟରେ ଗୁରପୂଜନ, ଗୁରୁବନ୍ଦନା ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏଥିରେ ମୁଖ୍ୟଅତିଥି ମାନେ ବିଭିନ୍ନ ପର୍ଯ୍ୟାୟରେ ଅନୁଷ୍ଠିତ ଉତ୍ସବରେ ଛାତ୍ରଛାତ୍ରୀମାନଙ୍କୁ ଗରିବ ଶିଶୁମାନଙ୍କ ପାଇଁ ସମ୍ବେଦନଶୀଳ ହେବାପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ନିଜର ଚରିତ୍ର ଗଠନ, ଜାତି ଗଠନ ଓ ଦକ୍ଷତାର ବିକାଶପାଇଁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମ ପରିଶେଷରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉପରୋକ୍ତ ସମସ୍ତ ପର୍ଯ୍ୟାୟରେ ମଞ୍ଚାସୀନ ଅତିଥି ଭାବରେ ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ଏସ୍. ମୋହନ୍ ରାଓ, ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ଶୁରେଶ ଆଚାର୍ଯ୍ୟ, ଡିଗ୍ରୀ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ସୁବ୍ରତ ପାଣିଗ୍ରାହୀ, ଶିଶୁ ବାଟିକା ପ୍ରମୁଖ ଶ୍ରୀମତୀ ବିଷ୍ଣୁ କୁମାରୀ ପଣ୍ଡା, ଯୋଗଗୁରୁ ବୃନ୍ଦାବନ ଦାସ, ଆଚାର୍ଯ୍ୟ ପ୍ରଶାନ୍ତ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ଉପଦେଷ୍ଟା ନରସିଂହ ଚୌଧୁରୀ, ସଭ୍ୟ କେ. ଭେଙ୍କଟର ରାଓ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ ।

# ଶାନ୍ତି ଶକ୍ତି ଭବନରେ ଶିକ୍ଷକ ସମ୍ମାନ ସମାରୋହ

ଆସିକା, (ସବ୍ୟୁ) : ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନରେ ଆଜି ସେବା କେନ୍ଦ୍ର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀଙ୍କ ସଂଯୋଜନାରେ ଶିକ୍ଷକ ସମ୍ମାନ ସମାରୋହ ପାଳିତ ହୋଇଯାଇଛି । ଏହି ଅବସରରେ ଅବସର ପ୍ରାପ୍ତ ବରିଷ୍ଠ ଶିକ୍ଷକ ତଥା ମାନବ ସେବା ସମିତି ଆବାହକ ଗଣେଶ ରଥ, ଅବସରପ୍ରାପ୍ତ ଶିକ୍ଷକ ବଂଶୀଧର ରଥ,ରାଜ୍ୟପାଳ ସମ୍ମାନ ପ୍ରାପ୍ତ ବରିଷ୍ଠ ଶିକ୍ଷକ ଏ ଯୁଧିଷ୍ଠିର ଦୋରା,ଅବସର ପ୍ରାପ୍ତ ସଂସ୍କୃତ ପଣ୍ଡିତ ଦୁର୍ଗା ପ୍ରସାଦ ପଣ୍ଡା ଓ ଅବସର ପ୍ରାପ୍ତ ବରିଷ୍ଠ ଶିକ୍ଷକ ବ୍ରହ୍ମାକୁମାର ପଞ୍ଚାନନ ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ମଞ୍ଚାସୀନ ସମସ୍ତ ବରେଣ୍ୟ ଶିକ୍ଷକ ସେମାନଙ୍କ ଆଶୀର୍ବଚନ ପ୍ରଦାନ ପୂର୍ବକ ସମସ୍ତଙ୍କୁ ସମାଜର ସର୍ବାଙ୍ଗୀନ ବିକାଶ ଧାରାରେ ସହଯୋଗୀ ହୋଇ ଆଗକୁ ବଢିବା ପାଇଁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନା ରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସମସ୍ତ ଭଉଣୀ ଭାଇ ସହଯୋଗ କରିଥିଲେ।

# ଗଞ୍ଜାମ ଜିଲ୍ଲା ବକ୍ସରଙ୍କ ଗୁରୁ ଦିବସ ପାଳନ

ବ୍ରହ୍ମପୁର ,(ସବ୍ୟୁ) : ସ୍ଥାନୀୟ ଷ୍ଟାଡିୟମ ଠାରେ ବକ୍ସିଂ ଅଭ୍ୟାସ କରୁଥିବା ବକ୍ସରମାନେ ଗୁରୁ ଦିବସ ପାଳନ କରିଛନ୍ତି। ବକ୍ସର ବୁଲୁ ପାତ୍ର, ମୁନା ଗୌଡ଼, ଅବିନାଶ ନାୟକ, ସୁମନ ଦାସ, ସିମାଲି, ଲିଟୁ ଦାସ, ବିପିନି ଗୌଡ଼, ଏ ରିତୁ ରାଓ, ଶ୍ୟାମା ମୁଖୀ, ଅଂଶୁମାନ ଜେନା ଙ୍କ ସମେତ ବହୁ ବକ୍ସର ଗଞ୍ଜାମ ଜିଲ୍ଲା ବକ୍ସିଂ ସଂଘର ସମ୍ପାଦକ କେ ପ୍ରଭାକର ରାଓ, ରାଜ୍ୟ ବକ୍ସିଂ କୋଚ ତଥା ରିଫେରୀ ଓ ଜଜ ଶିବରାମ ପାତ୍ର, ଲଡୁ କିଶୋର ସାହୁଙ୍କ ସମେତ ସ୍ଥାନୀୟ ବକ୍ସିଂ କୋଚ୍ ତଥା ଆନ୍ତର୍ଜାତୀୟ ରିଫେରୀ ଓ ଜଜ ଶିଶିର କୁମାର ପାଣିଗ୍ରାହୀଙ୍କୁ ପୁଷ୍ପ, ଚନ୍ଦନ, ଧୂପ ଦୀପ ସହ ଉପଢୌକନ ଦେଇ ଗୁରୁ ମାନଙ୍କ ଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ।

# ଟାଙ୍ଗଣା ପଲ୍ଲୀ ଅଞ୍ଚଳରେ ସମୂହ ଗୁରୁପୂଜନ ମହୋତ୍ସବ




ଛତ୍ରପୁର,(ସବ୍ୟୁ) :ଟାଙ୍ଗଣା ପଲ୍ଲୀ ଅଞ୍ଚଳରେ ଗୁରୁପୂଜନ ମହୋତ୍ସବ ମହା ଆଡମ୍ବର ସହ ପାଳନ ହୋଇଯାଇଛି । ଟାଙ୍ଗଣା ପଲ୍ଲୀ ହରଗୌରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ପଞ୍ଚାୟତ ସ୍ତରୀୟ ଗୁରୁପୂଜନ ମହୋତ୍ସବ ପାଳିତ ହୋଇଯାଇଛି ।

ବିଦ୍ୟାଳୟର ପ୍ରତିଷ୍ଠାତା ସଂପାଦକ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କାମରାଜୁ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅଞ୍ଚଳର ବରିଷ୍ଠ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲକ୍ଷ୍ମୀ ନାରାୟଣ ଶତପଥି ମୁଖ୍ୟ ଅତିଥି ରୂପେ ଯୋଗଦେଇ ଗୁରୁ–ଶୀଷ୍ୟ ପରମ୍ପରା ଉପରେ ମତ ପ୍ରଦାନ କରି ଛାତ୍ର ଛାତ୍ରୀ ମାନେ ଗୁରୁ ଭକ୍ତି ସହ ଅଧ୍ୟୟନ କରିବା ପାଇଁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥିବୃନ୍ଦ ଅବସରପ୍ରାପ୍ତ ଶିକ୍ଷକ କୋରା ମହାରଣା,ଗଦାଧର ରାଉଳ, ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ନର୍ମଦା କୁମାରୀ ଦେବୀ,ବିଧାୟକ ପ୍ରତିନିଧି ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ,ଓଷ୍ଟାର ଗଞ୍ଜାମ ସଂପାଦକ ବିଜୟ କୁମାର, ସମିତି ସଭ୍ୟା ମୀନା କୁମାରୀ ସାହୁ, ସିଆରସି ଗିରିଶ ଚନ୍ଦ୍ର ଶତପଥୀ, ସୁନ୍ଦର ପୁର ହାଇସ୍କୁଲ ପ୍ରଧାନଶିକ୍ଷକ ବାଣୀଶ୍ରୀ ମିଶ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଇ.କନ୍ୟା କୁମାରୀ, ବିଜୟ କୁମାର ପ୍ରଧାନ, ନ୍ୟାୟବ ସରପଞ୍ଚ ରୁବି ନାହାକ, ପିଇଓ ସୁନିତା କୁମାରୀ ବେହେରା,ମାୟା ସାହୁ ସାମ୍ବାଦିକ କ୍ଷେତ୍ର ବାସୀ ସାହୁ ପ୍ରମୁଖ ଯୋଗ ଦେଇ ଗୁରୁ ଦିବସର ତାତ୍ପର୍ଯ୍ୟ ଉପରେ ମତ ପ୍ରଦାନ କରି ଭଲ ମଣିଷ ହେବାପାଇଁ ପରାମର୍ଶ ଦେଇ ଥିଲେ । ଟାଙ୍ଗଣା ପଲ୍ଲୀ ସରପଞ୍ଚ ବି.ସୁଦାମ ଉତ୍ସବ ଆୟୋଜନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ ।ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ପଟ୍ଟନାୟକଙ୍କ ସଂଯୋଜନାରେ ପରିଚାଳିତ ଏଇ ଉତ୍ସବକୁ ଶିକ୍ଷୟିତ୍ରୀ ନିରୂପମା ମିଶ୍ର, ଶୁଭ୍ରଚଳା ବକ୍ସି, ସୁଧୀର ସେଠୀ, ପଦ୍ମଚରଣ ଦାସ,ବିନୋଦ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ଅନୁରୂପ ଭାବେ ଟାଙ୍ଗଣା ପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ କେରାଣ୍ଡି ଟୋଲା ନାରାୟଣ ପୁର ଗ୍ରାମର ଉତ୍ସାହି ଯୁବକ ମାନଙ୍କ ଦ୍ୱାରା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ମାନଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲ । ଯୁବ ନେତା ବିକ୍ରମ ପାଣିଗ୍ରାହୀଙ୍କ ସଂଯୋଜନାରେ ପରିଚାଳିତ ଏହି ଉତ୍ସବକୁ ଅମରେଶ୍ୱର ସାହୁ, ଅନିଲ କାନ୍ତ ମହାରଣା ଧର୍ମେନ୍ଦ୍ର ପ୍ରଧାନ ପ୍ରଶାନ୍ତ କୁମାର ପ୍ରଧାନ, ଆଲୋକ ପାଢୀ ପ୍ରମୁଖ ପରିଚାଳନା କରିଥିଲେ ।

# ଡିଏଭି ସ୍କୁଲରେ ଗୁରୁ ଦିବସ ପାଳିତ

ଭଞ୍ଜନଗର ,(ସବ୍ୟୁ) :ଗୁରୁବାର ଦିନ ଡିଏଭି ପିଟି ଏସ୍ ଆର ପବ୍ଲିକ ସ୍କୁଲ ଭଞ୍ଜନଗରରେ ପବିତ୍ର ଗୁରୁଦିବସ ତଥା ଭାରତର ପୂର୍ବତନ ଦ୍ୱିତୀୟ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିନ ମହା ଆଡମ୍ବରରେ ପାଳନ କରାଯାଇଛି। ବିଦ୍ୟାଳୟ ର ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀ ବିଦ୍ୟାଳୟ ର ଛାତ୍ର ସଂସଦ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା ଛ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାସୁଦେବ ପାଣିଗ୍ରାହୀ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ପରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଦଳଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ ଯାଇଥିଲା । ପ୍ରଧାନ ଶିକ୍ଷକ ଶ୍ରୀ ବାସୁଦେବ ପାଣିଗ୍ରାହୀ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ବିଷୟରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ ମାନେ ନିଆରା ଢଙ୍ଗରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ସମ୍ମାନୀତ କରିଥିଲେଛ ଶିକ୍ଷକ ମହଲରେ ଏସବୁକୁ ସ୍ୱାଗତ କରାଯାଇଥିଲା ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁ ଦିବସ ପାଳିତ

ରମ୍ଭା (ସବ୍ୟୁ) : ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରମ୍ଭା ରେ ଗୁରୁ ଦିବସ ପାଳିତ ହୋଇଯାଇଛ। ଏହି ଅବସରରେ ନୀଳକଣ୍ଠ ନଗର ଶିଶୁ ମନ୍ଦିର ଅବସର ପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଓ ମାଧବ ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ରାଧାକୃଷ୍ଣଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେବା ନିମନ୍ତେ ମାର୍ଗ ଦର୍ଶନ କରିଥିଲେ। ଉପଦେଷ୍ଟା ରାମଚନ୍ଦ୍ର ବାଡ଼ତ୍ୟା, ସଭାପତି ଏମ. ନରସିଂହ ସୁବୁଦ୍ଧି, ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର, ସମାଜସେବୀ ଅମୁଲ୍ୟ କୁମାର ସେନାପତି, ମହେନ୍ଦ୍ର କୁମାର ସେନାପତି, କୋଷାଧ୍ୟକ୍ଷ ଡି. ପଦ୍ମ ଲୋଚନ ଆଚାରୀ, ସଦସ୍ୟା ଶ୍ରୀମତୀ ସରିତା ସେଠି, ପ୍ରଧାନ ଆଚାର୍ଯ୍ୟ ଶ୍ରୀଧର ପ୍ରଧାନ ଉପସ୍ଥିତ ରହି ଗୁରୁ ଦିବସର ମହତ୍ୱ ପ୍ରତିପାଦନ କରିଥିଲେ।ଗୁରୁଜୀ ସତ୍ୟ ନାରାୟଣ ପ୍ରଧାନ କୃତଜ୍ଞତା ଜ୍ଞାପନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତା ର କୃତି ପ୍ରତିଭାଗୀ ମାନଙ୍କୁ ମାନପତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା।

# ଜିଲ୍ଲାସ୍ତରୀୟ ଗୁରୁ ଦିବସ ଉତ୍ସବ



ଛତ୍ରପୁର ,(ସବ୍ୟୁ) : ଛତ୍ରପୁର ଷ୍ଟାଡିୟମ୍ ପଡିଆ ଠାରେ ଜିଲ୍ଲା ସ୍ତରୀୟ ଗୁରୁ ଦିବସ ଉତ୍ସବ ଓ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ବିଭାଗୀୟ ମନ୍ତ୍ରୀ ବିଭୁତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀ ମାନଙ୍କୁ ଜଣାଇଥିଲେଯେ, ଜଣେ ଶିଷ୍ୟ ଯେତେ ଉଚ୍ଚ ସ୍ଥାନରେ ଥାଆନ୍ତୁ ନା କାହିଁକି କେବେ ମଧ୍ୟ ଗୁରୁଙ୍କ ସମକକ୍ଷ ହୋଇ ପାରିବେ ନାହିଁ । ଶିକ୍ଷକ ମାନଙ୍କ ଉଦ୍ଦେଶ୍ୟରେ ସମର୍ପିତ ଦିବସ ଗୁରୁ ଦିବସ, ଶିକ୍ଷକ ଗଣ ଶିଷ୍ୟଙ୍କୁ ଅନ୍ଧାରରୁ ଆଲୋକ ଆଡକୁ ନେଇ ଥାଆନ୍ତି , ତେଣୁ ସବୁ ସମୟରେ ଗୁରୁଜନ ଆମ୍ଭ ମାନଙ୍କର ନମସ୍ୟ । ବିଦ୍ୟାର୍ଥୀଗଣ ମଧ୍ୟ ନିଜ ଲକ୍ଷଣରେ ଉଚିତ ପରିବର୍ତ୍ତନ ଆଣି ଦେଶ ଗଠନରେ ବ୍ରତୀ ହେବାକୁ ମନ୍ତ୍ରୀ ଶ୍ରୀ ଜେନା ପରାମର୍ଶ ଦେଇଥିଲେ ।

ଅନ୍ୟତମ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳୀ ସ୍ୱାଇଁ ଯୋଗ ଦେଇ ଗୁରୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖି ଆଜି ପ୍ରତ୍ୟକ ବ୍ୟକ୍ତି ଯିଏ ଯେଉଁ କ୍ଷେତ୍ରରେ କାର୍ଯ୍ୟ କରୁଥାଆନ୍ତୁ ନା କାହିଁକି ତାହା ଗୁରୁଙ୍କ ଉପଯୁକ୍ତ ଶିକ୍ଷା ଯୋଗୁଁ ସମ୍ଭବ ହୋଇଥିବା ଅଧ୍ୟକ୍ଷା ଶ୍ରୀମତୀ ସ୍ୱାଇଁ ଜଣାଇଥିଲେ । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଅନ୍ୟତମ ଅତିଥି ଭାବେ ଯୋଗଦାନ କରି ଜିଲ୍ଲାର ଶିକ୍ଷା ବ୍ୟବସ୍ଥାର ଉନ୍ନତି ଦିଗରେ ଯାହା ସବୁ କାର୍ଯ୍ୟ ଚାଲିଛି ସେଗୁଡିକ ଆଗକୁ ନିଆ ଯାଉଥିବା ପ୍ରକାଶ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ଶିକ୍ଷା ଅଧିକାରୀ ଅମିତା ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଗୁରୁ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତ ରଞ୍ଜନ ପାଣ୍ଡେ, ରାଜେଶ କୁମାର ପ୍ରଧାନ, ଡି.ଆଇ.ଇ.ଟି. ଅଧ୍ୟକ୍ଷ ଡଃ ସନ୍ତୋଷ କୁମାର ପରିଡା ମଞ୍ଚାସୀନ ଥିଲେ । ଜିଲ୍ଲାର ସମସ୍ତ ୨୨ ଗୋଟି ବ୍ଲକ୍ ର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ୨୦୨୪ ମସିହାରେ ଜିଲ୍ଲାରୁ (ଟପ୍ପର) ଉଚ୍ଚ ସ୍ଥାନରେ ଥିବା ୨୦୨ ଜଣ ବ୍ଲକ୍ ସ୍ତରରେ ଟପ୍ପର ହୋଇଥିବା ୨୧୬୯ ଜଣ ଓଡିଆ ଭାଷାବୃତ୍ତି ୪୭ ଜଣ ଟପ୍ପରଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ୧୧୩ ଜଣ ଛାତ୍ରଛାତ୍ରୀଙ୍କୁ ମେରିଟ୍ ତଥା ସ୍କଲାରସିପ୍ ପ୍ରଦାନ କରାଯାଇଥିଲା ।. ଏହିଭଳି ସମୁଦାୟ ୨୬୦୦ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହିତ ରାଜ୍ୟ ସ୍ତରୀୟ ବିଦ୍ୟାର୍ଥୀ ସମାରୋହରେ ଜିଲ୍ଲାର ୨୬ ଜଣ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମରେ ଯୋଗ ଦେବା ନିମନ୍ତେ ପ୍ରେରଣ କରାଯାଇଥିଲା । ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ପରିସମାପ୍ତି ପରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହୋଇଥିଲା ।

# ୨୯ରେ ମୁଣ୍ଡା ଛାତ୍ରଛାତ୍ରୀ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ

ବାରିପଦା, (ସବ୍ୟୁ) : ମୁଣ୍ଡା ଛାତ୍ରଛାତ୍ରୀ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ପାଇଁ ସ୍ୱାଗତିକା କନ୍‌ଫରେନ୍ସ ହଲରେ ମୁଣ୍ଡା ଯୁବ ସଂଗଠନ ଦ୍ୱାରା ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଏଥିରେ ଆସନ୍ତା ସେପ୍ଟେମ୍ବର ୨୯ତାରିଖ ତଥା ରବିବାର ଦିନ ସହିଦ୍ ସ୍ମୃତି ଭବନ ଠାରେ ରାଜ୍ୟର ନୂତନ କରି ମହାବିଦ୍ୟାଳୟ ମାନଙ୍କରେ ନାମ ଲେଖାଯାଇଥିବା ମୁଣ୍ଡାରୀ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବାର ସ୍ଥିର କରାଯାଇଅଛି। ଏହି ବିଶାଳ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହକୁ ସୁଚାରୁ ରୂପେ ସଫଳ କରିବା ନିମନ୍ତେ ସଂଗଠନର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ କରାଯାଇଅଛି । ବହୁସଂଖ୍ୟାରେ ଜିଲ୍ଲାର ବିଭିନ୍ନ କଲେଜ ମାନଙ୍କରୁ ମୁଣ୍ଡାରୀ ଛାତ୍ରଛାତ୍ରୀ ମାନେ ଏହି ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିଲେ। ଏଥିରେ ସଭାପତି ଫକୀର ମୋହନ ସିଂ ସଭାପତିତ୍ୱ କରିଥିବାବେଳେ ଉପସଭାପତି ବିଜୟ କୁମାର ସିଂ ସଭାପରିଚାଳନ କରିଥିଲେ ।

ଉପଦେଷ୍ଟା ପଦ୍ମଲୋଚନ ସିଂ ଛାତ୍ରଛାତ୍ରୀ ମାନଙ୍କୁ ସମାରୋହର ମହତ୍ତ୍ୱ ବାବଦରେ ଉପଦେଶ ଦେଇଥିବାବେଳେ ଅମର ସିଂ, ଝୁନୁ ସିଂ, ପବିତ୍ରା ସିଂ, ବିଶ୍ୱନାଥ ସିଂ, ମନଦିପ ସିଂ, ବିଦ୍ୟାଧର ସିଂ, ପିଙ୍କି ସିଂ, ଶିବନାଥ ସିଂ, ସନୁ ସିଂ ଓ ପ୍ରମୋଦ ସିଂ ପ୍ରମୁଖ ଯୋଗଦେଇ ଥିଲେ ।

# ରସାୟନ ବିଜ୍ଞାନ ବିଭାଗରେ ଆଲୋଚନାଚକ୍ର




ବୁଗୁଡା ,(ସବ୍ୟୁ): ସ୍ଥାନୀୟ ପିପୁଲ୍ଲି କଲେଜର ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ସ୍ୱପରିସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ପବିତ୍ର ଗୁରୁଦିବସରେ ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ମନୋଜ କୁମାର ଦାସ, ଅଧ୍ୟାପକ ବିଜେନ୍ଦ୍ର ଆଚାର୍ଯ୍ୟ ଓ ଶ୍ରୀକୃଷ୍ଣ ମଣ୍ଡଳ, ଡେମୋନଷ୍ଟ୍ରେଟର୍ ନରହରି ଚୌଧୁରୀ ପ୍ରମୁଖ ଯୋଗ ଦେଇ ଆଲୋଚନା ଚକ୍ରର ଶୀର୍ଷକ କ୍ୟାନ୍ ଏଆଇ ରିପ୍ଲେସ୍ ଟିଚର୍ସ ସମ୍ପର୍କେ ଆଲୋକପାତ କରିଥିଲେ ।

ଏ ଅବସରରେ ଉକ୍ତ ଶୀର୍ଷକକୁ ନେଇ ଆଲୋଚନା ସାଙ୍ଗକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀ ଶାଶ୍ୱତି ପଟ୍ଟନାୟକ–ପ୍ରଥମ, ଉର୍ମିଳା ମହାନ୍ତି–ଦ୍ୱିତୀୟ ଓ ରୂପାଲି ସାହୁ–ତୃତୀୟ ସ୍ଥାନ ଅଧିକାର କରିଥିଲେଛ ପରିଶେଷରେ ଛାତ୍ରୀ ଅର୍ଚ୍ଚିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲ୍ଲାସ୍ତରୀୟ ଗୁରୁଦିବସ ଓ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ

# ୧୫୬୬ ଜଣଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ବଲାଙ୍ଗିର,(ସବ୍ୟୁ) : ବଲାଙ୍ଗିର ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ସ୍ଥାନୀୟ ଟାଉନ ବଏଜ ହାଇସ୍କୁଲ ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଥିଲା । ବଲାଙ୍ଗିର ସାଂସଦ ସଙ୍ଗୀତା କୁମାରୀ ସିଂଦେଓ ,ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର, ଜିଲ୍ଲାପରିଷଦ ସଭାନେତ୍ରୀ ଦେବକୀ ସାହୁ , ପୌରାଧକ୍ଷା ଲିକା ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ , ଅତିରିକ୍ତ ଜିଲ୍ଲା ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର, ପ୍ରିନ୍ସିପ୍ୟାଲ ଡିଆଇଇଟ ଜୟପ୍ରକାଶ ଦାସ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ/ଶିକ୍ଷୟତ୍ରୀ, ପୁରାତନ ଛାତ୍ରଛାତ୍ରୀ, ବିଦ୍ୟାଳୟ ଶିକ୍ଷା କମିଟିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।ଏହି ଅବସରରେ ୧୨୩ ଜଣଙ୍କୁ ଜିଲ୍ଲାସ୍ତରୀୟ ଛାତ୍ର ଛାତ୍ରୀ ପୁରସ୍କାର, ୧୪୨୧ ଜଣ ବ୍ଲକସ୍ତରୀୟ ଛାତ୍ରଛାତ୍ରୀ ପୁରସ୍କାର, ୧୩ ଜଣଙ୍କୁ ଓଡିଆ ଭାଷାବୃତି ପୁରସ୍କାର ଏବଂ ୦୯ ଜଣଙ୍କୁ ମେଧା ବୃତି ପୁରସ୍କାର ପ୍ରଦାନ କରାଯାଇଛି । ୧୪ ଟି ବ୍ଲକରୁ କୃତୀ ଛାତ୍ର ଛାତ୍ରୀ ତଥା ଶିକ୍ଷକ ଶିକ୍ଷୟତ୍ରୀ ଏହି ଉତ୍ସବ ରେ ପୁରସ୍କୃତ ହୋଇଥିଲେ । ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଗତ ସଂଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଅତିଥି ମାନେ ଛାତ୍ରଛାତ୍ରୀ ମାନଙ୍କ ସଫଳ ଜୀବନଯାତ୍ରା ପାଇଁ ପ୍ରେରଣାତ୍ମକ ଉପଦେଶ ଏବଂ ଗୁରୁଙ୍କ ମହତ୍ୱ ବିଷୟରେ ଜଣାଇଥିଲେ।

# ଡ୍ରେନେଜ ମାଷ୍ଟର ପ୍ଲାନ୍ ପାଇଁ ଖୁବ୍‌ଶୀଘ୍ର ଆରମ୍ଭ ହେବ ଡ୍ରୋନ୍ ସର୍ଭେ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସହରରେ ଜଳ ନିଷ୍କାସନ ସମସ୍ୟା ରହିଛି । ନାଳା ଓ ଡ୍ରେନ ଗୁଡିକ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି । ଏହା ମଧ୍ୟରେ ଲୋକେ ଅଳିଆ ଆବର୍ଜନା ଓ ବର୍ଜ୍ୟବସ୍ତୁ ପକାଉଛନ୍ତି । ଏଭଳିସ୍ଥଳେ ସଠିକ୍ ଭାବେ ଜଳ ନିଷ୍କାସନ ହୋଇ ପାରୁନଥିବା ବେଳେ ପ୍ରତିବର୍ଷ ସହରରେ ମନୁଷ୍ୟକୃତ ବନ୍ୟା ଦେଖାଯାଉଛି । ଏହାକୁ ଏଡାଇବା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସମ୍ବଲପୁର, ବୁର୍ଲା, ହୀରାକୁଦ ସମେତ ୭ଟି ପଞ୍ଚାୟତରେ ବନ୍ୟା ନିୟନ୍ତ୍ରଣ ଓ ଡ୍ରେନେଜ୍ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ୩୫୩ ବର୍ଗ କିଲୋମିଟର ପରିମିତ ସହରର ବିଭିନ୍ନ ୱାର୍ଡର ଲୋକଙ୍କ ସହ ଆଲୋଚନା କରାଯିବା ପରେ ଡ୍ରୋନ୍ ସର୍ଭେ ଆରମ୍ଭ ହେବ। ଏହି ମାଷ୍ଟର ପ୍ଲାନ୍ ଓ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ୧ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହେବ। ଏଥିପାଇଁ ଇକୋ ମେଟ୍ରିକ୍ସ କନ୍‌ସଲଟେଣ୍ଟ ଲିମିଟେଡ(ଟିଏମ୍‌ସି) କାର୍ଯ୍ୟାଦେଶ ହାସଲ କରିଛି। ଯୋଜନା ପ୍ରକଳ୍ପ ପ୍ରସ୍ତୁତ ସମୟରେ ପ୍ରାୟ ସାଢ଼େ ୩ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ମହାନଗରର ୪୧ଟି ୱାର୍ଡକୁ ସାମିଲ କରାଯିବ। ମହାନଗରକୁ



ବନ୍ୟାମୁକ୍ତ କରିବା, ପାଣି ଜମି ରହିବାର ସମସ୍ୟାର ପ୍ରତିକାର ଓ ଉଦ୍‌ବୃତ୍ତ ଜଳ ନିଷ୍କାସନକୁ ପ୍ରକଳ୍ପରେ ପ୍ରାଥମିକତା ଦିଆଯିବ। ଆସନ୍ତା ୧୧ ତାରିଖରୁ ୱାର୍ଡସ୍ତରରେ ସଂପୃକ୍ତ ୱାର୍ଡର ଅଧିବାସୀଙ୍କ ସହିତ ମାଷ୍ଟର ପ୍ଲାନ୍ ଦାୟିତ୍ୱରେ ଥିବା ସଂସ୍ଥା ଆଲୋଚନା ଆରମ୍ଭ କରିବେ। ଏଥିରେ ମହାନଗର ନିଗମ , ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ, ପରିମଳ ନିରୀକ୍ଷକ, ସ୍ୱଚ୍ଛ ସାଥୀ, ଜଳସାଥୀ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ପରିମଳ ବିଶେଷଜ୍ଞ ପ୍ରମୁଖ ଉପସ୍ଥିତ ରହିବେ। ସହର ଦେଇ ଯାଇଥିବା ମାଳତୀ ଯୋର, ହରଡ଼ ଯୋର, ଟାଙ୍ଗନା ନାଳା, ମନ୍ଦଲିଆ ଓ ରୋଡ଼, ପାୱାର ଚେନାଲ ସହିତ ପ୍ରାଥମିକ, ସେକେଣ୍ଡାରୀ ଏବଂ ତର୍‌ସିଆରି ନାଳଗୁଡ଼ିକୁ ସାମିଲ କରାଯିବ। ଏଥିପାଇଁ ମହାନଗରର ପ୍ରତି ନାଳର ଉପସ୍ଥିତି ଓ ସମସ୍ୟାକୁ ଅନୁଧ୍ୟାନ କରାଯିବ ବୋଲି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି ।

# ଆଇଆଇଏମ୍‌ରେ ବାର୍ଷିକ ପୁସ୍ତକ ମେଳା

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ବସନ୍ତପୁରସ୍ଥିତ କ୍ୟାମ୍ପସରେ ଆନ୍ତର୍ଜାତୀୟ ସାକ୍ଷରତା ଦିବସ ଅବସରରେ ୨ୟ ବାର୍ଷିକ ପୁସ୍ତକ ମେଳା ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ଏହାକୁ ଉଦ୍ଘାଟନ କରିଥିଲେ। ଏହି ପୁସ୍ତକ ମେଳାରେ ବ୍ଲୁମସବେରି, ସେଙ୍ଗେଜ୍, ମ୍ୟାକଗ୍ର-ହିଲ୍, ୱିଲି, ସେଜ୍, ସ୍ପ୍ରିଙ୍ଗର ନେଚର, ଟେଲର ଆଣ୍ଡଫ୍ରାନସିସ୍, ସିଆରସି, ରୁଟଲେଜ୍ ଏବଂ ସିବିଏସ୍ ପବ୍ଲିକେସନ୍ ଭଳି ପ୍ରକାଶକ ସଂସ୍ଥା ଯୋଗ ଦେଇଛନ୍ତି । ସମ୍ବଲପୁର ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ମାଷ୍ଟର ଅଫ୍ ଲାଇବ୍ରେରୀ ଆଣ୍ଡ ଇନଫରମେସନ ସାଇନ୍ସ ପଢୁଥିବା



ଛାତ୍ରଛାତ୍ରୀଙ୍କ ପାଇଁ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ଆସନ୍ତା ୮ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ମେଳା ବୁଲି ଆସିବାକୁ ନିମନ୍ତ୍ରଣ କରାଯାଇଛି ।

# ଗୁରୁଦିବସରେ ଶିକ୍ଷକ ସମ୍ମାନ ସମାରୋହ-୨୦୨୪

ସୋନପୁର, (ସବ୍ୟୁ) : ପବିତ୍ର ଗୁରୁଦିବସ ଅବସରରେ ଜିଲ୍ଲାର ଅବସର ପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କ ସମ୍ବର୍ଦ୍ଧନା ପାଇଁ ଶ୍ରୀ ଗୁରୁଚରଣ କାର୍ଯ୍ୟକ୍ରମ ସୁବର୍ଣ୍ଣ ଭାରତୀ ପରିବାର ତରଫରୁ ଦୟାନନ୍ଦ ପ୍ଲେ/ପବ୍ଲିକ ସ୍କୁଲ ,ଡେରାପଡା ସ୍ଥିତ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୬୦ ଜଣ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଉତ୍ସାହର ସହ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ କବି ଡ. ଆର୍ତ୍ତତ୍ରାଣ ବାବୁ ଓ ସମ୍ମାନୀତ ଅତିଥି ଭାବରେ ଡ: ଦିଲ୍ଲୀପ କୁମାର ତ୍ରିପାଠୀ, ମାନନୀୟ ଜିଲ୍ଲା ସଂଘ ଚାଳକ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ସୁବର୍ଣ୍ଣପୁର ଓ ମୁଖ୍ୟ ବକ୍ତା ଭାବରେ ସମାଜସେବୀ ଜନ୍ମେଜୟ ପାଣିଗ୍ରାହୀ ମାର୍ଗ ଦର୍ଶନ କରିଥିଲେ। ଦୟାନନ୍ଦ ପବ୍ଲିକ ସ୍କୁଲର ପ୍ରିନ୍ସିପାଲ କେ .କୁମାରୀ ସ୍ୱାଗତ ଭାଷଣ ଦେଇଥିଲେ । ବାଣୀସିଟୀ ଶ୍ରୀ ହରି ଏଜୁକେସନାଲ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟ, ସୁବର୍ଣ୍ଣପୁରର ଚେୟାରମ୍ୟାନ ତଥା ପ୍ରମୁଖ ସୁବର୍ଣ୍ଣ ଭାରତୀ ପରିବାର ଶିବଭାଇ ସମାରୋପ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଚନ୍ଦନ ତିଳକ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନ କରାଯାଇଥିଲା । କାର୍ଯ୍ୟକ୍ରମର ଭବ୍ୟତା ଅନୁଷ୍ଠାନର ଶିକ୍ଷୟତ୍ରୀ ଓ ଷ୍ଟାଫ ମାନଙ୍କ ପ୍ରବଳ ଉଦ୍ୟମ ବଳରେ ହୋଇ ପାରିଥିଲା।

# ସମ୍ବଲପୁରରେ ନୂଆଁ ଖାଇବେ ମୁଖ୍ୟମନ୍ତ୍ରୀ

ସମ୍ବଲପୁର,(ସବ୍ୟୁ): ୮ତାରିଖରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ପାଳିତ ହେବ । ଏହି ଦିନ ପୂର୍ବାହ୍ନ ୯ଟା ୧୨ ମିନିଟରୁ ୯ଟା ୨୭ ମଧ୍ୟରେ ମାଁ ସମଲେଶ୍ୱରୀଙ୍କ ଠାରେ ନବାହ୍ନ ଲାଗି ବ୍ୟବସ୍ଥା କରାଯାଇଛି । ଏହାପରେ ଅନ୍ୟ ଦେବାଦେବୀଙ୍କ ଠାରେ ନୂଆଁ ଲାଗି ହେବ। ପରେ ପଶ୍ଚିମ ଓଡିଶାବାସୀ ନୂଆଁ ଖାଇବାର ପରମ୍ପରା ରହିଛି। ଏଭଳିସ୍ଥଳେ ମୁଖମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁର ଗସ୍ତରେ ଆସି ନୂଆଁ ଖାଇବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ଓ ପୋଲିସ ପ୍ରଶାସନ ଏବଂ ବିଭିନ୍ନ କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଏହି ଦିନ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ବିମାନ ଯୋଗେ ଜମାଦାରପାଲି ଏୟାରଷ୍ଟ୍ରିପରେ ପହଞ୍ଚିବା ପରେ ଅପରାହ୍ନ ୧ଟା୧୦ରେ ମାଁ ସମଲେଶ୍ୱରୀଙ୍କୁ ଦର୍ଶନ କରିବେ । ଏହାପରେ ନବାହ୍ନ ଭକ୍ଷଣ କରିବେ । ସେହିପରି ଅପରାହ୍ନ ୩ଟା୩୫ରେ ମାରୱାଡି ଯୁବ ମଞ୍ଚ ସମ୍ବଲପୁର ଦ୍ୱାରା ହୋଟେଲ ରିଭର ଇନ୍ ରେସର୍ଟରେ ଆୟୋଜିତ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଯୋଗ ଦେବେ । ଏହାପରେ ଜିଲ୍ଲା ତପସ୍ୱିନୀ ପ୍ରେକ୍ଷାଳୟ ଠାରେ ମୁଖ୍ୟମନ୍ତ୍ରୀ କିସାନ ଯୋଜନାର ଶୁଭାରମ୍ଭ, ସଂନ୍ଧ୍ୟା ୬ଟା୧୦ରେ ଝାଡୁଆପଡା ଆରଣ୍ୟକ ମଞ୍ଚରେ ଆୟୋଜିତ ନୂଆଁଖାଇ ଭେଟଘାଟରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ରାତି ପ୍ରାୟ ୭ଟା୦୫ରେ ସମଲେଶ୍ୱରୀ ମନ୍ଦିର ପରିସରରେ ଯୁବକ ସଂଘ, ୮ଟା୦୫ରେ ନନ୍ଦପଡା ବାଲୁଙ୍କେଶ୍ୱର କଲ୍ୟାଣ ମଣ୍ଡପରେ ଆୟୋଜିତ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ଅଶୋକ ନିବାସରେ ରାତ୍ରୀ ରହଣି ବ୍ୟବସ୍ଥା ହୋଇଛି । ଆସନ୍ତା ୯ତାରିଖ ପୂର୍ବାହ୍ନ ସାଢେ ୧୦ଟାରେ ଜମାଦାରପାଲି ଏୟାରଷ୍ଟ୍ରିପରୁ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ଯାତ୍ରା କରିବେ । ଏହି ସମସ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱ ମନ୍ତ୍ରୀ ସୁରେଶ କୁମାର ପୁଝାରୀ, ପଞ୍ଚାୟତରାଜ ମନ୍ତ୍ରୀ ରବିନାରାୟଣ ନାଏକ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଯୋଗ ଦେବେ ବୋଲି ଜଣାପଡିଛି ।

# ୧୦ ମାସର ଶିଶୁକୁ ଛାଡ଼ି ପ୍ରେମିକ ସହ ଫେରାର ମା’

ସଇଁତଲା,(ସବ୍ୟୁ): ଦଶ ମାସର ଶିଶୁ ମା କ୍ଷୀର ବି ଛାଡ଼ି ନାହି ହେଲେ ମା ଏତେ ନିଷ୍ଠୁର ହେବ ତାହା ଏ କୁନି ଶିଶୁଟି କେମିତି ଜାଣିବ। ନିଜ ପିଲା ପାଇଁ ମା କେତେ କଣ ସହି ଯାଇଥାଏ ନିଜ ଜୀବନକୁ ବି ସମୟ ସମୟରେ ବାଜି ଲଗାଇ ଦେଉଛି। ହେଲେ ଏଠାରେ ସତେ ଯେମିତି ମା ର ମମତା ହଜି ଯାଇଛି। କାରଣ ୧୦ ମାସର ଶିଶୁକୁ ଛାଡି ନିଜ ପ୍ରେମିକ ସହ ଫେରାର ମାରିଛି ମା। ଆଉ ଏବେ ଶିଶୁକୁ ଧରି ଟିଟିଲାଗଡ ଥାନାର ଦ୍ୱାରସ୍ଥ ହୋଇଛନ୍ତି ବାପା। ଟିଟିଲାଗଡ ଥାନା ସିରକେଲା ଗାଁ ର ଉଗ୍ରେସନ ଶିକା ର ଗତ ୨୦୨୨ ରେ ଟିକ୍ରାପଡ଼ା ଗାଁ ର ପ୍ରିୟା ବିଭାର ସହ ପ୍ରେମ ବିବାହ କରିଥିଲେ। ହେଲେ ବିବାହ ବନ୍ଧନ ସ୍ୱାମୀ-ସ୍ତ୍ରୀକୁ ଚିର ଦିନ ପାଇଁ ବାନ୍ଧି ପାରିନଥିଲା। ସ୍ତ୍ରୀ ପ୍ରିୟା ଏବେ ପ୍ରେମିକ ସହ ଫେରାର ହୋଇ କୋର୍ଟ ମ୍ୟାରେଜ କରିବା ପାଇଁ ୧୫ ଦିନ ହେବ ଫେରାର ମାରିଥିବା କହିଛନ୍ତି ଉଗ୍ରସେନ ଶିକା । ଉଗ୍ରସେନ କହିବା ଅନୁସାରେ ଦୁଇ ଦିନ ତଳେ ତାଙ୍କ ସ୍ତ୍ରୀ ଗୋଟିଏ ଅନ୍ୟ ନମ୍ବରରେ ଫୋନ କରି ନିଜ ପ୍ରେମିକ ସହ କୋର୍ଟ ମ୍ୟାରେଜ କରିବା ପାଇଁ ଫେରାର ହୋଇଥିବା କହିଥିଲେ। ଏହା ସହିତ ତାଙ୍କୁ ଖୋଜା ଖୋଜି କରିବା ପାଇଁ ମନା କରିଥିଲେ। ତେବେ ଆଜି ୧୦ ମାସ ର ଶିଶୁ ସହ ଟିଟିଲାଗଡ ଥାନା ର ଦ୍ୱାରସ୍ଥ ହୋଇଛନ୍ତି ଉଗ୍ରସେନ।

# ନର୍ଲାରେ ପାଳିତ ହେଲା ପବିତ୍ର ଗୁରୁ ଦିବସ

ନର୍ଲା,(ସବ୍ୟୁ): କଥାରେ ଅଛି ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱର, ଗୁରୁ ସାକ୍ଷାତ ପରମବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ। ମଣିଷ ଜନ୍ମ ହେଲା ମାତ୍ରକେ ତା ଜୀବନ ରେ ଅନେକ ଗୁରୁ ଆସିଥାନ୍ତି। ପିତା, ମାତା ହେଉଛନ୍ତି ତାର ପ୍ରଥମ ଗୁରୁ, ତା ପରେ ଅନ୍ୟ ଗୁରୁ ମାନେ ଆସନ୍ତି । ସେଥିପାଇଁ ପିତା ମାତାଙ୍କୁ ଭକ୍ତି କଲା ପରେ ସନ୍ତାନ ଆଗକୁ ବଢ଼ି ଥାଏ। ସେପ୍ଟେମ୍ବର ୫ ତାରିଖକୁ ସାରା ଦେଶରେ ଗୁରୁ ଦିବସ ଭାବରେ ପାଳନ କରା ଯାଉଥିବା ବେଳେ କଳାହାଣ୍ଡି ଜିଲ୍ଲା ନର୍ଲା ରୋଡ ଜୟ ଦୁର୍ଗା ହାଇସ୍କୁଲ ପରିସରରେ ମଧ୍ୟ ଗୁରୁ ଦିବସ ପାଳନ କରାଯାଇଛି। ପ୍ରତ୍ୟେକ ସ୍କୁଲରେ ଆଜି ଗୁରୁ ଦିବସ ଦିନ ଖୁସି ର ମାହୋଲ ଥିବା ବେଳେ ଏହି ଜୟ ଦୁର୍ଗା ହାଇସ୍କୁଲରେ ସେହି ଖୁସି ଦ୍ୱିଗୁଣିତ ହୋଇଛି।

ଗୁରୁ ଦିବସରେ କେନ୍ଦ୍ର ସରକାର ସାରା ଦେଶରେ ୫୦ ଜଣ ଶିକ୍ଷକଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର ଦେଉଥିବା ବେଳେ ସେମାନଙ୍କ ମଧ୍ୟରୁ ଓଡ଼ିଶାରୁ ଦୁଇ ଜଣ ଶିକ୍ଷକ ଅଛନ୍ତି। ଜଣେ ରାୟଗଡ଼ା ଜିଲ୍ଲାର ଶିକ୍ଷକ ଥିବା ବେଳେ ଅନ୍ୟ ଜଣେ ଉକ୍ତ ଜୟ ଦୁର୍ଗା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର କର ମଧ୍ୟ ସମ୍ମାନିତ ହେବା ପାଇଁ ଦିଲ୍ଲୀ ଯାଇଛନ୍ତି ଦେଶର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ହାତରୁ ସମ୍ମାନ ଗ୍ରହଣ କରିବା ପାଇଁ। ସେଥିପାଇଁ ଜୟ ଦୁର୍ଗା ହାଇସ୍କୁଲ ସହିତ ନର୍ଲା ଅଞ୍ଚଳରେ ଖୁସିର ଲହରୀ ଖେଳି ଯିବା ସହ ସ୍କୁଲର ସମସ୍ତ ଛାତ୍ର ଛାତ୍ରୀ,ଓ ଅନ୍ୟ ଶିକ୍ଷକ ମାନେ ଗର୍ବ ଅନୁଭବ କରିବା ସହିତ ଶ୍ରୀଯୁକ୍ତ କରଙ୍କ ଉତ୍ତରୋତର କାମନା କରିଛନ୍ତି ଏବଂ ଉକ୍ତ ଶିକ୍ଷକ ଆମ ଅଞ୍ଚଳର ପ୍ରେରଣା ବୋଲି ମତ ପ୍ରକାଶ ପାଇଛି। ସେଥିପାଇଁ ବିଦ୍ୟା ଅଟଇ ମହା ଧନ ବାଳକେ କର ଉପାର୍ଜନ ବୋଲି ବିଜ୍ଞ ଜନ ମାନେ ପୂର୍ବରୁ କହି ଯାଇଛନ୍ତି ।

# ଜିଲ୍ଲାସ୍ତରୀୟ ଗୁରୁ ଦିବସ ଓ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ



ସମ୍ବଲପୁର,(ସବ୍ୟୁ): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଗୁରୁ ଦିବସ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ସେ କଠିନ ପରିଶ୍ରମ ଦ୍ୱାରା ଲକ୍ଷ୍ୟ ପୂରଣ ନିଶ୍ଚିତ ବୋଲି ଗୁରୁତ୍ୱ ଆରୋପ କରିଥିଲେ । ପଞ୍ଚାୟତିରାଜ ମନ୍ତ୍ରୀଙ୍କ ପ୍ରତିନିଧି ଦୁଷ୍ମନ୍ତ ନାଏକ ମୁଖ୍ୟ ଅତିଥି, ସମ୍ବଲପୁର ବିଧାୟକଙ୍କ ପ୍ରତିନିଧି ସମୀର ରଞ୍ଜନ ବାବୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁରୁ ଦିବସର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ , ଜିଲ୍ଲା ଶିକ୍ଷାଧିକାରୀ ମୀନାରାଣୀ ମଙ୍ଗଳ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜୟଶ୍ରୀ ଦୋରା ଓ ଡ.ମୂରଲୀଧର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଉଭୟ ପ୍ରାଥମିକ ଓ ମାଧ୍ୟମିକ ସ୍ତରରୁ ଅବସରପ୍ରାପ୍ତ ୧୫ ଜଣ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଗତ ଶିକ୍ଷାବର୍ଷ ୨୦୨୩-୨୪ ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଉତ୍ତମ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଚାରୋଟି ବିଭାଗରେ ସର୍ବମୋଟ ୧୨୩୭ ଜଣ ଛାତ୍ରଛାତ୍ରୀଙ୍କୁ ଓଡ଼ିଶା ମାଧ୍ୟମିକ ବୋର୍ଡ କଟକ ଦ୍ୱାରା ମନୋନୀତ କରାଯାଇଥିଲା। ସମ୍ବଲପୁର ଜିଲ୍ଲା ସ୍ତରୀୟ ବିଦ୍ୟାର୍ଥୀ ମେଧା ବୃତ୍ତି ପାଇଁ ୭୬ ଜଣ, ବ୍ଲକ ସ୍ତରୀୟ ବିଦ୍ୟାର୍ଥୀ ମେଧାବୃତ୍ତି ପାଇଁ ୯୪୨ ଜଣ, ଓଡ଼ିଆ ଭାଷା ବୃତ୍ତି ପାଇଁ ୨୧୦ ଜଣ, ମେରିଟ କମ୍ ସ୍କୋଲାରସିପ ପାଇଁ ୯ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ପାର୍ଥସାରଥୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ୱଭାବ କବି ଗଙ୍ଗାଧର ଜୟନ୍ତୀ ଅବସରରେ ସ୍ୱତନ୍ତ୍ର ଆଲୋଚନାଚକ୍ର

ଝାରସୁଗୁଡ଼ା,(ସବ୍ୟୁ): ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ଓଡ଼ିଆ ସ୍ନାତକୋତ୍ତର ବିଭାଗ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଅବସରରେ ପତିହିତ ସାଧନୀ ଶୀର୍ଷକରେ ଏକ ସ୍ୱତନ୍ତ୍ର ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷା ଡ. ସ୍ନେହଲତା ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ଓଡିଆ ପ୍ରାଧ୍ୟାପକ ଡ଼ ଦିଲ୍ଲୀପ ପଶାୟତ ଯୋଗଦେଇ ଗଙ୍ଗାଧରଙ୍କ ସାହିତ୍ୟକୃତିର ବିଶେଷ କରି ମା ସୀତାଙ୍କ ଚରିତ୍ର ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ଲାଲଧାରୀ ସିଂ ବିଷୟ ଉପସ୍ଥାପନା ସହିତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଡ.ପଦ୍ମନାଭ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଇଂରାଜୀ ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ପୂର୍ଣ୍ଣିମାମୟୀ ଦାଶ, ଡ. ସ୍ୱର୍ଣ୍ଣମୟୀ ପୁରୋହିତ, ଅଧ୍ୟାପକ ହିମାଂଶୁ ଶେଖର ମହାକୁଡ଼, ଅଧ୍ୟାପକ ତପନ ସାହୁ, ଅଧ୍ୟାପିକା ଡ ଗାୟତ୍ରୀ ବୁଡ଼ା, ପ୍ରାଧ୍ୟାପକ ତପନ କୁମାର ବାରିକ ତଥା ଛାତ୍ର ଛାତ୍ରୀମାନେ ଯୋଗଦାନ କରିଥିଲେ। ଶେଷରେ ଓଡ଼ିଶା ସାହିତ୍ୟ ବିଭାଗର ଅଧ୍ୟାପିକା ଡ. ଦୀପଶିଖା ସୋହେଲା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୯୩୦ ଛାତ୍ରଛାତ୍ରୀ ପାଇଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ମାଲକାନଗିରି,(ସବ୍ୟୁ): ପବିତ୍ର ଗୁରୁଦିବସରେ ମାଲକାନଗିରି ଜିଲ୍ଲାସ୍ତରୀୟ ଗୁରୁଦିବସ କାର୍ଯ୍ୟକ୍ରମରେ ଜିଲ୍ଲାର ୯୩୦ ଛାତ୍ରଛାତ୍ରୀ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ବ୍ଲକ ଉପାଧ୍ୟକ୍ଷ ନିରଂଜନ ହାଲଦାର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲେ। ଆଜିର ଦିନଟି ଗୁରୁ ଶିଷ୍ୟର ପରମ୍ପରା ସମ୍ବନ୍ଧରେ ଅତିଥି ମାନେ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିବା ସହ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଆଦର୍ଶ ଓ ନୀତିକୁ ସମସ୍ତ ଗୁରୁ ଗୁରୁମା ଛାତ୍ରଛାତ୍ରୀ ମନେ ରଖିବା ଉଚିତ । ମାଲକାନଗିରି ଜିଲ୍ଲାରେ ସାତଟି ବ୍ଲକର ବିଭିନ୍ନ ବିଦ୍ୟାଳୟର ୯୩୦ ଉତ୍ତମ ଛାତ୍ରଛାତ୍ରୀଙ୍କୁ ଓଡିଆ ଭାଷା ବୃତ୍ତି ପୁରସ୍କାର, ବିଦ୍ୟାର୍ଥୀ ମେଧାବୃତ୍ତି ପୁରସ୍କାର, ଜିଲ୍ଲାସ୍ତରୀୟ ମେଧାବୀ ବିଦ୍ୟାର୍ଥୀ ପୁରସ୍କାର, ବ୍ଲକ ସ୍ତରୀୟ ମେଧାବୀ ବିଦ୍ୟାର୍ଥୀ ପୁରସ୍କାରରେ ପୁରସ୍କୃତ କରାଯିବା ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### ନାକଟିଦେଉଳ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

# ଶିକ୍ଷକମାନେ ହେଉଛନ୍ତି ରାଷ୍ଟ୍ର ନିର୍ମାତା

ରେଢ଼ାଖୋଲ,(ସବ୍ୟୁ): ଶିକ୍ଷକମାନଙ୍କର ଆଚରଣ, ଚରିତ୍ର ,ଭାବବିନିମୟ ଛାତ୍ରଛାତ୍ରୀମାନଙ୍କ ଜୀବନ ବର୍ଦ୍ଧନରେ ସହାୟକ ହୋଇଥାଏ। ପ୍ରାଚୀନ ଗୁରୁକୁଳରେ ଗୁରୁ-ଶିଷ୍ୟ ସମ୍ପର୍କ ସୁଦୃଢ ଥିଲା। ସାମ୍ପ୍ରତିକ ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ସେ ସମୟର ଐତିହ ଫେରାଇ ଆଣିବାକୁ ହେଲେ ଶିକ୍ଷକମାନଙ୍କୁ ଆତ୍ମସମୀକ୍ଷା କରିବାକୁ ପଡିବ ବୋଲି ନାକଟିଦେଉଳ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ଅତିଥିଗଣ ମତବ୍ୟକ୍ତ କରିଥିଲେ। ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟର ମିଳିତ ପ୍ରୟାସରେ




ଅନୁଷ୍ଠିତ ୪୨ ତମ ପ୍ରତିଷ୍ଠା ଉତ୍ସବ ତଥା ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପବିତ୍ର ଜୟନ୍ତୀ ପାଳନ ହୋଇଯାଇଛି। ଯୁକ୍ତ ଦୁଇ କଲେଜର ଅଧକ୍ଷ ହେମାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହନ୍ତ ମୁଖ୍ୟ ଅତିଥି,ବାରକୋଟ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ, ଜିତେନ୍ଦ୍ର କୁମାର ସାହୁ ମୁଖ୍ୟ ବକ୍ତା, ପ୍ରତିଷ୍ଠାତା ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ ଓ ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ଗ୍ରନ୍ଥକାରିକ ଅରୁଣ ବିଶ୍ୱାଳ ଅତିଥି ପରିଚୟ କରିଥିବାବେଳେ ଅଧ୍ୟାପକ ଡଃ.ପ୍ରଶାନ୍ତ କୁମାର ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏଇ ଅବସରରେ ଗତ ବାର୍ଷିକ ପରୀକ୍ଷାରେ କଳା ଓ ବିଜ୍ଞାନ ବିଭାଗରେ ଟପର ହୋଇଥିବା ଛାତ୍ରୀ ହରପ୍ରିୟା ଦେହୁରୀ , ଛାତ୍ର ଅଂଶୁମାନ ପ୍ରଧାନଙ୍କୁ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ଅଧ୍ୟାପକ ସରୋଜ ଭୁଏ ପରିଚାଳନା କରିଥିଲେ। ଅଧ୍ୟାପିକା ବିନୀତା ମୁର୍ମୁ ଓ ବିଶ୍ୱଜିତ ସାହୁଙ୍କ ସଂଯୋଜନାରେ ସାସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଛ ଏଇ କାର୍ଯ୍ୟକ୍ରମରେ ଉଭୟ ଅନୁଷ୍ଠାନର ଛାତ୍ରଛାତ୍ରୀ ଭାଗ ନେଇ ଥିଲେ। ଅନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା,କର୍ମଚାରୀ ,ନାକଟିଦେଉଳ ଅଞ୍ଚଳର ବୁଦ୍ଧିଜୀବୀ,ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଗଣ ଉପସ୍ଥିତ ଥିଲେ।

# ୧୦୧ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର




ବୋରିଗୁମ୍ମା,(ସବ୍ୟୁ): ରାଜ୍ୟ ସରକାର ପବିତ୍ର ଗୁରୁ ଦିବସରେ ରାଜ୍ୟର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରିଛନ୍ତି। କୋରାପୁଟ ରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ବୋରିଗୁମ୍ମା ବ୍ଲକର ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟର ୧୦୧ ଜଣ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି ବୋଲି ବୋରିଗୁମ୍ମା ବିଇଓ ସଚିନ ମଲ୍ଲିକ ସୂଚନା ଦେଇଛନ୍ତି। ବର୍ଷ ମାଟ୍ରିକ ପରୀକ୍ଷା ରେ ଭଲ ନମ୍ବର ରଖି ପାସ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରିଥିଲେ। କୋରାପୁଟ ଏକ ଉତ୍ସବରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଏସପି ଅବିନବ ସୋନକର,ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, କୋରାପୁଟ ବିଧାୟକ ରଘୁରାମ ମାଛ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ସେହିଭଳି ବ୍ଲକର ସାନପରିଆ ସରକାରୀ ଉନ୍ନତ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସହକାରୀ ଶିକ୍ଷକ ବିଜୟ କୁମାର ସାହୁ, କୁମୁଲି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାର୍କଣ୍ଡ ସତନାମି, ବୋରିଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟ ର ସହକାରୀ ଶିକ୍ଷକ ଗୌରୀ ଶଙ୍କର ସାମନ୍ତରାୟଙ୍କୁ ସମ୍ମାନିତ କରାଯାଇଥିଲା।

# ସନ୍ଥ କବି ଭୀମଭୋଇ ଏକାଡେମୀର ପ୍ରତିଷ୍ଠା ଦିବସ ପାଳିତ



ରେଢ଼ାଖୋଲ,(ସବ୍ୟୁ): ସନ୍ଥ କବି ଭୀମ ଭୋଇ ଜଣେ ସାରସ୍ବତ ତଥା ଆଧାତ୍ମିକ ସାଧକ । ସେ ଥିଲେ ପରମାତ୍ମାଙ୍କ ଉପାସକ । ତାଙ୍କ କବିତା ସମ୍ପର୍କରେ ବର୍ଷ ବର୍ଷ ଧରି ଗବେଷଣା କଲେ ମଧ ସରିବନି । ତାଙ୍କର ପ୍ରତ୍ୟେକ କବିତାରେ ଗୁଢ ରହସ୍ୟ ଭରି ରହିଛି । ଭକ୍ତି କବିତାରେ ନିଜକୁ ସମର୍ପି ଦେଇଥିଲେ ଭୀମ ଭୋଇ ବୋଲି ସନ୍ଥକବି ଭୀମ ଭୋଇ ଏକାଡେମୀର ପ୍ରତିଷ୍ଠା ଦିବସରେ ମୁଖ୍ୟ ବକ୍ତା ଭାବରେ ସାହିତ୍ୟିକ ତଥା ଅବସର ପ୍ରାପ୍ତ ଆୟକର କମିଶନର ରାଧାକାନ୍ତ ସେଠ । ସଭାପତି ମୁରଲୀ ଧର ସେଠିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସରେ ଉଦଘାଟକ ଭାବରେ କନ୍ଧରା ସ୍ଥିତ ଭୀମଭୋଇ ସ୍ମୃତି ପୀଠ ମୁଖ୍ୟ ବାବା ଆନନ୍ଦ ଚନ୍ଦ୍ର ଦାସ, ମୁଖ୍ୟ ଅତିଥି ଭାବରେ ରେଢ଼ାଖୋଲ ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ ଯୋଗଦେଇ ଭୀମଭୋଇଙ୍କ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ସାମ୍ବାଦିକ ରଣଜିତ ଦେହୁରୀ ସ୍ବାଗତ କରିଥିବାବେଳେ ସାମ୍ବାଦିକ କନ୍ଦର୍ପ ବେହେରା ଅତିଥି ପରିଚୟ ଓ ମହାବୀର ସିଂଦେଓ ଧନ୍ୟବାଦ ଦେଇଥିଲେ ।

# ସୁଭଦ୍ରା ଯୋଜନାର ସଫଳ ରୂପାୟନ ପାଇଁ ଜିଲ୍ଲା ପ୍ରଶାସନ ତତ୍ପର

ରାୟଗଡା,(ସବ୍ୟୁ): ସୁଭଦ୍ରା ଯୋଜନାର ସଫଳ ରୂପାୟନ ପାଇଁ ଜିଲ୍ଲା ପ୍ରଶାସନ ତତ୍ପର ହୋଇଛି। ଏନେଇ ଜିଲ୍ଲାପାଳ ପାରୁଲ ପଟାୱରୀ ସୁଭଦ୍ରା ଯୋଜନା କିପରି ଆବେଦନ କରିବେ ଏବଂ ଜିଲ୍ଲା ପ୍ରଶାସନ ତରଫରୁ କଣ ସୁବିଧା ସୁଯୋଗ ଦିଆଯାଇଛି ସେ ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜିଲ୍ଲାର ୩ଲକ୍ଷ ୯୯ହଜାର ୨ଶହ ୧୫ଜଣ ମହିଳା ସୁଭଦ୍ରା ଯୋଜନା ପାଇଁ ଉପଯୁକ୍ତ ବୟସ ସୀମା ମଧରେ ରହିଛନ୍ତି। ପ୍ରତ୍ୟେକ ଅଙ୍ଗନବାଡି କର୍ମୀ, ପଞ୍ଚାୟତ ଓ ବ୍ଲକ ସ୍ତରରେ ବିନା ମୂଲ୍ୟରେ ଏହି ଫର୍ମ ଉପଲବ୍ଧ କରାଯାଇଛି । ଜିଲ୍ଲା ସ୍ତରରେ ୪ ଲକ୍ଷ ଫର୍ମ ଆବଶ୍ୟକ ବୋଲି ଏକ ଆକଳନ କରାଯାଇ ୭ଶହ ୨୭ଟି ଜନସେବା କେନ୍ଦ୍ରରେ, ୧ଶହଟି ମୋ ସେବା କେନ୍ଦ୍ରରେ ଓ ୨ହଜାର ୮୩ଟି ଅଙ୍ଗନବାଡି କେନ୍ଦ୍ରରେ ଏହି ଫର୍ମ ବିନା ମୂଲ୍ୟରେ ମିଳିବାର ବ୍ୟବସ୍ଥା କରାଯାଇଛି । ଏଥି ନିମନ୍ତେ ଜିଲ୍ଲାରେ ପ୍ରାଥମିକ ସ୍ତରରେ ୧ହଜାର ୪ଶହ ୧୨ ଜଣ ସି ଆର ପି , ୧ଶହ ୭୧ ଜଣ ଏମ ବି କେ, ୨ ହଜାର ୮୩ ଜଣ ଅଙ୍ଗନବାଡି କର୍ମୀ, ୭୨ ଜଣ ଆଇ ସି ଡି ଏସ ସୁପରଭାଇଜର, ୮ଶହ ୨୭ ଜଣ ଜନ ସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ରର କର୍ମୀମାନଙ୍କୁ ତାଲିମ ପ୍ରଦାନ କରାଯାଇଛି । ୧୧ଟି ବ୍ଲକ ଓ ୩ଟି ସହରାଞ୍ଚଳର ପ୍ରତ୍ୟେକ ଗ୍ରାମ ଓ ୱାର୍ଡ ସ୍ତରରେ ସରକାରୀ ବ୍ୟବସ୍ଥା ଦ୍ୱାରା ଲୋକମାନଙ୍କୁ ଫର୍ମ ପୂରଣ କରିବାର ପ୍ରକ୍ରିୟା ଓ ଯୋଗ୍ୟ ହିତାଧିକାରୀମାନଙ୍କ ବିଷୟରେ ସଚେତନ କରାଯାଉଛି । ଜିଲ୍ଲା ସ୍ତରରେ ଓ ବ୍ଲକ ସ୍ତରରେ ତଦାରଖ କରିବା ପାଇଁ ଜିଲ୍ଲାପାଳ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତ୍ୱାବଧାନରେ ଗୋଟିଏ ଗୋଟିଏ ତଦାରଖ କମିଟିର ବ୍ୟବସ୍ଥା କରାଯାଇଛି । ତାଲିମ ବ୍ୟବସ୍ଥା ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସିଡିପିଓମାନେ ସୂଚାରୁ ରୂପେ ଦାୟିତ୍ୱ ନିର୍ବାହ କରୁଛନ୍ତି । ଯଦି କୌଣସି ଅଭିଯୋଗ ଆସୁଛି ସେଥିପାଇଁ ତୁରନ୍ତ ଘଟଣାକୁ ବୁଝି ତୁରନ୍ତ ସମାଧାନ କରିବା ନିମନ୍ତେ ପଦକ୍ଷେପ ନିଆ ଯାଉଛି । ଯଦି କାହାର କିଛି ଅଭିଯୋଗ ଥାଏ କିମ୍ବା କୌଣସି ବିଷୟରେ ଜାଣିବାକୁ ଚାହୁଁଛନ୍ତି ସେମାନେ ୧୪୬୭୮ଦେୟ ମୁକ୍ତ ହେଲ୍ପ ଲାଇନ ମଧରେ ଯୋଜନା ସମ୍ପର୍କରେ ଯୋଗାଯୋଗ କରି ପାରିବେ । ସାମ୍ବାଦିକ ସମ୍ମିଳନୀରେ ସୁଭଦ୍ରା ଯୋଜନାର ଜିଲ୍ଲା ନୋଡାଲ ଅଧିକାରୀ ନିହାର ରଞ୍ଜନ କହଁର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରତିମା ପ୍ରଧାନ, ମିଶନ ଶକ୍ତି ଜିଲ୍ଲା ପରିଚାଳକ ହେମନ୍ତ ବାଗ, ମମତା ଯୋଜନାର ଜିଲ୍ଲା ସଂଯୋଜକ ଜିତେନ୍ଦ୍ର ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ନୂଆଁଖାଇ ପାଇଁ ଗାଁ ମୁହାଁ ଦାଦନ

ସୋନପୁର, (ସବ୍ୟୁ) : ସୁବର୍ଣ୍ଣପୁର ଜିଲ୍ଲା ଉପାନ୍ତ ଅଞ୍ଚଳର ଦାଦନ ଶ୍ରମିକ ଏକ ପ୍ରମୁଖ ସମସ୍ୟା । ଏହାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ସହ ସ୍ଥାନୀୟ ରାଜନେତାଙ୍କ କୌଣସି ଆନ୍ତରିକତା ନ ଥିବା ମନେ ହୁଏ । ଫଳରେ ପେଟ ପାଟଣା ପାଇଁ ଅଞ୍ଚଳର ହଜାର ହଜାର ଶ୍ରମିକ ସୁଦୂର ତାମିଲନାଡୁ, ଉତ୍ତରପ୍ରଦେଶ, କର୍ଣ୍ଣାଟକ, ଗୁଜୁରାଟ, ଦିଲ୍ଲୀ , ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଆଦି ରାଜ୍ୟକୁ ଯାଉଛନ୍ତି । ଜିଲ୍ଲାର ଏକ ଉପାନ୍ତ ତଥା ଅନୁନ୍ନତ ଅଞ୍ଚଳ ହୋଇଥିବା ବେଳେ ଏଠାରେ କୌଣସି କଳକାରଖାନା କି କର୍ମସଂସ୍ଥାନ ନାହିଁ । ଅନ୍ୟପଟେ ସରକାର ନିଜ ଅଞ୍ଚଳରେ ଶ୍ରମିକ ମାନଙ୍କୁ କାମ ଯୋଗାଇ ଦେବାକୁ ମନରେଗା ଯୋଜନା ପ୍ରଣୟନ କରି ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ପ୍ରତ୍ୟେକ ମନରେଗା କାର୍ଯ୍ୟ ଶ୍ରମିକ ବଦଳରେ ମେସିନରେ ହେଉଥିବାରୁ ଶ୍ରମିକ ମାନେ କାମ ନ ପାଇ ହାତ ବାନ୍ଧି ବସିଛନ୍ତି । ସରକାରଙ୍କ ଯୋଜନା ସଫଳ ହେଉ ନ ଥିବା ବେଳେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ କାମ ହେଉଛି । କର୍ମ ସଂସ୍ଥାନ ନ ଥିବାରୁ ଜିଲ୍ଲାର ସମସ୍ତ ପଂଚାୟତର ପ୍ରତ୍ୟେକ ଗ୍ରାମରୁ ହଜାର ହଜାର ଶ୍ରମିକ ବାହାର ରାଜ୍ୟକୁ ପରିବାର ପ୍ରତିପୋଷଣ ପାଇଁ କାମ ଅନ୍ୱେଷଣରେ ଯିବା ପାଇଁ ବାଧ ହେଉଛନ୍ତି ଜିଲ୍ଲାରୁ ହଜାର ହଜାର ଦାଦନ ଶ୍ରମିକ କାମ ପାଇଁ ବାହାର ରାଜ୍ୟକୁ ଯାଇଥିବା ଅନୁମାନ କରାଯାଏ ହେଲେ ଜିଲ୍ଲା ଶ୍ରମ ବିଭାଗ ପାଖରେ ଏହାର କୌଣସି ତଥ୍ୟ ନ ଥିବା ପରିତାପର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏଥିପ୍ରତି ଶ୍ରମ ବିଭାଗ କି ଜିଲ୍ଲା ପ୍ରଶାସନ କେହି ବି ଆନ୍ତରିକତା ଦେଖାଉ ନଥିବା ଦେଖିବାକୁ ମିଳିଛି । ଆଗକୁ ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ଆସୁଥିବାରୁ ବାହାରେ ରହୁଥିବା ଦାଦନ ଶ୍ରମିକ ମାନେ ଗାଁ ମୁହାଁ ହେଉଥିବା ଦେଖିବାକୁ ମିଳିଛି । ଏଥିପାଇଁ ରେଳ ଷ୍ଟେସନ ଓ ବସ୍ ଷ୍ଟାଣ୍ଡ ଗୁଡ଼ିକରେ ପ୍ରବାସୀ ଶ୍ରମିକଙ୍କ ପ୍ରବଳ ଗହଳି ପରିଲକ୍ଷିତ ହେଉଛି । ସମସ୍ତେ ଘରକୁ ଆସି ନୂଆଁଖାଇ ସାରିବା ପରେ ପୁଣି ନିଜ କର୍ମସଂସ୍ଥାନକୁ ଫେରିଯିବେ । ବର୍ତ୍ତମାନ ରାଜ୍ୟରେ ନୂତନ ବିଜେପି ସରକାର ଆସିଥିବାରୁ ନିଜ ଅଞ୍ଚଳରେ ଶ୍ରମିକଙ୍କୁ କାମ ଯୋଗାଇ ଦେବା ସହ ଦାଦନ ରୋକିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ମଦ ଜବତ, ୩ ଗିରଫ

ଭବାନୀପାଟଣା, (ସବ୍ୟୁ): କଳାହାଣ୍ଡି ଜିଲ୍ଲା ଅବକାରୀ ବିଭାଗ ୩ଟି ଭିନ୍ନଭିନ୍ନ ସ୍ଥାନରେ ଚଢ଼ଉ କରି ବିପୁଳ ମାତ୍ରାରେ ଦେଶୀ ମଦ ଜବତ ସହ ୩ଜଣଙ୍କୁ ଗିରଫ କରିଛି । ଭବାନୀପାଟଣା ସଦର ଥାନା ପୋଡମଡି ଗାଁରେ ଚଢ଼ଉ କରି ୨୭ଲିଟର ମଦ ସହ ବାଞ୍ଛାନିଧି ନାଏକଙ୍କୁ ଗିରଫ କରିଥିଲା। ସେହିପରି ସିଲିଗୁଡ଼ା ଗାଁର ରବି ନାଏକଙ୍କଠାରୁ ୨୦ ଲିଟର, ଫଟାପଡ଼ା ଗାଁର ଅଯୋଧ୍ୟା ଗୌଡ଼ଠାରୁ ଦେଶୀ ମଦ ଜବତ କରିବା ସହ ସେମାନଙ୍କୁ ଗିରଫ କରାଯାଇଛି। ଏନେଇ ଅବକାରୀ ଥାନାରେ ପୃଥକ୍ ୩ଟି ମାମଲା ରୁଜୁ କରିବା ସହ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଅବକାରୀ ଅଧିକ୍ଷକ ରଂଜନ ନାଏକ ସୂଚନା ଦେଇଛନ୍ତି। ଏହି ଚଢ଼ଉରେ ଓଆଇସି ରିଲକ ରାମ ନାଏକ, ବାଞ୍ଛାନିଧି ନାଏକ, ମେଘନାଦ ବେହେରା, ପ୍ରିୟମ୍ବଦା ଜେନା ପ୍ରମୁଖ ସାମିଲ ଥିଲେ।

# ଶବ ବ୍ୟବଚ୍ଛେଦ ଗୃହରେ ଡାକ୍ତରଙ୍କୁ ମାଡ଼

କୋରାପୁଟ ,(ସବ୍ୟୁ): କୋରାପୁଟ ଜିଲ୍ଲା ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ କାର୍ଯ୍ୟରତ ଡାକ୍ତରଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ସେ ଏକ ଶବର ବ୍ୟବଚ୍ଛେଦ କରିବାକୁ ଯାଇଥିବା ବେଳେ ମୃତକଙ୍କ ପରିବାର ଲୋକେ ତାଙ୍କୁ ଠେଲାପେଲା କରିବା ସହିତ ମାଡ଼ ମାରିଥିଲେ ବୋଲି ଥାନାରେ ଅଭିଯୋଗ ହୋଇଛି। ବୁଧବାର ମଧ ରାତ୍ରରେ ପଂଜେଲ ଗାଁର ଗର୍ଭବତୀ କବିତା ଖିଲ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ତେଣୁ ପରିବାର ଲୋକେ ତାଙ୍କୁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ କବିତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ କବିତାଙ୍କ ମୃତଦେହକୁ ଶବ ବ୍ୟବଚ୍ଛେଦ ଗୃହକୁ ନିଆଯାଇଥିଲା। ଡାକ୍ତର ସନ୍ଦୀପ ପଣ୍ଡା ଶବ ବ୍ୟବଚ୍ଛେଦ କରିବା ପାଇଁ ସେଠାରେ ପହଞ୍ଚିଥିଲେ।ସେ ସେଠାରେ ଥିବା ବେଳେ କବିତାଙ୍କ ପରିବାର ଲୋକେ ତାଙ୍କୁ ଠେଲାପେଲା କରିବା ସହିତ ମାରପିଟ କରିଥିଲେ। ଏହି ଘଟଣା ନେଇ ଡାକ୍ତର ପଣ୍ଡା ନନ୍ଦପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣାକୁ ନେଇ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ଡାକ୍ତର ଓ କର୍ମଚାରୀମାନେ କାର୍ଯ୍ୟ ବନ୍ଦ କରିଥିଲେ। ନନ୍ଦପୁର ପୁଲିସ ଘଟଣାର ତଦନ୍ତ କରି ୧୦ ଜଣଙ୍କୁ ଥାନାରେ ଅଟକ ରଖିଛି।

ସୂଚନାଯୋଗ୍ୟ, କବିତା ଖିଲଙ୍କ ଶ୍ୱଶୁର ଓ ବାପ ଘର ଲୋକେ ଶବ ବ୍ୟବଚ୍ଛେଦକୁ ବିରୋଧ କରିଥିଲେ। କବିତାଙ୍କର ଶବ ବ୍ୟବଚ୍ଛେଦ ନକରାଯାଉ ବୋଲି ସେମାନେ କହିଥିଲେ। ତେଣୁ ସେମାନେ ଜଣେ କାର୍ଯ୍ୟରତ ଡାକ୍ତରଙ୍କୁ ଆକ୍ରମଣ କରିଥିବା ଜଣାପଡ଼ିଛି।

# ଆଧାର କାର୍ଡରେ ମୋବାଇଲ ନମ୍ବର ଲିଙ୍କ ଜରୁରୀ ନୁହେଁ

କୋରାପୁଟ,(ସବ୍ୟୁ): ସୁଭଦ୍ରା ଯୋଜନାରେ ଆଧାର କାର୍ଡରେ ମୋବାଇଲ ନମ୍ବର ଲିଙ୍କ ନିମନ୍ତେ ବିଭିନ୍ନ ମୋ ସେବା କେନ୍ଦ୍ର ଓ ଜନସେବା କେନ୍ଦ୍ରରେ ମହିଳାଙ୍କ ଭିଡ ଲାଗି ରହୁଥିଲା। ଆଧାର କାର୍ଡରେ ମୋବାଇଲ ନମ୍ବର ଲିଙ୍କ ଜରୁରୀ ନୁହେଁ ବୋଲି ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଆଧାର କାର୍ଡରେ ମୋବାଇଲ ଲିଙ୍କ ନ ହେଉଥିଲେ ସୁଦ୍ଧା ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ। ବାୟୋମେଟ୍ରିକ , ଫେସ ଓ ଆଇରିସ ଜରିଆରେ ଅଥେଣ୍ଟିକେସନ ହୋଇପାରିବ ବୋଲି ସେ କହିଛନ୍ତି। ଜିଲ୍ଲାରେ ୫ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧୀକାରୀଙ୍କୁ ଫର୍ମ ପ୍ରଦାନ କରାଯାଇଥିବା ସେ କହିଛନ୍ତି। ଅନଲାଇନରେ ଫର୍ମ ଆବେଦନ କରିବା ପାଇଁ ନିର୍ଦ୍ଧିଷ୍ଟ ସମୟ ସୀମା ନାହିଁ ।ତେଣୁ ମୋ ସେବା କେନ୍ଦ୍ର ଓ ଜନସେବା କେନ୍ଦ୍ରରେ ଭିଡ଼ ଜମାନ୍ତୁ ନାହିଁ ବୋଲି ସେ ନିବେଦନ କରିଛନ୍ତି। ଜିଲ୍ଲାର ରାଜସ୍ୱ ଗ୍ରାମ ମାନଙ୍କରେ ଶିବିର ଆୟୋଜନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ,ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ସୀସା,ଓଡ଼ିଶା ଜୀବିକା ମିଶନର ପ୍ରିୟମ୍ବଦା ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

# ମାନବିକତା ଦେଖାଇଲା ମାହେଶ୍ୱରୀ ସଂଗଠନ

ବଲାଙ୍ଗିର,(ସବ୍ୟୁ): ସାଲେପାଲି ବାର୍ଦ୍ଧକ୍ୟ ଆବାସ ଠାରେ ପବିତ୍ର ଜନ୍ମାଷ୍ଟମି ଦିନ ସ୍ୱର୍ଗାରୋହଣ କରିଥିବା ଭିନ୍ନ%ମ ଦ୍ୱାରୁର ଶ୍ରାଦ୍ଧ ଦିବସ ଗୁରୁବାର ପାଳନ କରାଯାଇଛି । ବଲାଙ୍ଗିରର ମାହେଶ୍ୱରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ କହିଥିଲେ ଯେ ଦ୍ୱାରୁର ମୃତ୍ୟୁ ଆମ ପାଇଁ ଏକ ଶିକ୍ଷା । ମଣିଷ କେବଳ ଧନ, ସମ୍ପତ୍ତି, କ୍ଷମତା ଇତ୍ୟାଦିରେ ଜନମାନସକୁ ପ୍ରଭାବିତ କରେ ନାହିଁ, ସରଳ ଜୀବନଟିଏ ମଧ ସମାଜକୁ ପ୍ରଭାବିତ କରିପାରେ, ଏହା ହିଁ ଦ୍ୱାରୁର ଜୀବନରେ ପ୍ରତିଫଳିତ ହୋଇଛି । ତାପରେ ଅନ୍ତେବାସୀ ଗଣ, କର୍ମଚାରୀମାନେ ଏବଂ ମାହେଶ୍ୱରୀର ସମସ୍ତ ସଭ୍ୟ ଦ୍ୱାରୁଙ୍କ ଉଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରି ଦ୍ୱାରୁ ବଲାଙ୍ଗିର ସହର ତଥା ଅଂଚଳରେ କେତେ ଜଣାଶୁଣା ଥିଲେ । ସେ ବିଷୟରେ ତାଙ୍କର ଗୁଣ ଗାନ କରିଥିଲେ । ସଭାପତି ଶୋଭନ ଅଗ୍ରୱାଲ, ଆଶୁତୋଷ ବାଗ, ବିବେକାନନ୍ଦ ପଟେଲ, ଶୁଭମ ପଧାନ, ଜିତେନ୍ଦ୍ର ସାହୁ, ସଭ୍ୟ ହୃଦୟାନନ୍ଦ ଷଡଙ୍ଗୀ, ବାର୍ଦ୍ଧକ୍ୟ ଆବସର କର୍ମି ଶିବ ପ୍ରସାଦ ସାହୁ, ରମାକାନ୍ତ ସାହୁ, ସୁରେଶ ମହାକୁଡ, ଚତୁର୍ଭୁଜ ଭୋଇ, ସଞ୍ଜୁ ବିଶ୍ୱାଳ ସହଯୋଗ କରିଥିଲେ ।

# ସମଲେଶ୍ୱରୀ କଲେଜରେ ସ୍ୱାଗତ ଉତ୍ସବ

ସମ୍ବଲପୁର, ୫।୮(ସବ୍ୟୁ): ସ୍ଥାନୀୟ ସମଲେଶ୍ୱରୀ କଲେଜରେ ଗୁରୁଦିବସ ଓ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା । ଅଧ୍ୟକ୍ଷା ସଙ୍ଗୀତା ପୁରୋହିତଙ୍କ ସଭାପତିତ୍ୱରେ ସଭା ହୋଇଥିଲା । ଓଡିଆ ଅଧ୍ୟାପକ ରାମେଶ୍ୱର ପୁରୋହିତ ଗୁରୁଦିବସର ତାପର୍ଯ୍ୟ ଓ ଗୁରୁଶିଷ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ । ଦ୍ୱିତୀୟ ବର୍ଷର ରିତିକ ମେହେର, ବିଚିତ୍ରା ବାଗ, ମନ୍ଦିରା ମେହେର ପ୍ରମୁଖ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଧ୍ୟାପିକା ସୋନାଲିକା ପୁରୋହିତ, ଜୟନ୍ତି ବାଗ, ଶ୍ରୀକାନ୍ତ ପାଣ୍ଡେ, ଭୂଷଣ ରଞ୍ଜନ ମେହେର, ଅଶୋକ ଚାନ୍ଦ, ସୁକାନ୍ତି ପଟେଲ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ କ୍ରୀଡା ଶିକ୍ଷକ ଆନନ୍ଦଚନ୍ଦ୍ର ପତି ଧନ୍ୟବାଦ ଅର୍ପଣ କରିଥିଲେ ।

# ସିନାପାଲି ଶିଶୁମନ୍ଦିରରେ ଗୁରୁଦିବସ ପାଳିତ

ସିନାପାଲି,(ସବ୍ୟୁ): ସିନାପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଗୁରୁବାର ଗୁରୁଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉପେନ୍ଦ୍ର କୁମାର ଧାକଡ଼ ଯୋଗଦେଇ ଗୁରୁଦିବସର ମହତ୍ୱ ବିଷୟରେ ବର୍ଣ୍ଣନା କରିବା ସହ ଉପସ୍ଥିତ ଭାଇଭଉଣୀଙ୍କୁ ମାର୍ଗଦର୍ଶନ କରିଥିଲେ । ପ୍ରାରମ୍ଭରେ ପ୍ରଧାନଗୁରୁଜୀ ଚରଣ ନେତାମ ସମସ୍ତଙ୍କୁ ସ୍ୱାଗତ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଭାଇଭଉଣୀ ମାନେ ଗୁରୁପୂଜନ କରିଥିଲେ । ମୁଖ୍ୟଅତିଥିଙ୍କୁ ଉପୌକନ ଦେଇ ସ୍ୱପ୍ନକୁମାର କାଣ୍ଡ ସମ୍ମାନିତ କରିଥିଲେ । ଆଚାର୍ଯ୍ୟ ଧନେଶ୍ୱର କାଣ୍ତ ମଂଚ ପରିଚାଳନା କରିଥିବା ବେଳେ ଆଚାର୍ଯ୍ୟା ମିନାକ୍ଷୀ ପାଢ଼ୀ ଶେଷରେ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା ଓ ସେବକସେବୀକା ସହଯୋଗ କରିଥିଲେ ।

# ସୁଭଦ୍ରା ଯୋଜନା ପଞ୍ଜିକରଣ ଦେୟ ଧାର୍ଯ୍ୟ ପାଇଁ ଦାବିପତ୍ର

କଲମପୁର, (ସବ୍ୟୁ): ସୁଭଦ୍ରା ଯୋଜନା ପଞ୍ଜିକରଣ ଦେୟ ସ୍ଥିର କରିବା ପାଇଁ ଗୁରୁବାର କଲମପୁର ବ୍ଲକ ସିଏସସି ଭିଏଲଇ ସଂଘ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ମାଗଣାରେ ସୁଭଦ୍ରା ଯୋଜନା ପଞ୍ଜିକରଣ କରିପାରିବୁ ନାହିଁ ବୋଲି ରୋକଠୋକ ମନା କରିଦେଇଛି କଲମପୁର ବ୍ଲକ ସିଏସସି ଭିଏଲଇ ସଂଘ । ବ୍ଲକ ସଂଘ ସଭାପତି ନିରଞ୍ଜନ ପାଢ଼ୀ, ସମ୍ପାଦକ ଜ୍ଞାନରଞ୍ଜନ ପଣ୍ଡା, ଯୁଗ୍ମ ସମ୍ପାଦକ ମିଳନ କୁମାର ନାଏକଙ୍କ ନେତୃତ୍ୱରେ ସଂଘର ସଦସ୍ୟ ମାନେ କଲମପୁର ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡ଼ିଓ ବିଜୟ କୁମାର ମଣ୍ଡାଙ୍ଗୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଦାବିପତ୍ରରେ ସିଏସସି ଏବଂ ଭିଏଲଇ ମାନଙ୍କୁ ସରକାର ଦରମା ପ୍ରଦାନ କଲେ ସେମାନେ ସୁଭଦ୍ରା ଯୋଜନାର ପଞ୍ଜିକରଣ କାର୍ଯ୍ୟ ଏବଂ ଆଗାମୀ ଦିନରେ ଯେଉଁ ଯୋଜନା ହେବ ତାର କାର୍ଯ୍ୟ କରିବେ ନଚେତ ସେମାନଙ୍କୁ ସୁଭଦ୍ରା ଯୋଜନାର ପଞ୍ଜିକରଣ ପାଇଁ ୧୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି । ସରକାର ଯଦି ପଞ୍ଜିକରଣ ବାବଦକୁ ଦେୟ ଦେବେ ନାହିଁ ତେବେ ସୁଭଦ୍ରା ଯୋଜନା ପଞ୍ଜିକରଣ ପାଇଁ ଯେଉଁମାନେ ଆସିବେ ସେମାନଙ୍କ ଠାରୁ ପ୍ରତି ପଞ୍ଜିକରଣ ବାବଦକୁ ୧୦୦ ଟଙ୍କା ନେବାପାଇଁ ଅନୁମତି ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି ।

# କଳାହାଣ୍ଡିର ଶିକ୍ଷା ସମସ୍ୟାକୁ ନେଇ ଏଆଇଏସଏଫ୍‌ର ବିକ୍ଷୋଭ

ଭବାନୀପାଟଣା, (ସବ୍ୟୁ): କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଶିକ୍ଷା ସମସ୍ୟାକୁ ନେଇ ଭବାନୀପାଟଣା ସହର ସ୍ଥିତ ଜିଲ୍ଲାପାଳଙ୍କ ଅଫିସ ଆଗରେ ଅଖିଳ ଭାରତ ଛାତ୍ର ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଭବାନୀପାଟଣା ବସଷ୍ଟାଣ୍ଡରୁ ଜିଲ୍ଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ପହଞ୍ଚି ଥିଲେ। ଛାତ୍ରମାନେ ବିଭିନ୍ନ ଶିକ୍ଷା ସମସ୍ୟାକୁ ନେଇ ବିକ୍ଷୋଭ କରିଥିଲେ। ଭବାନୀପାଟଣାରେ ଓପିଏସ୍ସି କେନ୍ଦ୍ର କରିବା, ଜିଲ୍ଲାର କଲେଜ ଗୁଡିକରେ ହୋଇଥିବା ୫-ଟି' ଦୁର୍ନୀତିର ତଦନ୍ତ, ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଖାଲି ପଡ଼ିଥିବା ଅଧାପକ ପଦବି ପୂରଣ କରିବା, ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ କରିବା ଓ ମା' ମାଣିକେଶ୍ବରୀ ବିଶ୍ୱବିଦ୍ୟାଳୟର ବିଭିନ୍ନ ପ୍ରମୁଖ ଦାବି ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏଆଇଏସଏଫ ଜିଲ୍ଲା ସଭାପତି ରାଜାରାମ ଡଙ୍ଗରୀ, ଉପସଭାପତି ଲିଙ୍କନ ବାଗ, ଆକାଶ ନିଆଲ, ରଜତ କୁମାର, କଳାହାଣ୍ଡି ଛାତ୍ର ସଂଘର ଉମାକାନ୍ତ ନିଆଲ, ପ୍ରବୀଣ ବଣିଆ, ସୌରଭ ମିଶ୍ର, ଓମ୍କାର ଦଣ୍ଡସେନା, ଖାରବେଳ ବାଗ, ଧର୍ମେନ୍ଦ୍ର ପୂଝାରୀ, ମାନସ ଶବର, ମନୋଜ ଜାଲ, ପ୍ରମୋଦ ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜର୍ଜ ହାଇସ୍କୁଲରେ ଗୁରୁ ପୂଜନୋତ୍ସବ

ବରଗଡ,(ସବ୍ୟୁ) : ଗୁରୁବାର ଜର୍ଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶଙ୍କ ସଭାପତିତ୍ୱରେ ଗୁରୁ ପୂଜନୋତ୍ସବ ଗୁରୁ ଦିବସ ମହାସମାରୋହରେ ପାଳନ ହୋଇଯାଇଛି । ଉକ୍ତ ପୂଜ୍ୟ ପୂଜା ଉତ୍ସବକୁ ବରିଷ୍ଠ ଶିକ୍ଷକ ସୁରେଶ କୁମାର ଦାଶ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ପଦ୍ମଜା ପତି, ସୀମାଞ୍ଚଳ ସ୍ୱାଇଁ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଗୁରୁ ଶିଷ୍ୟ ପରମ୍ପରା ଓ ରାଷ୍ଟ୍ର ନାୟକ ଡ଼ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଙ୍କ ବିଷୟରେ ସ୍ମୃତି ଚାରଣ କରିଥିଲେ । ଛାତ୍ର ମାନେ ମଧ ପୁଷ୍ପାର୍ଘ୍ୟ, ଚନ୍ଦନ ତିଳକ ସହିତ ଗୁରୁ ପୂଜା କରି ଡ଼ଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ସ୍ମୃତି ଚାରଣ କରିଥିଲେ । ସଭାର ଶେଷ ପର୍ଯ୍ୟାୟରେ ଶିକ୍ଷୟିତ୍ରୀ ସଞ୍ଜୁବାଳା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ସଭାକାର୍ଯ୍ୟ କୁ ସାଙ୍ଗ କରାଯାଇଥିଲା । ଏହାପରେ ଛାତ୍ର ମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବାରେ ଶିକ୍ଷୟିତ୍ରୀ ବାସନ୍ତୀ ପ୍ରଧାନ, ମଧୁମିତା ପୁରୋହିତ, ସାଧନା ସାହୁ, ଜ୍ୟୋତି ଦାଶ, ନିବେଦିତା ପ୍ରଧାନ, ଭରତ ମେହେର, ମାନସ ଜାଲ, ହରିଶ ପାତ୍ର, ଶାନ୍ତନୁ ସାହୁ ପ୍ରମୁଖଙ୍କ ସହଯୋଗ ରହିଥିଲା ।

# ପ୍ରାଦେଶିକ ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଯାପିତ



ବଲାଙ୍ଗିର,(ସବ୍ୟୁ): ଶିକ୍ଷା ବିକାଶ ସମିତି ଓଡ଼ିଶା ଦ୍ୱାରା ଆୟୋଜିତ ପ୍ରାଦେଶିକ ଜ୍ଞାନ ବିଜ୍ଞାନ ମେଳା ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କଲେଜ ଛକ ଠାରେ ଉଦଯାପିତ ହୋଇଯାଇଛି। ଏଥିରେ ବଲାଙ୍ଗିର ପୌର ଅଧକ୍ଷା ଲିକା ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଥିବା ବେଳେ ଖଗେଶ୍ୱର ଦାସ ମୁଖ୍ୟ ବକ୍ତା, ଇଂ.ବେଲାଳ ସିଂ ଭୋଇ ଦକ୍ଷିଣ ପଶ୍ଚିମ ସମ୍ଭାଗ ସଭାପତି, ଅନୁଷ୍ଠାନର ସଭାପତି ତ୍ରିବିକ୍ରମ ଦାଶ ଓ ସମ୍ପାଦକ ନୀଳାଚଳ ଚିରଗୁନ୍,ମାଧବ ଶତପଥୀ ବିଭାଗ ପ୍ରମୁଖ, ପ୍ରକାଶ ଚନ୍ଦ୍ର ମହାନ୍ତି ସହ ସଂଯୋଜକ ଦକ୍ଷିଣ ପଶ୍ଚିମ ସମ୍ଭାଗ ଶିକ୍ଷା ବିକାଶ ସମିତି ଓଡ଼ିଶା ମଞ୍ଚାସୀନ ଥାଇ ବିଭିନ୍ନ ବର୍ଗର ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

# ଭୁକ୍ତା ଜନତା ହାଇସ୍କୁଲରେ ଗୁରୁଦିବସ ପାଳିତ



ବରଗଡ଼,(ସବ୍ୟୁ) : ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତା ସ୍ଥିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ରେ ମହାନ ଦାର୍ଶନିକ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପବିତ୍ର ଜନ୍ମତିଥି ଗୁରୁ ଦିବସ ଭାବରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ପ୍ରଥମେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରଛାତ୍ରୀମାନେ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ର ରେ ଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଛ ବିଦ୍ୟାଳୟର ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଗୁରୁ ପୂଜନ କରାଯାଇଥିଲା। ଏହି ଅବସରରେ ରାଧାକ୍ରିଷ୍ଣନଙ୍କ ଜୀବନୀ ଉପରେ ଶିକ୍ଷାର୍ଥୀ ମାନଙ୍କ ମଧ୍ୟରୁ ହର୍ଷିତା ସାହୁ,ଜାଗୃତି ପଟେଲ,ପ୍ରିୟଦର୍ଶନୀ ଦେହେରୀ, ପିଆ ପଟେଲ ଶ୍ରୁତି ବରୀର୍ତ୍ତ ,ଗୋମତୀ ଗଡତିଆ, ନିକିତା, ହୀନା ସା, କରନ୍ ପଟେଲ, ଲିପସାମୟୀ ସା ନିଜର ବକ୍ତବ୍ୟ ରଖିଥିଲେ। ଛାତ୍ରୀମାନେ ଗୁରୁ ଭକ୍ତି ଉପରେ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଭାବରେ ମହିମା ଧର୍ମର ସିଦ୍ଧ ସାଧୁ କାହ୍ନା ଦାସ ଗୁରୁ ଶିଷ୍ୟ ପରମ୍ପରାକୁ ଭିତ୍ତି କରି ନିଜର ଭାବ ଗର୍ଭକ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶ୍ରୀପତି ସାହୁ,ସଂଜୟ ଖମାରୀ, ତେଜରାମ ସା, ଜ୍ୟୋତିଶ୍ଚନ୍ଦ୍ର ପଧାନ ,ଅଙ୍କିତ ମହନ୍ତ, ସୁବାସ ଚନ୍ଦ୍ର ଖମାରୀ,ଅମୂଲ୍ୟ ଭୋଇ,ଈଶ୍ୱର ପଧାନ, ଆଶୁତୋଷ ଭୋଇ,ରଂଜିତ ସାହୁ ,ବୋଧରାମ ବିଶ୍ୱାଳ, ଅଶୋକ ଦାସ, ଅମୂଲ୍ୟ ଭୋଇ,ପଦ୍ମଲୋଚନ ବିଶି, ପ୍ରଶାନ୍ତ ମହାପାତ୍ର,ଆଲୋକ ଭୋଇ, ଦେବାଶିଷ ମିର୍ଦ୍ଧା, ଶିକ୍ଷୟିତ୍ରୀ ସୌଦାମିନୀ ବାରିକ, ରାଜକୁମାରୀ ଭୁଏ, ସରିତା ପଟେଲ, ରଂଜୁ ବଣିଆ, ତାରାବତୀ ସାହୁ, ଭାରତୀ ସେଠ,ରୁକୁଣୀ ସେଠ, ଅନୀଲ ସିଦାର ଏବଂ ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ସାନନ୍ଦ ଦେହେରୀ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ । ସଂସ୍କୃତ ଶିକ୍ଷକ ଶ୍ରୀପତି ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ସଂଜୟ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେପି ସଦସ୍ୟତା ଅଭିଯାନ ଶୁଭାରମ୍ଭ




ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ମହାନଦୀ କ୍ଲବ ଠାରେ ବିଜେପିର ସଦସ୍ୟତା ଅଭିଯାନର ଶୁଭାରମ୍ଭ ହୋଇଯାଇଛି । ବିଜେପି ଜିଲ୍ଲା ସଭାପତି ଗିରୀଶ ପଟେଲ ଯୋଗ ଦେଇ ଏହାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ସଙ୍ଗଠନକୁ ସୁଦୃଢ କରିବା ପାଇଁ ପ୍ରତି ୬ବର୍ଷରେ ଥରେ ପ୍ରାଥମିକ ସଦସ୍ୟ ଅଭିଯାନ ହୋଇଥାଏ । ତେବେ ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ପ୍ରାୟ ୫ହଜାର ସଦସ୍ୟ ହୋଇଛନ୍ତି । ଗତ ବର୍ଷ ୧ଲକ୍ଷ ପ୍ରାଥମିକ ସଦସ୍ୟ ହୋଇଥିବା ବେଳେ ଚଳିତବର୍ଷ ୨ଲକ୍ଷ ସଦସ୍ୟତା ଲକ୍ଷ୍ୟ ରହିଛି । ଏହି ଅବସରରେ ଅନେକ ଯୁବକ ସଦସ୍ୟତା ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂଯୋଜକ ସୁଶୀଲ କର, ମିଡିଆ ପ୍ରବକ୍ତା ସୁନୀଲ ନନ୍ଦ ଓ ପ୍ରଦୀପ ବେହେରା, ଦାମୋଦର କର, ରାମଚନ୍ଦ୍ର ମେହେର ଓ ସରୋଜ ଘଡେଇ ପ୍ରମୁଖ ମଞ୍ଚାସୀନ ଥିଲେ ।

(ଶ୍ରୀମଦ୍ଭଗବଦ୍ ଗୀତା ୮/୨୧)

–ଜ୍ଞାନବିଜ୍ଞାନଯୋଗଃ–

( ଶ୍ରୀଭଗବାନୁବାଚ )

**ଅବ୍ୟକ୍ତୋଅକ୍ଷର ଇତ୍ୟୁକ୍ତସ୍ତମାହୁଃ ପରମାଂ ଗତିମ୍ ।**
**ଯଂ ପ୍ରାପ୍ୟ ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ ।।୨୧।।**

(ଈଶ୍ୱରଙ୍କ ଅବିନାଶିତ୍ୱରେ ପ୍ରମାଣ ଦେଖାଉଛନ୍ତି)– ଯେ ଅବ୍ୟକ୍ତ ଭାବକୁ ବେଦରେ ଅକ୍ଷର ବୋଲି ନିର୍ଦ୍ଦେଶ କରିଚନ୍ତି, ତାହାକୁ ପରମଗତି କୁହାଯାଏ, ଯାହାକୁ ପାଇଲେ ପୁନରାୟ ସଂସାରକୁ ଆସିବାକୁ ହୁଏ ନାହିଁ,ତାହାହିଁ ମୋର ପରମଧାମ ଅର୍ଥାତ୍ ମୁଁ ସେହି ପରମଗତି ।।୨୧।।

## ସ୍ୱାର୍ଥରୁ ପରାର୍ଥ

ପ୍ରତି ମୁହୂର୍ତ୍ତରେ ଅହଂଭାବ ରୂପାନ୍ତରିତ ହେଉଅଛି । କେତେବେଳେ ଏହା ଆତ୍ମା ଦିଗକୁ କେତେବେଳେ ଅବା ଜଡ଼ ବା ସଂକୀର୍ଣ୍ଣତା ଦିଗକୁ ଧାବିତ ହେଉଅଛି । ଯେଉଁମାନେ ଅହଂକାରକୁ ଆତ୍ମପରକ ଭାବରେ ଗ୍ରହଣ କରି ତଦନୁକୂଳ ଜୀବନଯାପନ କରନ୍ତି, ସେମାନଙ୍କ ଅହଂଭାବ ବିଶ୍ୱାତ୍ମାରେ ପର୍ଯ୍ୟବେଶିତ ହୁଏ । ସ୍ୱାର୍ଥ ପରାର୍ଥରେ ପରିଣତ ହୁଏ । ପ୍ରକୃତପକ୍ଷେ ମନୁଷ୍ୟ ଘୋର ଜଡ଼ବାଦୀ ହୋଇ ସୁଦ୍ଧା, ସଂକୀର୍ଣ୍ଣ ସ୍ୱାର୍ଥ ମଧ୍ୟରେ ମଜ୍ଜି ରହିଲେ ମଧ୍ୟ ସ୍ୱାର୍ଥର ଅନ୍ତରାଳରେ ପରାର୍ଥର ଭାବନା ଅଜ୍ଞାତସାରରେ ଉପସ୍ଥିତ ଥିବା ଦେଖାଯାଏ । ଅନେକ କ୍ଷେତ୍ରରେ କୌଣସି ପରାର୍ଥ କାର୍ଯ୍ୟ ସାଧନ କରିବା ପରେ ମନୁଷ୍ୟ–ଅନ୍ତରରେ ଅନିର୍ବଚନୀୟ ଆହ୍ଲାଦ ଓ ତୃପ୍ତି ଜାତ ହୁଏ । ସେ ନିଜେ ଏହା ବୁଝିପାରେ । ନିଷ୍ଠୁର ଓ ସ୍ୱାର୍ଥୀ ହେଲେ ପରିବାର ସୁଖ ଲାଗି ନିଜେ ଦାରୁଣ ଦୁଃଖ ସହିବାକୁ ମନୁଷ୍ୟ କୁଣ୍ଠାବୋଧ କରେ ନାହିଁ । ଏପରିକି ନିଜ ଶିଶୁକୁ ରକ୍ଷା କରିବା ପାଇଁ ମାତା ବାଘ ମୁହଁକୁ ଡ଼େଇଁପଡ଼େ । ମାତାପିତା ସନ୍ତାନ ପାଇଁ ବହୁ କଷ୍ଟ ସ୍ୱୀକାର କରିଥାନ୍ତି । ସନ୍ତାନକୁ ଦୁଃଖୀ ହେବା ଦେଖିଲେ ନିଜେ ଦୁଃଖ ଅନୁଭବ କରନ୍ତି, ଏପରିକି ବେଳେ ବେଳେ ପୁତ୍ରଶୋକରେ ମୃତ୍ୟୁ ବରଣ କରନ୍ତି । ଅଜ୍ଞାତସାରରେ ହେଲେ ସୁଦ୍ଧା ଏହା କ'ଣ ନିଃସ୍ୱାର୍ଥ ପ୍ରେମର ପରିଚାୟକ ନୁହେଁ କି ? ସେହିପରି ଦଳ ବା ଗୋଷ୍ଠୀ ନେତା, ସେନାଧ୍ୟକ୍ଷ, ରାଷ୍ଟ୍ରନାୟକ ସାମୁହିକ ମଙ୍ଗଳ ପାଇଁ ବ୍ୟକ୍ତିଗତ ସୁଖସ୍ୱାଚ୍ଛନ୍ଦ୍ୟକୁ ବଳିଦାନ କରିଥାନ୍ତି । ଏହି ସବୁରୁ ସ୍ପଷ୍ଟ ପ୍ରତୀତ ହୁଏ ଯେ, ପରାର୍ଥତା ଅଜ୍ଞାତସାରରେ କାର୍ଯ୍ୟ କରିଚାଲିଛି । ସ୍ୱାର୍ଥରୁ ପରାର୍ଥ ଜନ୍ମଲାଭ କରୁଛି । ବ୍ୟଷ୍ଟିରୁ ସମଷ୍ଟି ଦେଇ, ସଂକୀର୍ଣ୍ଣତାରୁ ଅପେକ୍ଷାକୃତ ବିଶାଳ ରୂପ ଗ୍ରହଣ କରି ପରାର୍ଥତା କ୍ରମଶଃ ବିଶ୍ୱାତ୍ମାଙ୍କଠାରେ ଲୀନ ହେବା ପାଇଁ ଗତି କରୁଛି ।

ମାତାପିତାଙ୍କଠାରୁ ସନ୍ତାନ ଜନ୍ମ ହୁଅନ୍ତି । ତା'ପରେ ପିତାମାତା ଦେହତ୍ୟାଗ କରନ୍ତି । ସନ୍ତାନ ପୁଣି ପିତାମାତା ହୁଅନ୍ତି ଓ ଭବିଷ୍ୟତ ବଂଶଧରକୁ ଜନ୍ମ ଦେଇ ନିଜ ମାତାପିତାଙ୍କ ବିଦାୟ ନିଅନ୍ତି । ସନ୍ତାନସନ୍ତତି ପ୍ରବାହ ପରି ସ୍ୱାର୍ଥ ପରାର୍ଥର ପ୍ରବାହ ଅବିରାମ ଗତିରେ ଚାଲିଛି । ସମୁଦ୍ର ଥିବାରୁ ନଦନଦୀ ପ୍ରବାହିତ ହେବା ସମାନ ଆତ୍ମସତ୍ତା ବିଦ୍ୟମାନ ଥିବା ହେତୁ ସ୍ୱାର୍ଥପରାର୍ଥର ସ୍ରୋତ ଚାଲିଛି । ସମସ୍ତ କାର୍ଯ୍ୟ ଆତ୍ମପରକ ଭାବନାକୁ ଗ୍ରହଣ କଲେ ସ୍ୱାଥ–ପରାର୍ଥ, ସତ୍ୟମିଥ୍ୟାର ପ୍ରଭେଦ ବିବେଚନା କରିବା ସହଜସାଧ୍ୟ ହୋଇପଡ଼େ । ସ୍ୱାର୍ଥ ମଧ୍ୟରେ ରହି ସୁଦ୍ଧା କି ହେତୁ ପରାର୍ଥ ପାଇଁ କାର୍ଯ୍ୟ କରି ଚାଲିଛୁ, ମିଥ୍ୟା ମଧ୍ୟରେ ରହି ସୁଦ୍ଧା ଓ ସାଧୁତାର ଆଶ୍ରୟ ନେଲେ କି ହେତୁ ସନ୍ତୋଷ ପାଉଛୁ– ଏହାର ରହସ୍ୟ ସ୍ପଷ୍ଟ ହୋଇଯାଏ ।

ସମ୍ପାଦକୀୟ

ଅପରିପକ୍ୱ ସ୍ୱାଥ ପରାର୍ଥକୁ ଜନ୍ମ ଦେଇପାରେ ନାହିଁ । ପରିପକ୍ୱ ଫଳରୁ ହିଁ ମଞ୍ଜି ଜାତ ହୁଏ ଓ ସେହି ମଞ୍ଜିରୁ ବୃକ୍ଷ, ଫଳପୁଷ୍ପ ଜାତ ହୋଇଥାଏ । ଅପରିପକ୍ୱ ଫଳରୁ ଜାତ ହେବା ମଞ୍ଜିରୁ ବୃକ୍ଷ ହୁଏ ନାହିଁ । ସେହିପରି ପରିପକ୍ୱ ସ୍ୱାର୍ଥରୁ ପରାର୍ଥ ଜାତ ହୁଏ । ସେହି ପରାର୍ଥ ଫଳପୁଷ୍ପ ସୁଶୋଭିତ ହୁଏ,ଅର୍ଥାତ୍ ବ୍ୟାପକ ରୂପ ଧାରଣ କରେ ।

କାମନା–ବାସନାରୁ ସ୍ୱାର୍ଥ ଭାବନା ଆସେ । ବାସନା ଯେତେ ପ୍ରବଳ ଥାଏ ସ୍ୱାର୍ଥଭାବନା ତେତେ ବୃଦ୍ଧି ପାଏ । କେଉଁ ବିଷୟରେ କାମନା ବାସନା ପ୍ରବଳ ରହିଛି ତଦନୁଯାୟୀ ଜୀବନ ନିୟନ୍ତ୍ରଣ କରିବା ଆବଶ୍ୟକ । ବାସନାର ଅତୃପ୍ତ ଅବସ୍ଥାରେ ତାହାକୁ ତ୍ୟାଗ କରିବାକୁ ଚେଷ୍ଟା କଲେ ବିଷମୟ ଫଳ ଉତ୍ପନ୍ନ ହୁଏ । ପାଚି ନଥିବା ବଥକୁ ଅସ୍ତ୍ରାଘାତ କରିବା ଦ୍ୱାରା ସାଂଘାତିକ ହୋଇପଡ଼େ । ପାରିବାରିକ କର୍ତ୍ତବ୍ୟ ରହିଥିବା ପର୍ଯ୍ୟନ୍ତ ପରିବାର ତ୍ୟାଗ କରିବା ଉଚିତ ନୁହେଁ । କର୍ତ୍ତବ୍ୟ ଶେଷ ହେବା ପରେ ପରିବାର ମଧ୍ୟରେ ଜଡ଼ିତ ରହିବା ଉଚିତ ନୁହେଁ । କ୍ଷୁଧା ଥାଉ ଥାଉ ଭୋଜନ ତ୍ୟାଗ କରିବା ଏବଂ କ୍ଷୁଧାନିବୃତ୍ତି ପରେ ଭୋଜନ କରିବା ଉଭୟ କ୍ଷତିକାରକ ।

ଆତ୍ମାହିଁ ସ୍ୱାର୍ଥ–ପରାର୍ଥର କସୌଟି–ଦେହ ନୁହେଁ । ଆତ୍ମିକ ବିକାଶ ପାଇଁ ସ୍ୱାର୍ଥ–ପରାର୍ଥ ପରୀକ୍ଷା କରି ତଦନୁକୂଳ ଆଚରଣ କରିବା ଉଚିତ । ଦେହର ସୁଖଭୋଗ ପାଇଁ କୌଣସି କର୍ମକୁ ସ୍ୱାର୍ଥ ବା ପରାର୍ଥ କରିବା ଭୁଲ ଅଟେ । ଆର୍ଯ୍ୟ ଋଷିଗଣ କହିଛନ୍ତି– ସ୍ଥୂଳ ଚକ୍ଷୁଦ୍ୱାରା ଆତ୍ମା ଦୃଷ୍ଟ ହୁଏ ନାହିଁ । ଜ୍ଞାନଚକ୍ଷୁ ଖୋଲିଲେ ଏହାର ଅନୁଭବ ହୁଏ । ସେ ଜାଣିପାରେ ଯେ ସ୍ୱାର୍ଥରୁ ପରାର୍ଥ, ବନ୍ଧନରୁ ମୁକ୍ତି, ପରତନ୍ତ୍ରତାରୁ ସ୍ୱତନ୍ତ୍ରତାର ଗତି ପାଇଁ ମୂଳ ଉତ୍ସ ଆତ୍ମା ଅଟେ । ବ୍ୟାପକ ଆତ୍ମା ଆମର ସ୍ୱରୂପ ହୋଇଥିବାରୁ ସ୍ୱାର୍ଥର ସଂକୀର୍ଣ୍ଣତା ମଧ୍ୟରେ ଆମେ ତୃପ୍ତିଲାଭ କରିପାରୁ ନାହୁଁ, ବନ୍ଧନ ମଧ୍ୟରେ ରହିଲେ ଶ୍ୱାସରୁଦ୍ଧ ହେବାପ୍ରାୟ ମନେକରୁଛୁ, ପରତନ୍ତ୍ରତା ମରଣତୁଲ୍ୟ ବୋଧ ହେଉଛି । ଅଭ୍ୟନ୍ତରରେ କିଏ ଯେପରି ଆମକୁ କହିଚାଲିଛି– ପରାର୍ଥ ତୋର ଧ୍ୟେୟ । ମୁକ୍ତି ତୋର ଲକ୍ଷ୍ୟ । ଆଜି ହେଉ, କାଲି ହେଉ, ଦିନେ ଦିନେ ତୋତେ ମୁକ୍ତ ହେବାକୁ ପଡ଼ିବ । ଏଣୁ ପ୍ରକୃତିକୁ ପୁରୁଷ ପାଇଁ, ଅହଂକାରକୁ ଆତ୍ମା ପାଇଁ ବଳିଦାନ ଦେବା ଲକ୍ଷ୍ୟ କରି ଅଭ୍ୟାସ କର । ସେଥିରେ ବ୍ୟକ୍ତି, ପରିବାର, ସମାଜ, ଦେଶ ତଥା ବିଶ୍ୱର କଲ୍ୟାଣ ନିହିତ ଅଛି ।

## ବାଲି ତୃତୀୟା

ବାଲି ତୃତୀୟା ବ୍ରତ ଭାଦ୍ରବ ମାସ ଶୁକ୍ଳପକ୍ଷ ତୃତୀୟା ଦିନ ହସ୍ତା ନକ୍ଷତ୍ରରେ ପାଳନ କରାଯାଏ । ବିବାହିତା ନାରୀମାନେ ସ୍ୱାମୀଙ୍କ ଦୀର୍ଘ, ନିରାମୟ ଜୀବନ କାମନା କରି ଏହି ବ୍ରତ ରଖିଥାନ୍ତି । କେତେକ ସ୍ଥାନରେ ଅବିବାହିତା ଝିଅମାନେ ମଧ୍ୟ ସର୍ବଗୁଣସମ୍ପନ୍ନ ପତି କାମନା କରି ଏହି ବ୍ରତ ପାଳନ କରନ୍ତି । ଅତି ନିଷ୍ଠାର ସହ ତୃତୀୟା ଦିନ ସୂର୍ଯ୍ୟୋଦୟ ଠାରୁ ଚତୁର୍ଥୀ ଦିନ ପ୍ରତ୍ୟୁଷ ପର୍ଯ୍ୟନ୍ତ ଉପବାସ ରହିବାକୁ ହୁଏ । ଜଳସ୍ପର୍ଶ ନିଷେଧ, ଏପରିକି ଛେପ ଢ଼ୋକିବାକୁ ମଧ୍ୟ ବାରଣ କରାଯାଏ । ଏହି ବ୍ରତର ଆରାଧ୍ୟ ଦେବତା ହେଉଛନ୍ତି ମହାଦେବ । ମହାଦେବ ଯେପରି ଆଶୁତୋଷ ସେମିତି ବି ରୁଦ୍ର । ତେଣୁ ଏହି ବ୍ରତକୁ ନିଷ୍ଠାର ସହ ପାଳନ କଲେ ଅନେକ ସୁଫଳ ମିଳେ ବୋଲି ବିଶ୍ୱାସ ରହିଛି । ମା'ପାର୍ବତୀ ମୃତ୍ୟୁଞ୍ଜୟୀ ଶିବଙ୍କୁ ପତି ରୂପେ ପାଇବା ପାଇଁ କୈଳାସ ପର୍ବତରେ କଠୋର ତପ କରିଥିଲେ । ପାର୍ବତୀଙ୍କ ତପସ୍ୟାରେ ଶିବ ସନ୍ତୁଷ୍ଟ ହୋଇଥିଲେ । ତେଣୁ ବିବାହିତ ନାରୀମାନେ ବାଲି ତୃତୀୟା ଦିନ ସକାଳେ ନଦୀ ବା ପୁଷ୍କରିଣୀରେ ସ୍ନାନ କରନ୍ତି ।

ପୁଣି ଥରେ ଅପରାହ୍ନରେ ସ୍ନାନ କରି ପାଣି ବୁଡ଼ି ସାତମୁଠା ବାଲି ଆଣନ୍ତି । ସେଥିରେ ଜଳାଶୟ କୂଳରେ ଶିବ ଲିଙ୍ଗ ବା ବାଲୁଙ୍କା ପୂଜା କରନ୍ତି । ପରଦିନ ସ୍ନାନ ସମୟରେ ବାଲୁଙ୍କା ବିସର୍ଜନ କରାଯାଏ । ନୂତନ ବସ୍ତ୍ର ପରିଧାନ ପୂର୍ବକ ଚତୁର୍ଥୀ ଦିନ ଉଦ୍‌ଯାପନ କରାଯାଏ । ଏହି ଦିନରେ ଭାରତର ଅନ୍ୟ କେତେକ ଅଞ୍ଚଳରେ ହରତାଳିକା ତୀଜ ବ୍ରତ ପାଳନ କରାଯାଏ । ପଦ୍ମ ପୁରାଣ ଅନୁଯାୟୀ ଗୌରୀ ମାତା, ଏହି ଦିନରେ ବ୍ରତ ରଖି ଶିବଙ୍କୁ ପତି ରୂପେ ପାଇଥିଲେ । ବାଲି ତୃତୀୟାରେ ଘରର ଛାତକୁ ବାଡ଼ିରେ ବାଡ଼େଇବା ରୀତି ପ୍ରଚଳିତ । ଏହାଦ୍ୱାରା ଶାପରୁ ମୁକ୍ତି ମିଳୁଥିବା ଏକ ଧାର୍ମିକ ବିଶ୍ୱାସ । ଓଡ଼ିଆ ଆଧ୍ୟାତ୍ମିକ ଓ ଧର୍ମୀୟ ସଂସ୍କୃତିରେ ବାଲି ତୃତୀୟ ଏକ ପବିତ୍ର ଦିନ । ଏହି ଦିନ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମଧ୍ୟ ସ୍ୱତନ୍ତ୍ର ନୀତିକାନ୍ତି ବ୍ୟବସ୍ଥା ରହିଛି ।


**ଅଲେଖ ଚନ୍ଦ୍ର ସାମଲ,**
**ପୂର୍ବତନ ଡିଏଫ୍ଓ , ପଲାଇ, ବାଲିଚନ୍ଦ୍ରପୁର,**
**ଯାଜପୁର, ମୋ– ୯୪୩୭୨୫୬୭୧୨୩**



**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**


# ବିଘ୍ନନାଶକ ବିଘ୍ନରାଜ

## ଜୟଶ୍ରୀ ପଟ୍ଟନାୟକ

*ବିଦ୍ୟାରମ୍ଭେ ବିବାହେ ଚ ପ୍ରବେଶେ ନିର୍ଗମେ ତଥା*
*ସଂଗ୍ରାମେ, ସଙ୍କଟେ ଚୈବ ବିଘ୍ନସ୍ତସ୍ୟ ନଜାୟତେ*

ପ୍ରତ୍ୟେକ ହିନ୍ଦୁ ପରିବାରରେ ଶିଶୁମାନଙ୍କର ବିଦ୍ୟାରମ୍ଭ ସମୟରେ ଗଣେଶ ପୂଜନ ହୁଏ । କାରଣ ଶ୍ରୀଗଣେଶ ବିଘ୍ନ ନାଶକ ତେଣୁ କୌଣସି ଅନୁକୂଳ କର୍ମ ଆରମ୍ଭରେ ଶ୍ରୀଗଣେଶଙ୍କୁ ସ୍ମରଣ କରାଯାଇଥାଏ । ବିନାୟକ ଗଜମୁଖ, ଚାରିହସ୍ତ ଯୁକ୍ତ, ଦକ୍ଷିଣ ହସ୍ତରେ ଶୂଳ, ଅକ୍ଷମାଳା ଓ ବାମହସ୍ତରେ ପରଶୁ ଓ ମୋଦକ ପୂର୍ଣ୍ଣପାତ୍ର । ବୈଦିକ ଧର୍ମର ଯେ କୌଣସି ପୂଜାବିଧିରେ ଗଣେଶଙ୍କୁ ପ୍ରଥମେ ଆବାହନ କରାଯାଏ । ସେ ଏକଦନ୍ତ ମୋଦକ ପ୍ରିୟ, ଉଦର ବୃହତ୍ ସେ ଲମ୍ବୋଦର କର୍ଣ୍ଣ କୁଲାପରି ବକ୍ଷରେ ସର୍ପ ଯଜ୍ଞୋପବିତ ଓ ଶରୀର ବ୍ୟାଘ୍ରଚର୍ମ ଦ୍ୱାରା ଅଳଙ୍କୃତ । ଶ୍ରୀଗଣେଶଙ୍କର ମୂର୍ତ୍ତି ପୂଜା ଓ ଉପାସନା ସନାତନ ଅଟେ । ସେ ସିଦ୍ଧିଦାତା ମଙ୍ଗଳମୟ ଅଟନ୍ତି । ଅସଂଖ୍ୟ ଦେବତା ଦ୍ୱାରା ଉପାସ୍ୟ ଶ୍ରୀଗଣେଶ । ତାଙ୍କର ପ୍ରାଚୀନତମ ମୂର୍ତ୍ତିଗୁଡିକ ଯକ୍ଷ ଓ ନାଗର ପ୍ରତିମାର ପ୍ରତିରୂପ । ଯକ୍ଷ ଓ ନାଗମାନଙ୍କ ମୂର୍ତ୍ତିପୂଜା ଭାରତରେ ଅନେକ ପୂର୍ବରୁ ପ୍ରଚଳିତ ଥିଲା । ଏଥିରୁ ଜଣାପଡେ ଶ୍ରୀଗଣେଶ ପ୍ରତିମା ପରମ୍ପରା ଅନାଦି କାଳରୁ ହୋଇଆସୁଅଛି । ନେପାଳର ପଶୁପତିନାଥ ମନ୍ଦିରର ଉତ୍ତରରେ ଏକ ପ୍ରାଚୀନ ଗଣେଶ ମନ୍ଦିର ଅଛି । ଏହା ସମ୍ରାଟ ଅଶୋକଙ୍କ କନ୍ୟାଦ୍ୱାରା ନିର୍ମିତ ହୋଇଥିଲା ।

ଅନେକ ଗଣପତି ମୂଷିକ ବାହନ ଅଟନ୍ତି । ହେରମ୍ବ ଗଣପତିଙ୍କ ବାହନ ସିଂହ । ସେ ପଞ୍ଚବଦନ ଯୁକ୍ତ । ଚାରିଦିଗକୁ ଚାରି ମୁଖ ପଞ୍ଚମଟି ଆକାଶମୁଖୀ ହୋଇଥାନ୍ତି । ସିଂହ ଉପରେ ଉପବିଷ୍ଟ ହୋଇଥାନ୍ତି । ତାଙ୍କ ହାତରେ ପାଶଦନ୍ତ, ଅକ୍ଷମାଳା, ପରଶୁ, ଅଙ୍କୁଶ, ମୁଦ୍ଗର ମୋଦକ ବରମୁଦ୍ରା ଓ ଅଭୟ ମୁଦ୍ରା ପ୍ରଦର୍ଶିତ ହୋଇଥାଏ । ଗଣେଶ ପ୍ରାଚୀନ ଦେବତା । ମନ୍ଦିରରେ ତାଙ୍କର ନିତ୍ୟ ପୂଜା ଆରାଧନା ହୁଏ । ଭାଦ୍ରପଦ ଶୁକ୍ଳ ଚତୁର୍ଥୀରେ ମନ୍ଦିରରେ ସ୍ୱତନ୍ତ୍ର ପୂଜାବିଧି ପାଳିତ ହୁଏ । ସେହିଦିନ ତାଙ୍କର ସାର୍ବଜନୀନ ପୂଜା ମଣ୍ଡପମାନଙ୍କର ଖୁବ ଆଡମ୍ବର ସହକାରେ ହୁଏ । ଆମର ଚାଟଶାଳୀ ପାଠରେ ରହିଛି ଗଣେଶ ବନ୍ଦନା–

*'ଲିହି କାଠିଏ ପଢିଲେ ଗଣେଶ୍ୱର*
*ବେଦ ବିଦ୍ୟାରେ ଜିଣିଲେ ତିନିପୁର ।'*

ଲିହି ଅର୍ଥାତ ଲେଖି ସେ କାଠିଏ ଅର୍ଥାତ ସବୁ ପ୍ରକାର ବିଦ୍ୟା ଆୟତ୍ତ କଲେ । ବେଦବିଦ୍ୟାରେ ତ୍ରିପୁର ବିଜୟୀ ହେଲେ । ସେ ଜ୍ଞାନର ଦେବତା । ଜଗନ୍ନାଥ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ଗଜାନନ ବେଶ ଜ୍ୟେଷ୍ଠ ମାସରେ ଅନୁଷ୍ଠିତ ହୁଏ । ଏହିଦିନ ଜଗନ୍ନାଥ ଭାଇ ଭଉଣୀ ଓ ସୁଦର୍ଶନ ସହିତ ସ୍ନାନମଣ୍ଡପରେ ଗଜାନନ ବେଶରେ ଦର୍ଶନ ଦିଅନ୍ତି । ଗଣପତି ଭଟ୍ଟ ନାମକ ଜଣେ ଭକ୍ତକୁ ଏଠାରେ ଜଗନ୍ନାଥ ଗଣେଶ ରୂପରେ ଦେଖା ଦେଇଥିଲେ । ସେହିଦନରୁ ସ୍ନାନ ମଣ୍ଡପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ଗଣେଶ ବେଶ ହୋଇଆସୁଛି । ଗାଣପତ୍ୟମାନେ ଗଣପତିଙ୍କର ଭକ୍ତ । ଶାକ୍ତ,ଶୈବ, ବୈଷ୍ଣବ ପରି ଗାଣପତ୍ୟମାନେ ବହୁତ ସଂଖ୍ୟାରେ ଦକ୍ଷିଣାତ୍ୟରେ ଦେଖାଯାଆନ୍ତି । ଦକ୍ଷିଣ ଭାରତର ଅଧିକାଂଶ ଲୋକ ଗଣେଶ ଭକ୍ତ । ଜଗନ୍ନାଥ ମନ୍ଦିରର କଳ୍ପବଟ ତଳେ ଥିବା ବଟ ଗଣେଶ ପାଖରେ ବସି ଜଗନ୍ନାଥ ଦାସ ଓଡ଼ିଆ ଭାଗବତ ଗ୍ରନ୍ଥ ଲେଖିଥିଲେ । ଗଣେଶ ବିଘ୍ନେଶ ବିଘ୍ନରାଜ, ଅମ୍ବିକା ସୁତଙ୍କ ପୂଜା ବହୁପ୍ରାଚୀନ । ତାଙ୍କର ବାହାନ ମୂଷା ଯାହାକୁ ପାଦ ପାଖରେ ରଖିଛନ୍ତି । ସେ ସିଦ୍ଧିଦାତା । ସାନ ଠାରୁ ବଡ ଯାଏଁ ସେ ସମସ୍ତଙ୍କୁ ଭଲ ପାଆନ୍ତି ।

ଛତ୍ରପତି ଶିବାଜୀ ଗଣେଶଙ୍କୁ ରାଷ୍ଟ୍ରଦେବତା ଭାବରେ ମାନ୍ୟତା ଦେଇ ମଣ୍ଡପରେ ତାଙ୍କର ସାର୍ବଜନୀନ ପୂଜା ପ୍ରବର୍ତ୍ତନ କରିଥିଲେ । ବ୍ରାହ୍ମଣ ଅବ୍ରାହ୍ମଣ, ଶାକ୍ତ ଶୈବ ବୈଷ୍ଣବ ନିର୍ବିଶେଷରେ ସମସ୍ତେ ତାଙ୍କୁ ରାଷ୍ଟ୍ର ରକ୍ଷକ ଦେବତା ଭାବରେ ପୂଜା କରୁଥିଲେ । ଗଣେଶ ବିଘ୍ନକର୍ତ୍ତା ଓ ବିଘ୍ନହର୍ତ୍ତା । ଗଣେଶ ଥିଲେ ଭୋଂସଲାମାନଙ୍କର କୂଳଦେବତା । ଲୋକମାନ୍ୟ ବାଲ ଗଙ୍ଗାଧର ତିଳକଙ୍କ ନେତୃତ୍ୱରେ ଶିବାଜୀ ମହୋତ୍ସବ ଓ ଦଶ ଦିନବ୍ୟାପୀ ଗଣପତି ପୂଜା ପ୍ରବର୍ତ୍ତିତ ହେଲା । ତିଳକ ଭାଦ୍ରପଦ ଶୁକ୍ଳ ଚତୁର୍ଥୀ ଠାରୁ ଅନନ୍ତ ଚତୁର୍ଦ୍ଦଶୀ ବା ଭାଦ୍ର ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଦଶଦିନ ବ୍ୟାପୀ ଗଣେଶପୂଜା ମହାଆଡମ୍ବର ସହକାରେ ପାଳିତ ହେଲା । ମୂର୍ତ୍ତିପୂଜା ଈଶ୍ୱରଙ୍କୁ ପାଇବାର ଏକ ମାଧ୍ୟମ । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଗୋଟିଏ ଆନ୍ତରିକ ସମ୍ପର୍କ । ସର୍ବଶକ୍ତିମାନ ଈଶ୍ୱରଙ୍କୁ ପାଇବା ପାଇଁ ମୂର୍ତ୍ତିପୂଜା ଆବଶ୍ୟକ । ମୂର୍ତ୍ତି ମନରେ ଏକାଗ୍ରତା ଆଣେ । ଶ୍ରୀଗଣେଶଙ୍କର ସର୍ବାଗ୍ରେ ପୂଜା ହୁଏ ସେ ଅଗ୍ର ପୂଜିତ ଦେବ । ବିବାହ, ମନ୍ଦିର ବ୍ରତ ମନ୍ଦିର ସ୍ଥାପନ ,ନୂତନ ଗୃହ ପ୍ରତିଷ୍ଠା ଯଜ୍ଞ ସବୁ ସମୟରେ ଅଗ୍ରପୂଜ୍ୟ ଦେବତା ସିଏ । ଶ୍ରୀଗଣେଶଙ୍କ ପିତା ଦେବ ଦେବ ମହାଦେବ ମାତା ପାର୍ବତୀ ଭ୍ରାତା ଯୁଦ୍ଧବିଦ୍ୟା ବିଶାରଦ କାର୍ତ୍ତିକେୟ । ଗଣେଶ ପାର୍ବତୀଙ୍କ ମାନସ ସନ୍ତାନ । ଶିବ ଆଶୀର୍ବାଦ ଦେଇଥିଲେ ସବୁ ଦେବତାଙ୍କ ଆଶୀର୍ବାଦରୁ ଏ ମାନସ ପୁତ୍ର ଗଣେଶ ନାମରେ ହେବ ବିଦିତ । ଦେବଗଣ, ଆର୍ଯ୍ୟ ଅନାର୍ଯ୍ୟ ଜୀବଜନ୍ତୁ ସମସ୍ତଙ୍କର ଅଗ୍ରପୂଜ୍ୟ ହେବ । ତେଣୁ ଗଣେଶ ପୂଜା ପ୍ରତି ଘରେ ଘରେ ପୁରେ ପୁରେ ଅନୁଷ୍ଠିତ ହୁଏ । ଅଗ୍ରପୂଜ୍ୟ ଗଣେଶଙ୍କର ରହିଛି ଦ୍ୱାଦଶ ନାମ ସୁମୁଖ ତାଙ୍କର ସୁନ୍ଦର ତନୁ ନାସା ଓ କର୍ଣ୍ଣ । ଛୋଟ ଆଖି ଗମ୍ଭୀରତାର ପ୍ରତୀକ, ଦୀର୍ଘନାସା ବୁଦ୍ଧିମତା ସୂଚକ, କର୍ଣ୍ଣ ବହୁଳତା ପ୍ରତୀକ । ଏକଦନ୍ତ –ପର୍ଶୁରାମ ସହ ଯୁଦ୍ଧରେ ଗୋଟିଏ ଦାନ୍ତ ଭାଙ୍ଗିଗଲା । ଯେବେ ପର୍ଶୁରାମ ନିଜ ଭୁଲ ଜାଣି ପାରିଲେ ସେ ଗଣେଶଙ୍କୁ ଏକଦନ୍ତ ନାମରେ ବିଶ୍ୱ ପ୍ରସିଦ୍ଧ ହେବାର ଆଶୀର୍ବାଦ ଦେଲେ । କପିଳା–କପିଳା ଅର୍ଥ ଗାଈ । ସମସ୍ତ ପ୍ରାଣୀଙ୍କୁ ଗାଈ ଯେପରି ଦୁଗ୍ଧ, ଘୃତ ଓ ଦହି ପ୍ରଦାନ କରେ ସେହିପ୍ରକାର ଗଣେଶ ଭକ୍ତଙ୍କୁ ବୁଦ୍ଧିରୂପୀ ଦହି, ସମୁଜ୍ଜ୍ୱଳ ଭାବ ରୂପୀ ଦୁଗ୍ଧ ତଥା ଜ୍ଞାନ ରୂପୀ ଘୃତ ପ୍ରଦାନ କରନ୍ତି । ଭକ୍ତମାନଙ୍କର ଦୈହିକ, ଦୈବିକ ଓ ଭୌତିକ ଦୋଷ ଦୂର କରନ୍ତି । ଗଜକର୍ଣ୍ଣ–ସନାତନ ଧର୍ମରେ ତାଙ୍କୁ ବୁଦ୍ଧିର ଦେବତା ବୋଲି ମନାଯାଏ ଅର୍ଥାତ ସଦା ନିଜ କାନ ଖୋଲି ସବୁ ପ୍ରକାର ,କଥା ଶୁଣି ହଜମ କରିଲେ ମଣିଷର ବୁଦ୍ଧି ବିନଷ୍ଟ ହୁଏନାହିଁ । ଲମ୍ବୋଦର–ଶାସ୍ତ୍ରାନୁସାରେ ଭଗବାନ ଶଙ୍କରଙ୍କର ଡମ୍ବରୁର ଧ୍ୱନିରୁ ଗଣେଶ ସମ୍ପୂର୍ଣ୍ଣ ବେଦ ଗ୍ରହଣ କଲେ । ସତୀ ପାର୍ବତୀଠାରୁ ସଙ୍ଗୀତ ଶିକ୍ଷା କଲେ । ଶିବଙ୍କ ଠାରୁ ତାଣ୍ଡବ ନୃତ୍ୟ ଶିଖି ବିଭିନ୍ନ ଜ୍ଞାନକୁ ଉଦରସ୍ଥ କରି ଥିବାରୁ ଲମ୍ବୋଦର ନାମ ପାଇଲେ । ବିକଟ–ବିକଟ ଅର୍ଥ ଭୟଙ୍କର । ତାଙ୍କ ମୁଖ ହାତୀ ପରି ଶରୀର ଶେଷ ଭାଗ ନରରୂପୀ ସେ ସମସ୍ତ ପ୍ରକାର ବିଘ୍ନରୁ ନିବୃତ୍ତ ହେବାପାଇଁ ବିକଟରୂପ ଧାରଣ କରି ନିଜ ଭକ୍ତ ପାଇଁ କଲ୍ୟାଣଦାୟକ ଅଟନ୍ତି । ବିଘ୍ନ ହରଣ ପାଇଁ ବିକଟ ରୂପ ଧାରଣ କରିଛନ୍ତି । ବିନାୟକ– ବିନାୟକ ଅର୍ଥ ବିଶିଷ୍ଟ ନାୟକ ବା ସ୍ୱାମୀ । ବ୍ରହ୍ମାଦି ଦେବତା ବି ସ୍ୱଇଚ୍ଛାରେ କାର୍ଯ୍ୟ କରନ୍ତି ନାହିଁ ଅର୍ଥାତ୍ ସର୍ବ ଦେବତା ଗଣେଶଙ୍କ ପରାମର୍ଶ ନିଅନ୍ତି କାରଣ ସେ ସମସ୍ତ ଗଣର ଅଧ୍ୟକ୍ଷ । ଧୂମ୍ରକେତୁ–ଅର୍ଥ ଅଗ୍ନି । ମାନବ ଜୀବନରେ ଆଧ୍ୟାତ୍ମିକ ଓ ଭୌତିକ ପ୍ରଗତିରେ ଆସୁଥିବା ବାଧାମାନଙ୍କୁ ଅଗ୍ନିପରି ଭସ୍ମ କରି ମାନବକୁ ଚରମ ଉତ୍କର୍ଷରେ ପହଞ୍ଚାଇ ଥାଆନ୍ତି । ଗଣାଧ୍ୟକ୍ଷ– ସେ ଗଣଦେବତାଙ୍କ ଗଣପତି । ପୁରାଣ ଅନୁସାରେ ସେ ଦେବତା, ନର, ଅସୁର, ନାଗ ।

ପରିବେଶ ସୁରକ୍ଷାରେ ଆମ ସୁରକ୍ଷା ଏହି କଥା ଧ୍ୟାନରେ ରଖି, ପରିବେଶର ସ୍ୱଚ୍ଛତା ଉପରେ ନଜର ଦେଇ, ସୁସ୍ଥ ବାତାବରଣ ଭିତରେ ପାଳନ କରିବା ପୂଜା । ମୂର୍ତ୍ତି ବିସର୍ଜନ ବେଳେ ନଈ, ପୋଖରୀ, ଗାଡ଼ିଆ ପାଣି ଦୂଷିତ ହୋଇଥାଏ । ଫୁଲମାଳ ଓ ପୂଜାପୋକରଣ ବିସର୍ଜନ ପରେ ନଦୀରେ ନ ଫିଙ୍ଗି ଗୋଟିଏ ଖାଲ କରି ପୋତିଦେବା ଦ୍ୱାରା ନଦୀ ପୋଖରୀ ଓ ତାର ଆଖପାଖ ପରିବେଶ ଦୂଷିତ ହେବାରୁ ବଞ୍ଚିଯାଏ । ଦୂଷିତ ଜଳ ଅସ୍ୱାସ୍ଥ୍ୟକର ପରିବେଶ ରୋଗକୁ ଡାକି ଆଣେ । ମୂର୍ତ୍ତିରେ ଲାଗିଥିବା କୃତ୍ରିମ ରଙ୍ଗ ବିସର୍ଜନ ପରେ ନଈ ପୋଖରୀରେ ମିଶିବା ଫଳରେ ଅନେକ ରୋଗ ହୋଇଥାଏ । ତେଣୁ ମୂର୍ତ୍ତିରେ ପ୍ରାକୃତିକ ରଙ୍ଗ ଦେବା ହାନିକାରକ ହୋଇନଥାଏ । ତେଣୁ ଏସବୁ ପ୍ରତି ଧ୍ୟାନ ଦେଇ ସାର୍ବଜନୀନ ପୂଜା ଗଣେଶ ପୂଜା ଖୁବ୍ ଧୂମଧାମରେ ପାଳନ କରିବା ବିଧେୟ ।


**ଗଙ୍ଗନଗର, ଭୁବନେଶ୍ୱର**
**ମୋ–୭୯୭୮୧୧୦୪୭୪**


# ଶିଶୁର ବିକାଶ ଦିଗରେ ପିତାମାତାଙ୍କ ଭୂମିକା

## ଶିବ ସୁନ୍ଦର ରଥ

ମନସ୍ତତ୍ତ୍ୱବିତ୍‌ମାନଙ୍କ ମତରେ ଶିଶୁର ଜନ୍ମ ହିଁ ହତାଶା । କାରଣ, ନବଜାତ ଶିଶୁଟି ଅତ୍ୟନ୍ତ ଅସହାୟ ଓ ନିର୍ଭରଶୀଳ ହୋଇଥାଏ । ନିଜର ସର୍ବନିମ୍ନ ଆବଶ୍ୟକତା ପୂରଣ ନିମନ୍ତେ ମଧ୍ୟ ତାକୁ ଅନ୍ୟ ଉପରେ ନିର୍ଭର କରିବାକୁ ପଡ଼ିଥାଏ । ଏହି ସବୁ କାରଣରୁ ପରିବାର ସଦସ୍ୟମାନଙ୍କ ସଂସ୍ପର୍ଶରେ ଆସି ଶିଶୁଟି ନୂତନ ଅଭିଜ୍ଞତା ପ୍ରାପ୍ତି ହୋଇଥାଏ । ପାରସ୍ପରିକ ପ୍ରକ୍ରିୟାରେ ଆବଦ୍ଧ ହୋଇ ଶିଶୁର ବ୍ୟକ୍ତିତ୍ୱ ବିକାଶ ହୋଇଥାଏ । ଜନ୍ମ ହେବା ଦିନଠାରୁ ପ୍ରଥମ ପାଞ୍ଚବର୍ଷ ପର୍ଯ୍ୟନ୍ତ ପରିବାରର ସଦସ୍ୟମାନଙ୍କ ଦ୍ୱାରା ସେ ବହୁଳ ଭାବେ ପ୍ରଭାବିତ ହୋଇଥାଏ । ପରିବାରର ପ୍ରତ୍ୟେକ ସଦସ୍ୟମାନଙ୍କ ଚାଲିଚଳନ, ରୁଚି, ଆଚାର, ବ୍ୟବହାର, ଆଗ୍ରହ ଇତ୍ୟାଦିକୁ ସେ ଅନୁକରଣ କରିବାରେ ଲାଗିଥାଏ । ଶିଶୁଟିର ବ୍ୟବହାର ପରିବାରର ସଦସ୍ୟମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ ।

ଶିଶୁର ବ୍ୟକ୍ତିତ୍ୱ ବିକାଶ ନିମନ୍ତେ ପିତାମାତାଙ୍କ ସାହାଯ୍ୟ ଓ ପ୍ରଯତ୍ନ ଯେ ଅପରିହାର୍ଯ୍ୟ, ଏହା ସମସ୍ତେ ସ୍ୱୀକାର କରିବା ଉଚିତ୍ । ପିତାମାତାଙ୍କର ଉପଯୁକ୍ତ ସ୍ନେହ ଓ ପ୍ରଶିକ୍ଷଣ ନ ପାଇଲେ ଶିଶୁର ସୁସ୍ଥ ବ୍ୟକ୍ତିତ୍ୱର ଗଠନ ଅସମ୍ଭବ ହୋଇପଡ଼ିଥାଏ । ପୁନଶ୍ଚ ପିତାମାତାଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ ହୋଇପାରିନଥିଲେ, ଶିଶୁଟି ଉପରେ ତା'ର ପ୍ରତିକୂଳ ପ୍ରଭାବ ପଡ଼ିଥାଏ । ଛୋଟ ବୟସରୁ ଶିଶୁମାନେ ଉପଯୁକ୍ତ ଲାଳନପାଳନ ଅଭାବରୁ ବିପଥଗାମୀ ହେବାରେ ଲାଗିଥାନ୍ତି । ତେଣୁ ଶିଶୁର ପ୍ରଥମ ପାଞ୍ଚବର୍ଷର ଅଭିଜ୍ଞତା ତା'ର ବ୍ୟକ୍ତିତ୍ୱ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରେ, ଏହା ଉଣା ଅଧିକେ ପ୍ରତ୍ୟେକ ମନସ୍ତତ୍ତ୍ୱବିତ୍‌ଗଣ ସ୍ୱୀକାର କରିଛନ୍ତି । ପିତାମାତାଙ୍କ ଠାରୁ ଆବଶ୍ୟକୀୟ ସ୍ନେହ ଆଦର ପ୍ରାପ୍ତି ହେଲେ ଶିଶୁଟିର ଅନ୍ତର୍ନିହିତ ଶକ୍ତିର ବିକାଶ ଘଟିଥାଏ । ଏହା ପରୋକ୍ଷରେ ତା'ର ବ୍ୟକ୍ତିତ୍ୱ ଗଠନରେ ସହାୟକ ହୋଇଥାଏ । ଅପରପକ୍ଷରେ ପରିବାରରେ ଯେଉଁ ଶିଶୁ ସର୍ବଦା ଲାଞ୍ଛନା ତାଡ଼ନା ପାଉଥାଏ, ସେ ଆଉ ପରିବାର ମଧ୍ୟରେ ଜଣେ ଆକାଂକ୍ଷିତ ଶିଶୁ ହୋଇପାରିନଥାଏ । ସମସ୍ତେ ତାକୁ ପ୍ରାୟ ଏକ ଅପଦାର୍ଥ ଭାବେ ଗଣନା କରିଥାନ୍ତି ।

କେତେକ ବହୁ ସଦସ୍ୟ ବିଶିଷ୍ଟ ପରିବାରରେ ବା ପିତାମାତାଙ୍କର ବହୁ ସନ୍ତାନସନ୍ତତି ଥିଲେ ଶିଶୁଟି ମଧ୍ୟ ବେଳେ ବେଳେ ଦେଖିଯାଇଥାଏ ଯେ ସେହି ପରିବାରରୁ ଉପଯୁକ୍ତ ସ୍ନେହ, ଆଦର ପାଇବାରୁ ବଞ୍ଚିତ ହୋଇଥାଏ । ଦରିଦ୍ର ପରିବାରରେ ଆର୍ଥିକ ଅନଟନ ଯୋଗୁଁ ପିତାମାତା ତା'ର ବିଭିନ୍ନ ଆବଶ୍ୟକତା ପୂରଣ କରିବାରେ ସକ୍ଷମ ହୋଇପାରନ୍ତି ନାହିଁ । ଜୀବନର ପ୍ରତିଟି ମୁହୂର୍ତ୍ତରେ ସେ ହତାଶ, ଅପମାନିତ ଓ ଲାଞ୍ଛନା ହେବାରେ ଲାଗିଥାଏ ଏବଂ ବ୍ୟକ୍ତିତ୍ୱକୁ ବିକଳାଙ୍ଗ କରିଦେଇଥାଏ । ଏହା ସ୍ୱୀକାର୍ଯ୍ୟ ଯେ, ପରିବାର ହିଁ ଶିଶୁର ପ୍ରଥମ ପାରିପାର୍ଶ୍ୱିକ ଅବସ୍ଥା, ଯେଉଁ ପରିବାର ମଧ୍ୟରେ ଶିଶୁର ଲାଳନପାଳନ କରାଯାଇଥାଏ । ସେହି ପରିବାରର ଶିକ୍ଷା ଓ ଆଦର୍ଶ ଶିଶୁର ବ୍ୟକ୍ତିତ୍ୱର ଗଠନରେ ପ୍ରଭାବ ପକାଇଥାଏ । ତା' ଭାବି ଜୀବନରେ ଶିଶୁଟି ସମାଜ ପ୍ରତି ତଥା ଜୀବନ ପ୍ରତି ଯେଉଁ ମନୋଭାବ ପୋଷଣ କରିଥାଏ, ତାହା ପିତାମାତାଙ୍କର ମନୋଭାବର ଏକ ପ୍ରତିକୃତି ମାତ୍ର । ଜୀବନର ଚଲାପଥରେ ଶିଶୁ ଜଣକ ସର୍ବଦା ପିତାମାତାଙ୍କୁ ଏକ ଆଦର୍ଶ ବୋଲି ମାନ୍ୟ ପ୍ରଦର୍ଶନ କରେ ଏବଂ ସେମାନଙ୍କୁ ଏକାତ୍ମୀକରଣ କରି ଜୀବନ ସ୍ରୋତ ପାରିହେବାକୁ ବସେ । ଯଦି ପିତାମାତା ରୁଗ୍ଣ ବ୍ୟକ୍ତିତ୍ୱ ଅଧିକାରୀ ହୋଇଥାନ୍ତି ତେବେ ସେମାନେ ମଧ୍ୟ ନିଜ ସମ୍ବନ୍ଧରେ ନ୍ୟୁନ ଧାରଣା ପ୍ରଦାନ କରିଥାନ୍ତି । ଫଳରେ ଶିଶୁ ଜଣକ ପିତାମାତାଙ୍କର ସେହି ନ୍ୟୁନ ଗୁଣକୁ ଅନୁକରଣ କରି ଅସ୍ୱାଭାବିକ ବ୍ୟକ୍ତିତ୍ୱର ଅଧିକାରୀ ହୋଇଥାଏ । ଏଥିପାଇଁ ମନସ୍ତତ୍ତ୍ୱବିତ୍ ଗଣ ଯଥାର୍ଥରେ କହିଛନ୍ତି, ଜୀବନର ପ୍ରାରମ୍ଭରେ ପରିବାର ଓ ପିତାମାତାଙ୍କର ଆଚରଣର ପ୍ରଭାବ ତା'ର ବ୍ୟକ୍ତିତ୍ୱ ଗଠନରେ ଯେ ଯଥେଷ୍ଟ ଏହା କେହି କେବେ ଅସ୍ୱୀକାର କରିପାରିବେ ନାହିଁ ।

ପ୍ରାୟ ଅଧିକାଂଶ ପରିବାରରେ ଦୃଷ୍ଟିଗୋଚର ହୁଏ ଯେ, ପିତାମାତା ନିଜ ସନ୍ତାନ ସନ୍ତତିମାନଙ୍କୁ ଅତ୍ୟଧିକ ସ୍ନେହ ପ୍ରଦାନ କରିଥାନ୍ତି । ସଂରକ୍ଷିତ ପରିବାରରେ ଶିଶୁଟି ମାନସିକ ରୋଗରେ ପୀଡ଼ିତ ହୋଇଥାଏ । ଅନ୍ୟପକ୍ଷେ ଦୃଷ୍ଟି ପ୍ରଦାନ କଲେ, ପିତାମାତା କେତେକ ସ୍ଥଳେ ଶିଶୁଟି ପ୍ରତି ଅତି କୋଠର ବ୍ୟବହାର ପ୍ରଦର୍ଶନ କରିଥାନ୍ତି । ଶିଶୁଟି ଉପରେ ନିଜର ପ୍ରଭୁତ୍ୱ ବିସ୍ତାର କରିବାରେ ଲାଗିଥାନ୍ତି । ସ୍ୱାଧୀନ ଭାବେ ଶିଶୁଟିକୁ କୌଣସି କାର୍ଯ୍ୟ କରିବାକୁ ଦେଇନଥାନ୍ତି ଏବଂ ସାମାନ୍ୟ ଭୁଲ୍ କଲେ କଠୋର ଦଣ୍ଡର ବ୍ୟବସ୍ଥା କରିଥାନ୍ତି । ଏହା ଫଳରେ ଶିଶୁ ମନରେ ଅଯଥା ହତାଶା ଓ ବ୍ୟର୍ଥତା ଭାବ ସୃଷ୍ଟି ହୋଇଥାଏ । ପିତାମାତାଙ୍କୁ ସେ ହତାଦର କରିବାର ଲାଗେ । ନିଜର ଆଶା ଓ ଆକାଂକ୍ଷା ପୂରଣ କରିବାରେ ଏମାନେ ପ୍ରତିବନ୍ଧକ ସାଜୁଛନ୍ତି ବୋଲି ସେ ମନେ କରେ । ଭବିଷ୍ୟତ ସେ ନଜର କ୍ରୋଧ ଓ ତିକ୍ତ ଭାବ ପିତାମାତାଙ୍କ ବିରୁଦ୍ଧରେ ମନେ ମନେ ପ୍ରକାଶ କରିବାରେ ଲାଗେ । ଏଭଳି ଶିଶୁମାନେ ପରିବାର ମଧ୍ୟରେ ବେଶୀ ସମୟ ନ କଟାଇ ପରିବାର ବାହାରେ ବେଶୀ ସମୟ କଟାଇଥାନ୍ତି । କ୍ରମେ କ୍ରମେ ସେମାନଙ୍କ ଠାରେ ଅପରାଧ ପ୍ରବଣତା ବୃଦ୍ଧି ପାଇବାରେ ଲାଗେ । ଅନେକ ସମୟରେ ପିତାମାତା ଶିଶୁଟି ସମ୍ପର୍କରେ ଆସି ଅଯଥା ଉଦ୍‌ବେଗ ତଥା ବ୍ୟଗ୍ରତା ଭାବପ୍ରକାଶ କରିଥାନ୍ତି, ଅତିରିକ୍ତ ସତର୍କତା ଅବଲମ୍ବନ କରିଥାନ୍ତି । ସର୍ବଦା ଉଦ୍‌ବିଗ୍ନ ଓ ବିରସ ଭାବ ପ୍ରକାଶ କରିଥାନ୍ତି । ଏପରି ସ୍ଥଳେ ଶିଶୁଟି କ୍ଷେତ୍ରରେ ଆବେଗିକ ଅସ୍ୱାଭାବିକ ଭାବ ସୃଷ୍ଟି ହୋଇଥାଏ ।

ଶିଶୁଟିକୁ ମଧ୍ୟ ଭୟଭୀତ ଦେଖାଇ ଶାସନ କଲେ ତା' ବୁଦ୍ଧିର ମଧ୍ୟ ଉପଯୁକ୍ତ ବିକାଶ ଘଟିପାରିନଥାଏ । ତା'ର ଆତ୍ମପ୍ରତ୍ୟୟ ନିମ୍ନଗାମୀ ହୋଇଯାଇଥାଏ ଏବଂ ବିଦ୍ୟାଳୟରେ ତା'ର ଆଶାନୁରୂପ ଫଳ ଦେଖାଯାଇନଥାଏ । ପରୋକ୍ଷରେ ତା'ର ସୁସ୍ଥ ଓ ସ୍ୱାଭାବିକ ବ୍ୟକ୍ତିତ୍ୱର ବିକାଶ ସମ୍ଭବ ହୋଇପାରେ ନାହିଁ । ମାନସିକ ଅସ୍ଥିରତା ମଧ୍ୟରେ ଶିଶୁ ଜଣକ ସର୍ବଦା ଗତି କରୁଥାଏ । ଏଣୁ ଏ ପରିସ୍ଥିତିରେ ପ୍ରତ୍ୟେକ ପିତାମାତା ନିଜ ନିଜରେ ଶିଶୁ ସନ୍ତାନମାନଙ୍କ ପ୍ରତି ଉପଯୁକ୍ତ ଯତ୍ନ ନେବା ଲାଗି କିଛି ବିଶେଷ ବିଷୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ, ଯାହାଦ୍ୱାରା ଆମର ଭବିଷ୍ୟତ ବଂଶଧର ଉତ୍ତମ ନାଗରିକ ହେବାର ଉପଯୁକ୍ତ ପରିବେଶ ସୃଷ୍ଟି ହେଇପାରିବ ।


**ଜୟମଙ୍ଗଳ ନଗର, ବ୍ରହ୍ମପୁର**
**ମୋ–୯୧୭୮୭୩୯୩୧୦**


# ଗୁରୁ ରାମଦାସ ଓ ଭୋଲାରାମ

ସମର୍ଥ ରାମଦାସଙ୍କ ଅନେକ ଶିଷ୍ୟ ମଧ୍ୟରୁ ଭୋଲାରାମ ନାମକ ଜଣେ ପ୍ରିୟ ଶିଷ୍ୟ ଥିଲେ ଯିଏ କି ସ୍ୱାମୀଜୀଙ୍କ ଭୋଜନ ପରେ ତାଙ୍କୁ ପାନ ଖାଇବାକୁ ଦେଉଥିଲେ । ସ୍ୱାମୀଜୀଙ୍କ ଦାନ୍ତରେ ଯନ୍ତ୍ରଣା କାରଣରୁ ଭୋଲାରାମ ପାନକୁ ଭଲ ଭାବେ ଭାଙ୍ଗି ଗୁଣ୍ଡ କରି ଦେଉଥିଲା । ଯେତେବେଳେ ଅନ୍ୟ ଶିଷ୍ୟମାନେ ଦେଖିଲେ, ଭୋଲାରାମ ପ୍ରତି ଗୁରୁଜୀଙ୍କ ବିଶେଷ କୃପା ଅଛି, ସେମାନେ କ୍ରୋଧରେ ଜଳିବାକୁ ଲାଗିଲେ । ଏପରିକି ଦିନେ ପାନ ବଟୁଆକୁ ଜାଣିଶୁଣି ଲୁଚାଇ ଦେଲେ ।

ସନ୍ଧ୍ୟା ସମୟରେ ପାନ ବଟୁଆ ନ ପାଇ ଭୋଲାରାମ୍ ଅସ୍ତବ୍ୟସ୍ତ ହୋଇଗଲେ । ପୁଣି ସେହି ସମୟରେ ହିଁ ସ୍ୱାମୀଜୀ ଶୀଘ୍ର ପାନ ଆଣିବା ପାଇଁ କହିଲେ । କଣ କରିବ ସେ କିଛି ବୁଝି ପାରିଲା ନାହିଁ, ଉପାୟ ଶୂନ୍ୟ ହୋଇ ସେ ନିଜ ପାଟି ଭଲ ଭାବେ ଧୋଇ ନିଜ ଦାନ୍ତରେ ହିଁ ପାନ ଚୋବେଇ ଗୁରୁଦେବ ଙ୍କ ସାମ୍ନାରେ ଯାଇ ପାନ ଦେଇ ଆସିଲା । ସମର୍ଥ ରାମଦାସ ସଙ୍ଗେ ସଙ୍ଗେ ପାନ ଖାଇ କହିବାକୁ ଲାଗିଲେ, ଆଜି ପାନ ତ ଖୁବ୍ ମିଠା ଲାଗୁଛି ! ସେ ଦିନୁଁ ଭୋଲାରାମ ସବୁ ଦିନ ପାନ ନିଜ ଦାନ୍ତରେ ଚୋବେଇ ଗୁରୁଦେବଙ୍କୁ ଅର୍ପଣ କରେ । ଦିନେ ଛତ୍ରପତି ଶିବାଜୀ ସନ୍ଧ୍ୟା ସମୟରେ ମଠରେ ଆସି ପହଞ୍ଚି ଗଲେ । ସେହି ସମୟରେ ହିଁ ଗୁରୁଦେବଙ୍କ ଭୋଜନ ସମାପ୍ତ ହେଉଥିଲା । ସେ ଭୋଲାରାମଙ୍କୁ ପାନ ଆଣିବା ପାଇଁ ଡାକ ଛାଡିଲେ । ସେତେବେଳେ ଶିବାଜୀ କହିବାକୁ ଲାଗିଲେ, ଗୁରୁଦେବ ମୁଁ ଯାଇ ପାନ ଆଣି ଦେଉଛି । ଶିବାଜୀ ଘର ଭିତରକୁ ଯାଇ ଯାହା ଦେଖିଲେ ସେ ସ୍ତବ୍ଧ ହୋଇଗଲେ । ଭୋଲାରାମ ନିଜ ଦାନ୍ତରେ ପାନ ଭାଙ୍ଗି ଗୁଣ୍ଡ କରି ସ୍ୱାମୀଜୀଙ୍କୁ ଦେବା ପାଇଁ ବାହାରୁଥିଲା । ତାଙ୍କ କ୍ରୋଧ ପଞ୍ଚମରେ ଯାଇ ପହଞ୍ଚିଲା । ଭୋଲାରାମ୍ ଶିବାଜୀଙ୍କ ଆଡ଼କୁ ଚାହିଁଲା ଏହା ପୂର୍ବରୁ ଶିବାଜୀଙ୍କ କ୍ରୋଧର ଶିକାର ନ ହେବା ନିମନ୍ତେ ସେ ନିକଟରେ ଥିବା ଏକ ଛୁରୀ ଧରି ବାମ ହାତରେ ନିଜର ମୁଣ୍ଡରେ ଥିବା ଚୁଟି ଧରି ଡାହାଣ ହାତରେ ନିଜ ବେକକୁ କାଟି ଦେଇ ଶିବାଜୀ ମହାରାଜଙ୍କ ହାତରେ ମୁଣ୍ଡଟି ରଖି ଦେଲା । ଏହା ଦେଖି ଶିବାଜୀ ଆଶ୍ଚର୍ଯ୍ୟ ହୋଇଗଲେ । ସେତେବେଳେ ଭୋଲାରାମର କଣ୍ଠରୁ ଧ୍ୱନି ବାହାରୁଥିଲା, ଗୁରୁଦେବଙ୍କୁ ପାନ ଦେଇ ଆସ । ଏହା ଦେଖି ଶିବାଜୀଙ୍କୁ ଖୁବ୍ ପଶ୍ଚାତାପ ହେବାକୁ ଲାଗିଲା । ଏହି ସମୟରେ ପୁଣି ରାମଦାସଙ୍କ ଶବ୍ଦ ଶୁଭିବାକୁ ଲାଗିଲା । ଶିବା ଶୀଘ୍ର ପାନ ନେଇ ଆସ । ବିଳମ୍ବ ହୋଇଥିବା ଯୋଗୁ ସମର୍ଥ ରାମଦାସ ନିଜେ ହିଁ ସେଠାକୁ ଗଲେ । ସେଠିକାର ଦୃଶ୍ୟ ଦେଖି ମନେ ମନେ ହସିବାକୁ ଲାଗିଲେ । ସେ କଟା ହୋଇଥିବା ଭୋଲାରାମର ମୁଣ୍ଡ ନିକଟକୁ ହାତ ବଢ଼ାଇବାକୁ ଲାଗିଲେ । ଏହା ଦ୍ୱାରା ତାର ମୁହଁର ଥିବା ପାନ ରାମଦାସଙ୍କ ହାତ ଉପରେ ପଡ଼ିଗଲା । ସେହି ପାନକୁ ସେ ପ୍ରେମ ପୂର୍ବକ ନିଜ ପାଟିରେ ନେଇ ଖାଇବାକୁ ଲାଗିଲେ । ଶିବାଜୀଙ୍କ ଆଶ୍ଚର୍ଯ୍ୟ କହିଲେ ନ ସରେ । ଶିବାଜୀଙ୍କୁ ଆଶ୍ଚର୍ଯ୍ୟ ଦେଖି ଭୋଲାରାମର ମସ୍ତକକୁ ତାର ତଣ୍ଟି ନିକଟରେ ଲଗାଇବା ପାଇଁ ଆଦେଶ ଦେଲେ । ଶିବାଜୀ ଯେମିତି ସେଠାରେ ମସ୍ତକ ଲଗାଇ ଦେଇଛନ୍ତି ,ତାହା ପୂର୍ବ ଭଳି ଲାଗି ଗଲା,କିନ୍ତୁ ଶିବାଜୀଙ୍କ ହାତ ଥରୁ ଥିବାରୁ ସାମାନ୍ୟ ବଙ୍କା ହୋଇଗଲା । ସେତେବେଳେ ଭୋଲାରାମ କହିବାକୁ ଲାଗିଲା,ମୁଣ୍ଡ ଟିକିଏ ବଙ୍କା ହୋଇ ଯାଇଛି ,ବୋଧ ହୁଏ ଈଶ୍ୱରଙ୍କ ଏହା ହିଁ ଇଚ୍ଛା । ସମର୍ଥ ସେତେବେଳେ ଭୋଲାରାମର ମସ୍ତକକୁ ଇଙ୍ଗିତ କରି ଶିବାଜୀକୁ ହସି ହସି କହିଲେ, କଣ ଶିବା ! ପାନ ଖାଇବା ଉଚିତ ନା ନାହିଁ ! ଶିବାଜୀ ଖୁବ୍ ଲଜ୍ଜିତ ହେଲେ ଏବଂ ମଥାକୁ ନୁଆଇଁ କ୍ଷମା ମାଗିଲେ । ସେଦିନ ଭୋଲାରାମର ଗୁରୁଭକ୍ତି ନିକଟରେ ଶିବାଜୀ ମହାରାଜ ହାର ମାନିବାକୁ ବାଧ୍ୟ ହୋଇଥିଲେ ।


**ପ୍ରଭାତ କୁମାର ମହାପାତ୍ର, ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ, କୋରାପୁଟ ,ମୋ–୭୮୯୪୦୦୫୪୫୫**

## ବିଜେଡ଼ି ସଂଖ୍ୟାଲଘୁ ସେଲ୍ ବୈଠକ
# ସମାଜରେ ସଦଭାବ ବଜାୟ ରଖିବା ପାଇଁ ଉଦ୍ୟମ ଜାରି ରଖ



ଭୁବନେଶ୍ୱର, (ସବ୍ୟୁ): ଏ ଦେଶ ଆମର ଏ ମାଟି ଆମର. ଏ ଭାବନା ନେଇ ଆମର ପ୍ରିୟ ଭାରତ ତଥା ପ୍ରିୟ ଓଡିଶା ର ଗୌରବ ବୃଦ୍ଧି ପାଇଁ କାମ କରିବାକୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ସଂଖ୍ୟଲଘୁ ଭାଇ ଭଉଣୀ ମାନଙ୍କୁ ଆହ୍ୱାନ ଜଣାଇଛନ୍ତି । ଶଙ୍ଖ ଭବନ ଠାରେ ବିଜେଡି ସଂଖ୍ୟଲଘୁ ଭାଇ ଭଉଣୀ ମାନଙ୍କୁ ସମ୍ବୋଧନ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଶାନ୍ତି ଓ ସଦଭାବନା ହିଁ ପ୍ରଗତିର ଭିତ୍ତି । ଏଥି ଯୋଗୁଁ ହିଁ ଓଡିଶା ବିଭିନ୍ନ କ୍ଷେତ୍ର ର ପ୍ରଗତି ହାସଲ କରିପାରିଛି । ତେଣୁ ସାମ୍ପ୍ରଦାୟିକ ସଦଭାବନା ବଜାୟ ରଖିବା ପାଇଁ କାମ କରିବାକୁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ । ସେ କହିଥିଲେ ରାଜ୍ୟ ର ବିଭିନ୍ନ ଅଞ୍ଚଳ ର ସଂଖ୍ୟାଲଘୁ ଭାଇ ଭଉଣୀ ମାନେ ତାଙ୍କୁ ପ୍ରତିଦିନ ଭେଟୁଛନ୍ତି । ସେମାନଙ୍କ ମନରେ ଅସୁରକ୍ଷା ଭାବନା ରହୁଥିବା ବିଷୟରେ ସେମାନେ ଜଣାଉଛନ୍ତି ।

### ୱାକଫ ବିଲକୁ ବିରୋଧ କରିବ ବିଜେଡି

ବିଜେଡି ୱାକଫ ବିଲ କୁ ବିରୋଧ କରିବ ବୋଲି ଶ୍ରୀ ପଟ୍ଟନାୟକ ସ୍ପଷ୍ଟ କରିଥିଲେ । ଓଡିଶା ସଦଭାବନା ଓ ଭାଇଚାରା ପାଇଁ ପ୍ରସିଦ୍ଧ । ଓଡିଶା ର ସାଂସ୍କୃତିକ ବିବିଧତା ଆମର ଗୌରବ । ସାମ୍ପ୍ରଦାୟିକ ସଦଭାବନାକୁ ଭାରତୀୟ ସଂସ୍କୃତି ର ମୂଳଧାର ବୋଲି ବର୍ଣ୍ଣନା କରି ସମାଜ ର ଦୁର୍ବଳ ବର୍ଗ ର କଲ୍ୟାଣ ପାଇଁ ବିଜେଡି ସରକାର ନେଇଥିବା ବିଭିନ୍ନ ପଦକ୍ଷେପ ଉପରେ ସେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିବା ବୌଦ୍ଧ ଶିଖ ମୁସଲିମ ଓ ଖ୍ରୀଷ୍ଟିଆନ ଧର୍ମ ର ପ୍ରତିନିଧି ମାନେ ଶ୍ରୀ ପଟ୍ଟନାୟକ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସାଂସଦ ମୁନା ଖାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଓଡ଼ିଶାରେ ଗ୍ରାମୀଣ ଶିକ୍ଷାକୁ ପ୍ରୋତ୍ସାହିତ କରୁଛି ବେଦାନ୍ତ
# ୪ ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପାଠ୍ୟ କିଟ୍ ପ୍ରଦାନ

ଭୁବନେଶ୍ୱର (ସବ୍ୟୁ) : ଓଡ଼ିଶାର ଦୁର୍ଗମ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷାକୁ ପ୍ରୋତ୍ସାହିତ କରିବାର ପ୍ରତିଶ୍ରୁତି ଅନୁଯାୟୀ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା, କଳାହାଣ୍ଡି ଓ ଝାରସୁଗୁଡ଼ା ଜିଲ୍ଲାର କୁରାଲୋଇ ଓ ସିଜିମାଳି ଖଣି ଆଖପାଖ ଅଞ୍ଚଳର ୫୦ରୁ ଅଧିକ ବିଦ୍ୟାଳୟରେ ୪୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସ୍କୁଲ କିଟ୍ ବଣ୍ଟନ କରିଛି । ପ୍ରତ୍ୟେକ ଅଧ୍ୟୟନ କିଟ୍ ରେ ଗୋଟିଏ ସ୍କୁଲ ବ୍ୟାଗ୍, ଗୋଟିଏ ପାଣି ବୋତଲ, ଏକ ନୋଟ୍ ବୁକ୍, ଏକ ଜ୍ୟାମେଟ୍ରି ବକ୍ସ ଏବଂ ଅନ୍ୟାନ୍ୟ ପାଠ ଉପକରଣ ସାମଗ୍ରୀ ରହିଛି ଯାହା ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଆବଶ୍ୟକତା ପୂରଣ କରିପାରିବ । କାଠଘରା ହାଇସ୍କୁଲର ପ୍ରଧାନ ଶିକ୍ଷକ ଜନ୍ମେଜୟ ଶବର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଛାତ୍ରଛାତ୍ରୀଙ୍କୁ ଅଧ୍ୟୟନ ସାମଗ୍ରୀ ଯୋଗାଇ ଦେଇଥିବାରୁ ବେଦାନ୍ତ ଆଲୁମିନିୟମକୁ ମୁଁ ପ୍ରଶଂସା କରୁଛି । ଆମର ଅଧିକାଂଶ ଛାତ୍ରଛାତ୍ରୀ ସମ୍ବଳ ଅଭାବର ସମ୍ମୁଖୀନ ହୁଅନ୍ତି ଯାହା ଦୀର୍ଘକାଳୀନ ଭାବରେ ସେମାନଙ୍କ ମୌଳିକ



ଶିକ୍ଷାରେ ବାଧା ସୃଷ୍ଟି କରେ । ଏହି କିଟ୍ ଗୁଡ଼ିକ ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ପାଇଁ ଉତ୍ସାହିତ କରିବା ସହିତ ସେମାନଙ୍କ ଶିକ୍ଷାଦାନରେ ବଡ଼ ପରିବର୍ତ୍ତନ ଆଣିବ । ବେଦାନ୍ତର କୁରାଲୋଇ କୋଇଲା ଖଣି ପରିସରରେ ଥିବା ଗ୍ରାମଗୁଡ଼ିକ ମଧ୍ୟରୁ ମୁଖ୍ୟତଃ, ଯେଉଁଠାରେ ସ୍କୁଲ କିଟ୍ ବଣ୍ଟନ କରାଯାଇଛି । ସେହିପରି ନିକଟବର୍ତ୍ତୀ ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାର ବେଦାନ୍ତର ସିଜିମାଳି ବକ୍ସାଇଟ୍ ଖଣି ପରିସରରେ ଥିବା ବିଦ୍ୟାଳୟଗୁଡ଼ିକ ମଧ୍ୟରେ ଏହି କିଟ୍ ବଣ୍ଟନ ହୋଇଛି । ବେଦାନ୍ତ ଆଲୁମିନିୟମର ଏଭଳି ହସ୍ତକ୍ଷେପ ଫଳରେ ଛାତ୍ରଛାତ୍ରୀଙ୍କୁ ଏବେ ଅତ୍ୟାବଶ୍ୟକ ଅଧ୍ୟୟନ ସାମଗ୍ରୀ ଯୋଗାଇ ଦେବା ଫଳରେ ବିଦ୍ୟାଳୟରେ ଉପସ୍ଥାନ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି ।



କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ରସାୟନ ଓ କୃଷି ରାଷ୍ଟ୍ରମନ୍ତ୍ରୀ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରୁଛନ୍ତି ।

# କଲମ-୨୦୨୪'ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଚୌଦ୍ୱାର, (ସ.ବ୍ୟୁ.) : ଆସନ୍ତା ଅକ୍ଟୋବର ମାସ ୪ ତାରିଖରେ ଟାଙ୍ଗୀ-ଚୌଦ୍ୱାର ଆଂଚଳିକ ସାମ୍ବାଦିକ ସଂଘ ଓ ଉତ୍କଳ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ଓ ଏହାର ମୁଖପତ୍ର 'କଲମ-୨୦୨୪' ପ୍ରକାଶନ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ମଙ୍ଗୁଳି ଛକ ନିକଟସ୍ଥ ଶକ୍ତି ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । କଟକ ଜିଲ୍ଲା ଶାଖା ସଭାପତିସତ୍ୟବ୍ରତ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଟାଙ୍ଗୀ-ଚୌଦ୍ୱାର ଆଂଚଳିକ ସାମ୍ବାଦିକ ସଂଘର ସଭାପତି ନରେଶ କୁମାର ସାହୁ ଓ ସମ୍ପାଦକ ନରେଶ କୁମାର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ ଛ ସଂଘର ବାର୍ଷିକ ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିବା ବେଳେ ମୁଖପତ୍ର କଲମ ପାଇଁ ଲେଖା ମୋବାଇଲ ନଂ.୯୩୪୮୦୨୯୧୩୭ରେ ପ୍ରଦାନ କରିବା ପାଇଁ ଆହ୍ୱାନ କରାଯାଇଥିଲା ।

## ଭାରତ ବିକାଶ ପରିଷଦ, ଚନ୍ଦ୍ରଶେଖରପୁର ଶାଖା ପକ୍ଷରୁ
# ଗୁରୁ ବନ୍ଦନା ଓ ଛାତ୍ର ଅଭିନନ୍ଦନ କାର୍ଯ୍ୟକ୍ରମ ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ଗୁରୁ ଦିବସ ଅବସରରେ ଭାରତ ବିକାଶ ପରିଷଦ, ଚନ୍ଦ୍ରଶେଖରପୁର ଶାଖା ପକ୍ଷରୁ

ଗୁରୁ ବନ୍ଦନା ଓ ଛାତ୍ର ଅଭିନନ୍ଦନ




କାର୍ଯ୍ୟକ୍ରମ ସ୍ଥାନୀୟ ପ୍ରଶାନ୍ତି ବିହାର ସ୍ଥିତ ପଠାଣି ସାମନ୍ତ ଶିକ୍ଷା କେନ୍ଦ୍ର ପରିସରରେ ପାଳିତ ହୋଇ ଯାଇଛି । ଶାଖାର ଅଧକ୍ଷ ପ୍ରଦୀପ୍ତ କୁମାର ମହାରଣା ଙ୍କ ପୋରହିତ୍ୟରେ ଅନୁଷ୍ଠିତ ଏକ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାନ୍ତର ଉପାଧକ୍ଷ ସଚ୍ଚିଦାନନ୍ଦ ନାୟକ, କାର୍ଯ୍ୟକ୍ରମର ଆବାହିକା ଶ୍ରୀମତୀ ନମିତା ଦାଶ, ଅର୍ଥ ସଚିବ ମୁରଲୀଧର ଦାସ, ସଚିବ ପୂର୍ଣ୍ଣ ଚନ୍ଦ୍ର ସାହୁ, ବିଶିଷ୍ଟ ଯୋଗଗୁରୁ ବିଶ୍ୱ ରଞ୍ଜନ ରଥ ଏବଂ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଶ୍ରୀ ବିରଞ୍ଚି ନାରାୟଣ ତ୍ରୀପାଠୀ ପ୍ରମୁଖ ଗୁରୁ ଦିବସ ସମ୍ବନ୍ଧିତ ବହୁ ଉପାଦେୟ ଏବଂ ତଥ୍ୟ ଭିତ୍ତିକ ଆଲୋଚନା କରିଥିଲେ । ବିଦ୍ୟାଳୟ ର ସଂପାଦକ ଶୁକଦେବ ସାମଲ ସ୍ୱାଗତ ଭାଷଣ ଦେଇଥିଲେ । ଏବଂ ଭାରତ ବିକାଶ ପରିଷଦର ଗୁରୁ ବନ୍ଦନା ଓ ଛାତ୍ର ଅଭିନନ୍ଦନ କାର୍ଯ୍ୟକ୍ରମ ସଂପର୍କରେ ଛାତ୍ର ଛାତ୍ରୀ ମାନଙ୍କୁ ସୂଚନା ଦେଇଥିଲେ । ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ନିନାଦିନୀ ମହାନ୍ତି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ଏହି ଅବସରରେ ଶାଖାର ପୃଷ୍ଠ ପୋଷକ ଡ. ବିଶେଶ୍ୱର ଦାଶ, ବରିଷ୍ଠ ସଦସ୍ୟା ଶ୍ରୀମତୀ ବିନୋଦିନୀ ପାତ୍ର ଓ ଶ୍ରୀମତୀ ସରୋଜିନୀ ମହାନ୍ତି ନିଜ ନିଜର ବକ୍ତବ୍ୟ ରଖି ଛାତ୍ର ଛାତ୍ରୀ ମାନଙ୍କୁ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ ।

## ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ ଓ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ
# ଶିକ୍ଷକଙ୍କ ପ୍ରତିଟି କଥା ଜୀବନରେ ଆଗକୁ ବଢ଼ିବାର ମାର୍ଗ ଦେଖାଏ : ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଗୁରୁର୍ବ୍ରହ୍ମା, ଗୁରୁର୍ବିଷ୍ଣୁଃ, ଗୁରୁର୍ଦେବ ମହେଶ୍ୱରଃ, ଗୁରୁଃ ସାକ୍ଷାତ୍ ପରଂବ୍ରହ୍ମ, ତସ୍ମୈ ଶ୍ରୀଗୁରବେ ନମଃ । ଆଜିର ଦିନଟି ସମ୍ପୂର୍ଣ୍ଣ ଭାବେ ଗୁରୁଙ୍କ ପାଇଁ ଉତ୍ସର୍ଗୀକୃତ । ସଂସାରରେ ଗୁରୁଙ୍କ ସମକକ୍ଷ କେହି ନାହାନ୍ତି । ଆମେ ଯାହାବି କିଛି ଜାଣିଛୁ, ଯାହା କିଛି ଜ୍ଞାନ ଆହରଣ କରିଛୁ, ତାହା କେବଳ ଗୁରୁଙ୍କ ପାଇଁ ସମ୍ଭବପର ହୋଇପାରିଛି । ମହର୍ଷି ବାଲ୍ମିକୀ, ମହର୍ଷି ବିଶ୍ୱାମିତ୍ର, ମହର୍ଷି ବଶିଷ୍ଠଙ୍କଠାରୁ ଆରମ୍ଭ କରି ବର୍ତ୍ତମାନର ଗୁରୁମାନଙ୍କ ପର୍ଯ୍ୟନ୍ତ ଗୁରୁପରମ୍ପରା ସବୁବେଳେ ପୂଜନୀୟ । ଗୁରୁଙ୍କ ଆଶୀର୍ବାଦ ବିନା ଜୀବନରେ ଆଗକୁ ବଢ଼ିବା ଅସମ୍ଭବ । ଶିକ୍ଷକଙ୍କ ପ୍ରତିଟି କଥା ଜୀବନରେ ଆଗକୁ ବଢ଼ିବାକୁ ମାର୍ଗ ପ୍ରଦର୍ଶନ କରେ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ୟୁନିଟ୍-୩ସ୍ଥିତ କ୍ୟାପିଟାଲ୍ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ ଓ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି । ଆଜିର ଉତ୍ସବରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଏକାମ୍ର, ଭୁବନେଶ୍ୱର ବିଧାୟକ ବାବୁ ସିଂ କହିଲେ ଯେ ଜୀବନର ପଥ ସବୁବେଳେ ଫୁଲଶଯ୍ୟା ନୁହେଁ । ତେଣୁ ଜୀବନରେ ଆଗକୁ ବଢ଼ିବାକୁ ହେଲେ ନିଜକୁ ଯୁଗ ସହିତ ତାଳଦେଇ ପ୍ରସ୍ତୁତ ହେବାକୁ ହେବ । ଏହା କେବଳ ଗୁରୁଙ୍କ ମାର୍ଗଦର୍ଶନରେ ସମ୍ଭବପର । ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରଣା କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ ଯେ ଗୁଣାତ୍ମକ ଶିକ୍ଷାକୁ ପରିବ୍ୟାପ୍ତ କରିବାରେ ଶିକ୍ଷକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଦ୍ୟାର୍ଥୀମାନେ ପାଠପଢ଼ା ସହିତ ଖେଳକୁଦ ପ୍ରତି ଆଗ୍ରହ ରଖିବା ସହିତ ଗୁରୁଙ୍କ ମାର୍ଗଦର୍ଶନରେ ସୁନାଗରିକ ହେବା ପାଇଁ ଚେଷ୍ଟା କରିବା ଆବଶ୍ୟକ ବୋଲି ସେ କହିଥିଲେ । ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ କହିଲେ ଯେ ବିଦ୍ୟାଳୟ ହେଉଛି ବିଦ୍ୟା ଆହରଣ ଏବଂ ଚରିତ୍ର ଗଠନର ସର୍ବୋତ୍କୃଷ୍ଟ ସ୍ଥାନ । ଗୁରୁଙ୍କ ପ୍ରତି ସମର୍ପିତ



ହୋଇ ଚେଷ୍ଟା ଜାରି ରଖିଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସହଜ ହୋଇଥାଏ । ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ରୂପଶ୍ରୀ ରାଣୀ ଗୁମାନସିଂ ଯୋଗଦେଇ କହିଲେ ଯେ ଶିକ୍ଷା ହିଁ ବିକାଶର ଚାବିକାଠି । ପାଠ ପଢ଼ିବା ସହିତ ନିଜର ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିପାରିଲେ ଜୀବନରେ ସର୍ବୋଚ୍ଚ ସ୍ଥାନରେ ପହଞ୍ଚିବା ସହଜ ହୋଇଥାଏ । ଗୁରୁଙ୍କ ପ୍ରଦର୍ଶିତ ମାର୍ଗକୁ ଅନୁସରଣ କରି ସଫଳତା ଲାଭ କରିହେବ ବୋଲି ସେ କହିଥିଲେ । ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲାର ୧୦ଟି ବ୍ଲକ୍‌ର ୨୦ ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୪ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହ ଜିଲ୍ଲାର କୃତୀ ଛାତ୍ରଛାତ୍ରୀଙ୍କୁ ରାଜ୍ୟସ୍ତରୀୟ ମେଧାବୀ ବିଦ୍ୟାର୍ଥୀ ପୁରସ୍କାର ଭାବେ ୨୭ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରତ୍ୟେକ ୫୦ ହଜାର ଟଙ୍କାର ଅର୍ଥରାଶି, ନିମ୍ନ ଆୟକାରୀ ବର୍ଗରେ ରାଜ୍ୟସ୍ତରୀୟ ମେଧାବୃତ୍ତି ପୁରସ୍କାର ଭାବେ ୧୨୩ ଜଣଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି, ଜିଲ୍ଲାସ୍ତରୀୟ ମେଧାବୀ ବୃତ୍ତି ପୁରସ୍କାର ଭାବେ ୧୦୧ ଜଣଙ୍କୁ ପ୍ରତ୍ୟେକ ୧୦ ହଜାର ଟଙ୍କା, ଖୋର୍ଦ୍ଧା ଜିଲ୍ଲାର ୧୦୩୩ ଜଣ ବିଦ୍ୟାର୍ଥୀଙ୍କୁ ବ୍ଲକ୍‌ସ୍ତରୀୟ ମେଧାବୀ ବିଦ୍ୟାର୍ଥୀ ପୁରସ୍କାର ସ୍ୱରୂପ ୫ ହଜାର ଟଙ୍କା ଏବଂ ଜିଲ୍ଲାର ୨୫୦ ଜଣ ମେଧାବୀ ବିଦ୍ୟାର୍ଥୀଙ୍କୁ ଓଡ଼ିଆ ଭାଷାବୃତ୍ତି ଭାବେ ୭ହଜାର ୫୦୦ ଟଙ୍କା ଲେଖାଏଁ ଅର୍ଥରାଶି ପୁରସ୍କାର ସହ ମୋଟ ୧୫୩୭ ଜଣ ବିଦ୍ୟାର୍ଥୀଙ୍କୁ ସମ୍ମାନିତ କରାଯାଇଥିଲା । ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ତାପସ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷାର ଅଧିକାରୀ ବିଶ୍ୱନାଥ ତରାଇ ସ୍ୱାଗତ ଭାଷଣ ଦେଇଥିଲେ ।

# ଇଣ୍ଡିଆନ୍ ବ୍ୟାଙ୍କ କଟକ ଆଞ୍ଚଳିକ କାର୍ଯ୍ୟାଳୟରେ ଗୁରୁଦିବସ




ଭୁବନେଶ୍ୱର (ସବ୍ୟୁ): ଇଣ୍ଡିଆନ୍ ବ୍ୟାଙ୍କ କଟକ ଆଞ୍ଚଳିକ କାର୍ଯ୍ୟାଳୟରେ ଗୁରୁଦିବସ ପାଳନ କରାଯାଇଛି। ଏହି ଦିବସରେ ବ୍ୟାଙ୍କର କର୍ମଚାରୀମାନେ ନିଜ ନିଜର ଗୁରୁମାନଙ୍କୁ ମନେ ପକାଇଥିଲେ। ଏହି କାର୍ଯ୍ୟକ୍ରମରେ ଗୁରୁ ଗୋକୁଳା ଚନ୍ଦ୍ର ମହାପାତ୍ର, ଡଃ ଦିଲ୍ଲୀପ କର, ଶିଶିର ନାୟକ, ମୂରଲୀ ସାହୁ, ସତ୍ୟଜିତ ମହାପାତ୍ର, ପ୍ରହ୍ଲାଦ ପରିଡା ଓ ପ୍ରେମଲତା ନାୟକ ପ୍ରମୁଖ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଉପ-ଆଞ୍ଚଳିକ ପ୍ରବନ୍ଧକ ମଳୟ ରଞ୍ଜନ ମହାନ୍ତି, ମୁଖ୍ୟ ପ୍ରବନ୍ଧକ ପ୍ରଦୀପ ଶତପଥୀ, ବିଭୂତି ଦାସ, ବରିଷ୍ଠ ପ୍ରବନ୍ଧକ ତାପସ ମିଶ୍ର ଓ ବିପିନ ସାହୁ ଗୁରୁମାନଙ୍କୁ ସମ୍ମାନୀତ କରିଥିଲେ।

## ହାଇଦ୍ରାବାଦ ରାଜୀବଗାନ୍ଧୀ ଆନ୍ତର୍ଜାତିକ
# ବିମାନବନ୍ଦରରେ ପଡ୍ ହୋଟେଲର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଭାରତରେ ପ୍ରଥମ ପ୍ରକାରର ଜେପଡ ହୋଟେଲ ଜେପିଓଡି ହୋଟେଲ ପ୍ରା. ଲିଃ ହାଇଦ୍ରାବାଦର ଆନ୍ତର୍ଜାତିକ ବିମାନବନ୍ଦରରେ ଏହାର ନୂଆ ହୋଟେଲକୁ ଉନ୍ମୋଚନ କରିଛି। ଜେପିଓଡିର ଉନ୍ମୋଚନ ଦ୍ୱାରା ଯାତ୍ରୀମାନଙ୍କ ପାଇଁ ଯାତ୍ରା ଅନୁଭୂତିକୁ ବ୍ୟାପକ କରିବ। ହାଇଦ୍ରାବାଦ ବିମାନ ବନ୍ଦରରୁ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ସୁବିଧା ଓ ଆରାମ ବ୍ୟବସ୍ଥା ସହିତ ଏହି ହୋଟେଲ ସଜ୍ଜିତ। ସ୍ଥାନରେ ବା ଜେପିଓଡିର ୱେବସାଇଟ ଜରୀଆରେ ବୁକିଂ କରାଯାଇପାରିବ। ୯୧ ୯୦୬-୩୪୨-୭୭୩୭ ରେ କଲ କରି ମଧ୍ୟ ବୁକିଂ କରାଯାଇପାରିବ। ପଡ୍ ବିଭିନ୍ନ ପ୍ରକାର ସେବା ସୁବିଧା ପ୍ରଦାନ କରେ ଓ ତାରିଫରେ ସୁଲଭ ମୂଲ୍ୟ ବ୍ୟବସ୍ଥା ମଧ୍ୟ ରଖିଛି। ଜେପିଓଡି ଯାତ୍ରୀମାନଙ୍କ ପାଇଁ ବିଶ୍ରାମ, କାର୍ଯ୍ୟ ବା ମି ଟାଇମ ଉପଭୋଗ କରିବା ଲାଗି ଏକ ବ୍ୟକ୍ତିଗତ ସ୍ଥାନ ପ୍ରଦାନ କରେ ଓ ସେମାନଙ୍କ ଭ୍ରମଣ ଅନୁଭୂତି ବଢାଇଥାଏ। ଏହା ସୁଲଭ ମୂଲ୍ୟରେ ଉଚ୍ଚ ଗୁଣମାନର, ଆରାମଦାୟକ ଆବାସ ଯୋଗାଇଥାଏ, ଯାହା ବ୍ୟବସାୟୀକ କାର୍ଯ୍ୟନିର୍ବାହୀଙ୍କ ଠାରୁ ଆରମ୍ଭ କରି ଅବକାଶ ପର୍ଯ୍ୟଟକମାନଙ୍କ ପାଇଁ ସବୁ ପ୍ରକାର ସୁବିଧା ପ୍ରଦାନ କରେ । ପ୍ରତ୍ୟେକ ପଡ୍‌ରେ ସୁରକ୍ଷିତ ଷ୍ଟୋରେଜ, ମନୋରଂଜନ ବିକଳ୍ପ ଓ ଗୋପନୀୟତା ବ୍ୟବସ୍ଥା ଅଛି ଓ ଏହା ଏକ ସୁରକ୍ଷତ ତଥା ଆରାମଦାୟକ ରହଣୀ ନିଶ୍ଚିତ କରେ ।

# ହାଇଟେକ୍ ବିଜ୍ଞାନ ମହାବିଦ୍ୟାଳୟରେ ଗୁରୁ ଦିବସ

ଭୁବନେଶ୍ୱର (ସବ୍ୟୁ): ସାଧାରଣ ମଣିଷକୁ ଦିବ୍ୟ ଆତ୍ମାରେ ପରିବର୍ତ୍ତନ କରିବା ଏବଂ ଛୋଟିଆ ପଥରଟିକୁ ଦେବତାଙ୍କ ଆଭିମୁଖ୍ୟରେ ପରିଦର୍ଶନ କରାନ୍ତି କେବଳ ଗୁରୁ । କେବଳ ଯେ ଅନ୍ଧାରୁ ଆଲୋକକୁ ଆଣନ୍ତି ନିସାଧାରଣ ଆଲୋକରୁ ଉଜ୍ଜଳ ଆଲୋକମୟଜୀବନ ପଥକୁ ପରିଦର୍ଶନ କରାନ୍ତି ଗୁରୁ ବୋଲି ହୋଇଟେକ୍ ବିଜ୍ଞାନ ମହାବିଦ୍ୟାଳୟ ଭୁବନେଶ୍ୱରସ୍ଥିତ ସଭାକକ୍ଷରେ ଗୁରୁ ଦିବସ ପାଳନ ଅବସରରେ ଅଧକ୍ଷ ଡ. ଚିତ୍ତ ରଞ୍ଜନ ସାହୁ କହିଛନ୍ତି । ଏହି ଅବସରରେ ନିର୍ଦ୍ଦେଶିକା ଅଙ୍କିତା ପାଣିଗ୍ରାହୀ କହିଛନ୍ତି ଯେ ସମସ୍ତ ବିଦ୍ୟାର୍ଥୀମାନେ ଗୁରୁମାନଙ୍କୁ ଉପଯୁକ୍ତ ସମ୍ମାନ ଏବଂ ଗୁରୁଙ୍କ କଥା ମାନିଚଳିଲେ ଆଗାମୀ ଦିନରେ ଏକ ଗରିମାମୟ ଜୀବନ ଅତିବାହିତ କରିପାରିବା । ବିଦ୍ୟାଥୀମାନଙ୍କ ଦ୍ୱାରା ପରିଚାଳିତ ଏହି ଗୁରୁ ଦିବସ ଉତ୍ସବରେ ଉପାଧକ୍ଷ ବିଭୂତି ଭୂଷଣ ବେହେରା, ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଶକ୍ତିମୟୀ



ପାଢୀ, ଡ. ମୁରଲୀଧର ସ୍ୱାଇଁ, ଡ. ଶରତ କୁମାର ନାୟକ ଏବଂ ସମସ୍ତ କନିଷ୍ଠ ଓ ବରିଷ୍ଠ ଅଧାପକ ଓ ଅଧାପିକାମାନେ ଯୋଗଦେଇ ଗୁରୁ ଦିବସର ମାହତ୍ମ୍ୟ ଓ ତାତ୍ପର୍ଯ୍ୟକ ଛାତ୍ରମାନଙ୍କୁ ବଖାଣିଥିଲେ । ଓଡିଆ ଭାଷା ସାହିତ୍ୟ ବିଭାଗର ଅଧାପକ ତଥା ଅନ୍ତଃରାଷ୍ଟ୍ରୀୟ ନୃତ୍ୟଶିଳ୍ପୀ ଡ. ଚିତ୍ତ ରଞ୍ଜନ ସାହାଣୀ ବିଦ୍ୟାର୍ଥୀମାନଙ୍କୁ ଉପଯୁକ୍ତ ବିଦ୍ୟା ଅଧ୍ୟୟନ ସହିତ ଗୁରୁମାନଙ୍କ ସମ୍ପର୍କରେ ରହି ଜୀବନକୁ ଆହୁରି ଶୋଭାମୟ କରିବାକୁ ଆହ୍ୱାନ ଦେଇଥିଲେ । ଜୀବ ବିଜ୍ଞାନ ଅଧାପକ ବିଶ୍ୱଜିତ୍ ବେହେରାଙ୍କର ମର୍ମସ୍ପର୍ଶୀ ସଙ୍ଗୀତରେ ବିଦ୍ୟାର୍ଥୀମାନେ ଆତ୍ମବିଭୋର ହୋଇ ଉଠିଥିଲେ ।

## ବିଆଇପିଏଫ୍ ଆୟୋଜିତ ଆଇଡିଏଟ୍-୨୦୨୪
# ଗୋଷ୍ଠୀ-କେନ୍ଦ୍ରିକ ଜଳବାୟୁ ସ୍ଥାୟିତ୍ୱ ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର, (ସବ୍ୟୁ): ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ୍ (ବିଆଇପିଏଫ୍) ପକ୍ଷରୁ ଦସରା ସହଭାଗିତାରେ ଏହାର ପ୍ରମୁଖ ବାର୍ଷିକ ସମ୍ମିଳନୀର ୧୩ତମ ସଂସ୍କରଣ ଆଇଡିଏଟ୍-୨୦୨୪ ଆୟୋଜିତ ହୋଇଯାଇଛି। ଚଳିତ ବର୍ଷର ବିଷୟବସ୍ତୁ 'ଉତ୍କଳ ଉଦ୍ୟମ: ଜଳବାୟୁ ସ୍ଥାୟିତ୍ୱ ପାଇଁଗୋଷ୍ଠୀ-କେନ୍ଦ୍ରିକ ବିକାଶ' ଜଳବାୟୁ ପରିବର୍ତନ ସମ୍ପର୍କିତ ଆହ୍ୱାନ ଗୁଡ଼ିକର ସମାଧାନ ଓ ଜଳବାୟୁ ଅନୁକୂଳନ ଉପରେ ଗୁରୁତ୍ୱାରୋପ କରିଥିବା ବେଳେ ତୃଣମୂଳସ୍ତରରେ ଲୋକମାନଙ୍କୁ ସଶକ୍ତ କରିବା ନିମନ୍ତେ ରୂପାନ୍ତରିତ ରଣନୀତିର ଅନ୍ୱେଷଣ ଏବଂ ବିଭିନ୍ନ କ୍ଷେତ୍ରରେ ଥିବା ନୀତି ପ୍ରସ୍ତୁତ କର୍ତ୍ତା ଓ ନେତୃମଣ୍ଡଳୀକୁ ଏ ଦିଗରେ ବିଚାର କରିବାକୁ ଏକ ଉପଯୁକ୍ତ ମଞ୍ଚ ପ୍ରଦାନ କରିଛି।

ଏହି ଅବସରରେ ସ୍ୱାଗତ ଭାଷଣରେ ବିଆଇପିଏଫ୍ ର ଟ୍ରଷ୍ଟି ତଥା ସିଇଓ ଶ୍ରୀମତି ଶୈଫାଳିକା ପଣ୍ଡା ଜଳବାୟୁ ସ୍ଥାୟିତ୍ୱ ପାଇଁ ଗୋଷ୍ଠୀ ଗଠନରେ ଅନ୍ତର୍ଭୁକ୍ତିକାରୀ ସହଭାଗିତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ଯେ, 'ମିଳିତ ଭାବେ କାର୍ଯ୍ୟ କରି ଆମେ ନିଜର ପ୍ରଭାବକୁ ବିସ୍ତାର କରିବା, ନିଜ ସଂସଧାନକୁ ଏକଜୁଟ କରିବା ଏବଂ ଯୋଜନା ବଦ୍ଧ ପରିବର୍ତ୍ତନକୁ ଆଗେଇ ନେବା ପାଇଁ ସମାଧାନ ବାହାର କରିପାରିବା । ଆମ ଲୋକମାନଙ୍କ ମଧ୍ୟରେ ଥିବା ଅପାର ସମ୍ଭାବନାକୁ ଚିହ୍ନଟ କରିବା ଓ ସେମାନଙ୍କୁ ସଶକ୍ତ କରିବା କେବଳ




ଏକ ପଦକ୍ଷେପ ନୁହେଁ ବରଂ ଜଳବାୟୁ ପରିବର୍ତ୍ତନର ମୁକାବିଲା ଦିଗରେ ଏହା ନିହାତି ଆବଶ୍ୟକ । ସେହିପରି ନିଜର ଏକ ବିଶେଷ ଅଭିଭାଷଣରେ ବୋଷ୍ଟନ୍ ୟୁନିଭରସିଟି ଫର ଗ୍ଲୋବାଲ ସଷ୍ଟେନେବିଲିଟିର ନିର୍ଦ୍ଦେଶକ ବୋମିନ ସୋଭାକୁଲ କହିଛନ୍ତି ଯେ, 'ଏସିଆ ମହାଦେଶର ଲୋକମାନେ ପ୍ରକୃତି-ଆଧାରିତ, ସଂସ୍ଥାଗତ ଓ ସୂଚନାମ୍ କଜଳବାୟୁ ଅନୁକୂଳନର ନୂତନ ଓ ଅଭିନବ ସ୍ୱରୂପକୁ ସଂଚାଳିତ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛନ୍ତି । ଯାହା ଆଗାମୀ ଦଶନ୍ଧିରେ ଲୋକମାନଙ୍କ ସୁରକ୍ଷାରେ ସହାୟକ ହେବ । ଗୋଷ୍ଠୀମାନଙ୍କୁ ଏହି ପରିବର୍ତ୍ତନର ପ୍ରମୁଖ ସୂତ୍ରଧାର ଭାବେ ଉପଯୋଗ କରିବା ଏହି ପ୍ରୟାସ ଗୁଡ଼ିକର ସର୍ବୋତମ ପଦକ୍ଷେପ। ଏହି ଆଲୋଚନାଚକ୍ରରେରେନେମେଟର ଫାଉଣ୍ଡେସନରସିଇଓ ଶ୍ରୀ ସମୀର ଶିସୋଦିଆ ଏକ ସହଭାଗୀ ପରିବେଶ ଗଠନ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଅନ୍ୟ ଗଣ୍ୟମାଣ୍ୟ ବ୍ୟକ୍ତି ଯଥା ସ୍କୋରାଟସ୍ ଫାଉଣ୍ଡେସନ୍‌ର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦେବଜିତ୍ ମିତ୍ରା, ସମ୍ଭବରସହ-ପ୍ରତିଷ୍ଠାତା ପଦ୍ମଶ୍ରୀଶ୍ରୀସାବରମତି, ଏବଂ ଶ୍ରୀମତି ତନାୟ ପଟ୍ଟନାୟକ ବିଶାରଦ ଦଳରେ ସାମିଲ ଥିଲେ । ଦସରା କ୍ଲାଇମେଟ୍ ରାଇଜ୍‌ର ନିର୍ଦ୍ଦେଶକ ସୁଶ୍ରୀ ପାର୍ନାଶା ବାନାର୍ଜୀ ଏହି ଆଲୋଚନାଚକ୍ରକୁ ପରିଚାଳନା କରିଥିଲେ।

### ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କଲେ ଉପ ମୁଖ୍ୟମନ୍ତ୍ରୀ

ପୁରୀ (ସବ୍ୟୁ): ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଗୁରୁବାର ଅପରାହ୍ଣ ରେ ତାଳବଣିଆ ଶ୍ରୀକ୍ଷେତ୍ର କଲୋନୀ ସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ । ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସେପ୍ଟେମ୍ବର ମାସକୁ ପୋଷଣ ମାସ ଭାବେ ପାଳନ କରାଯାଉଥିବାରୁ ଶ୍ରୀମତୀ ପରିଡ଼ା ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ ସହ ଖାଦ୍ୟ ନିରୀକ୍ଷଣ ଓ ସୁଭଦ୍ରା ଫର୍ମ ବଣ୍ଟନ ର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ପରିଦର୍ଶନରେ ଖୁସି ବ୍ୟକ୍ତକରି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଏହି କେନ୍ଦ୍ର ରେ ବର୍ତ୍ତମାନ ସୁଦ୍ଧା ଶତକଡା ୮୦ ଭାଗ ଫର୍ମ ଯୋଗ୍ୟ ଆବେଦନକାରୀଙ୍କୁ ପ୍ରଦାନ କରାଯାଇଥିବାରୁ ଅଙ୍ଗନବାଡି କର୍ମୀ ଙ୍କୁ ଧନ୍ୟବାଦ ଜଣାଇଥିଲେ । ସମସ୍ତ ଯୋଗ୍ୟ ହିତାଧିକାରୀ ଏଥିରେ ସାମିଲ ହେବେ, ଏପରିକି ୧୭ ତାରିଖ ପରେ ବି ପଞ୍ଜିକରଣ ଜାରି ରହିବଛଅଙ୍ଗନବାଡି କର୍ମୀ ମାନେ ଏଥିରେ ସହଯୋଗ କରୁଛନ୍ତି । ତେଣୁ ଅଯଥା ବ୍ୟସ୍ତ ନ ହେବାକୁ ସେ ଆବେଦନକାରୀ ଙ୍କୁ ପରାମର୍ଶ ଦେଇଛନ୍ତ । ସେହିପରି ପୋଷଣ ମାସ ମାଧ୍ୟମରେ ନିଜ ପରିସରରେ ମିଳୁଥିବା ପୁଷ୍ଟିକର ଖାଦ୍ୟ ଯେପରି ପିଲା ଓ ଗର୍ଭବତୀ ମା ମାନେ ଖାଇ ସୁସ୍ଥ ରହିପାରିବେ ସେଥି ପ୍ରତି ସଚେତନ କରାଯାଉଛି ବୋଲି ଶ୍ରୀମତୀ ପରିଡା କହିଥିଲେଛକାର୍ଯ୍ୟକ୍ରମ ରେ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରପାଳିକାର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା,ପୁରୀ ପୌରପାଳିକାର ସିଡିପିଓ ବିନୋଦିନୀ ତ୍ରିପାଠୀ, ସଦର ସିଡିପିଓ ଗୀତାଞ୍ଜଳି ନାୟକ,ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ, ସୁପରଭାଇଜର ବାଲ୍ୟବତୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଲାନ୍‌ସର କଣ୍ଟେନର ଲାଇନ୍ସ ଲିମିଟେଡ
# ୧୦,୦୦୦ଟିଇୟୁ ଲିଜ୍ ପ୍ରଦାନ ନିମନ୍ତେ ଇଣ୍ଡୋନେସିଆ କମ୍ପାନୀ ସହ ଏମ୍ଓୟୁ

ଭୁବନେଶ୍ୱର (ସବ୍ୟୁ): ଲାନ୍‌ସର କଂଟେନର ଲାଇନ୍ସ ଲିମିଟେଡ ଏକ ପ୍ରମୁଖ ଇଣ୍ଡୋନେସିଆ କମ୍ପାନୀ ପି.ଟି.ମ୍ୟାପ୍ ଟ୍ରାନ୍ସଲଜିଷ୍ଟିକ୍ସ, ସୁରାବାୟା ସହିତ ୧୦,୦୦୦ ଟିଇୟୁ (ଟ୍ୱେଂଟି-ଫୁଟ୍ କଂଟେନର୍‌ସ ଆଣ୍ଡ ଫର୍ଟି-ଫୁଟ କଂଟେନର୍‌ସ) ଲିଜ୍ ପ୍ରଦାନ ନିମନ୍ତେ ଏକ ରାଜିନାମା ସ୍ୱାକ୍ଷର କରିଛି। ଏହି ରାଜିନାମା ଅବଦୁଲ ଖାଲିକ ଚଟାଇୱାଲା, ମ୍ୟାନେଜିଂ ଡାଇରେକ୍ଟର, ଲାନ୍‌ସର କଂଟେନର ଲାଇନ୍ସ ଲିମିଟେଡ ଏବଂ ପ୍ରଫୁଲ ଝା, ଡାଇରେକ୍ଟର, ପି.ଟି.ମ୍ୟାପ୍ ଟ୍ରାନ୍ସ ଲଜିଷ୍ଟିକ୍, ସୁରାବାୟାଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଥିଲା । ଲାନ୍‌ସର କଂଟେନର୍‌ସ ଲାଇନ୍ସ ଲିମିଟେଡର ପରିଚାଳନା କର୍ତୃପକ୍ଷ ଏହି ରଣକୌଶଳାତ୍ମକ ସହଭାଗୀତାକୁ ଲିଜିଂ କାର୍ଯ୍ୟକଳାପ ବୃଦ୍ଧି ଘଟାଇବା ଦିଗରେ ଆଉ ଏକ ପଦକ୍ଷେପ ତଥା କମ୍ପାନୀକୁ ନିଜର ବ୍ୟବସାୟ ସମ୍ପ୍ରସାରିତ କରିବା ଏବଂ ଅଂଶୀଦାରଙ୍କ ମୂଲ୍ୟ ବୃଦ୍ଧି କରିବାରେ ସହାୟକ ହେବା ବିବେଚନା କରୁଛନ୍ତି । ଏହି ଅଂଶୀଦାର ବ୍ୟବସ୍ଥା କମ୍ପାନୀର ଆର୍ଥିକ ପ୍ରଦର୍ଶନକୁ ସକାରାତ୍ମକ ଭାବରେ ପ୍ରଭାବିତ କରିବା ଆଶା କରାଯାଉଛି, ଯଦ୍ଦ୍ୱାରା ସାମଗ୍ରିକ ଅଭିବୃଦ୍ଧି ସାଧିତ ହେବ ଏବଂ ଏହାର ବଜାର ସ୍ଥିତି ଅଧିକ ସୁଦୃଢ଼ ହେବ ।

ପୂର୍ବରୁ କମ୍ପାନୀ ଆଗାମୀ କିଛିବର୍ଷ ଧରି ତାହାର ବୃହତ ସମ୍ପ୍ରସାରଣ ଯୋଜନା ସମ୍ପର୍କରେ ଘୋଷଣା କରିଥିଲା। କମ୍ପାନୀ ଆର୍ଥିକ ବର୍ଷ ୨୪ରେ ତାହାର ଟିଇୟୁ କ୍ଷମତା ପ୍ରାୟ ୨୦,୦୦୦ରୁ ଆର୍ଥିକ ବର୍ଷ ୨୬ସୁଦ୍ଧା ୪୫,୦୦୦କୁ ବୃଦ୍ଧି କରିବା ଲକ୍ଷ୍ୟ ରଖିଛି ଏବଂ ପ୍ରତ୍ୟେକ ମାସରେ ୨୦୦-୩୦୦ କଂଟେନର ଯୋଗକରି ବର୍ଦ୍ଧିତ ଚାହିଦା ପୂରଣ କରିବା ନିମନ୍ତେ ଏହା ନିଜର କଂଟେନର ମହଜୁଦ ପରିମାଣ ନିରନ୍ତର ବୃଦ୍ଧି କରିବା ଆଗ୍ରହ ରଖିଛି।

# ଭାରତ-ସିଙ୍ଗାପୁର ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା

## ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ପୂର୍ବତନ ମନ୍ତ୍ରୀଙ୍କୁ ଭେଟିଲେ ମୋଦି



**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଗୁରୁବାର ସିଙ୍ଗାପୁରର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗଙ୍କୁ ସାକ୍ଷାତ କରିଛନ୍ତି । ସଂସଦ ଭବନରେ ପ୍ରଧାନମନ୍ତ୍ରୀ ୱଙ୍ଗ ତାଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରିଥିଲେ । ଏହି ଆଲୋଚନାରେ ଉଭୟ ନେତା ଭାରତ-ସିଙ୍ଗାପୁର ଦ୍ୱିପାକ୍ଷିକ ସମ୍ପର୍କର ଅଗ୍ରଗତି ବିଷୟରେ ସମୀକ୍ଷା କରିଥିଲେ । ଦ୍ୱିପାକ୍ଷିକ ସମ୍ପର୍କର ବ୍ୟାପକତା ଏବଂ ଗଭୀରତା ଏବଂ ପ୍ରଚୁର ସମ୍ଭାବନାକୁ ଦୃଷ୍ଟିରେ ରଖି ସେମାନେ ଏହି ସମ୍ପର୍କକୁ ଏକ ବ୍ୟାପକ ରଣନୈତିକ ଭାଗିଦାରୀରେ ପରିଣତ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହି ଗସ୍ତକାଳରେ ପ୍ରଧାନମନ୍ତ୍ରୀ ସିଙ୍ଗାପୁରର ଅଗ୍ରଣୀ କମ୍ପାନୀ ଏଇଏମ ପରିଦର୍ଶନ କରିଥିଲେ । ଗ୍ଲୋବାଲ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳାରେ ଏଇଏମର ଭୂମିକା, ଏହାର ପରିଚାଳନା ଏବଂ ଭାରତ ପାଇଁ ଯୋଜନା ବିଷୟରେ ସେମାନଙ୍କୁ ଅବଗତ କରାଯାଇଥିଲା । ଉଭୟ ପ୍ରଧାନମନ୍ତ୍ରୀ ସିଙ୍ଗାପୁରରେ ପ୍ରଶିକ୍ଷଣ ନେଉଥିବା ଓଡ଼ିଶାର ବିଶ୍ୱ ଦକ୍ଷତା କେନ୍ଦ୍ରର ଭାରତୀୟ ଇଣ୍ଟର୍ଣ୍ଣ ଏବଂ ସିଆଇଆଇ-ଏଣ୍ଟରପ୍ରାଇଜ୍ ସିଙ୍ଗାପୁର ଇଣ୍ଡିଆ ରେଡି ଟ୍ୟାଲେଣ୍ଟ ପ୍ରୋଗ୍ରାମ ଅଧୀନରେ ଭାରତ ଆସିଥିବା ସିଙ୍ଗାପୁରର ଇଣ୍ଟର୍ଣ୍ଣ ଏବଂ ଏଇଏମରେ କାର୍ଯ୍ୟରତ ଭାରତୀୟ ଇଞ୍ଜିନିୟରମାନଙ୍କ ସହ ଆଲୋଚନା କରିଥିଲେ ।

ଭାରତ-ସିଙ୍ଗାପୁର ସହଭାଗୀତା ପ୍ରତି ରାଷ୍ଟ୍ରପତି ଥାର୍ମନଙ୍କ ଉତ୍ସାହପୂର୍ଣ୍ଣ ସହଯୋଗକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ । ଉଭୟ ନେତା ପାରସ୍ପରିକ ସ୍ୱାର୍ଥ ସମ୍ବନ୍ଧୀୟ ଦ୍ୱିପାକ୍ଷିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଦୁଇ ଦେଶ ମଧ୍ୟରେ ଦୀର୍ଘଦିନର ବନ୍ଧୁତା ଏବଂ ସହଯୋଗ, ଯାହା ବିଶ୍ୱାସ, ପାରସ୍ପରିକ ସମ୍ମାନ ଉପରେ ଆଧାରିତ ବୋଲି ସେମାନେ ଉଲ୍ଲେଖ କରିଥିଲେ । ଏହି ପରିପ୍ରେକ୍ଷୀରେ, ସେମାନେ ଉଲ୍ଲେଖ କରିଥିଲେ ଯେ ବ୍ୟାପକ ରଣନୈତିକ ଭାଗିଦାରୀ ଦ୍ୱାରା ସମ୍ପର୍କ ଉନ୍ନତ ହେବା ସହିତ ମିଳିତ ସହଯୋଗ ପାଇଁ ଏକ ଦୃଢ଼ ମାର୍ଗ ପ୍ରସ୍ତୁତ କରିବ । ପ୍ରଧାନମନ୍ତ୍ରୀ ମୋଦୀ ସିଙ୍ଗାପୁରର ବରିଷ୍ଠ ମନ୍ତ୍ରୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଲି ସିଏନ ଲୁଙ୍ଗଙ୍କୁ ସାକ୍ଷାତ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ସମ୍ମାନରେ ବରିଷ୍ଠ ମନ୍ତ୍ରୀ ମଧ୍ୟାହ୍ନ ଭୋଜନର ଆୟୋଜନ କରିଥିଲେ ।

## ଓଡ଼ିଶା ପ୍ରଶିକ୍ଷାର୍ଥୀଙ୍କ ସହ ମତ ବିନିମୟ କଲେ



**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ସିଙ୍ଗାପୁର ଗସ୍ତ ଅବସରରେ ଦକ୍ଷତା ବିକାଶ ତାଲିମ୍ ନେଉଥିବା ପ୍ରଶିକ୍ଷାର୍ଥୀମାନଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ବର୍ତ୍ତମାନ ସିଙ୍ଗାପୁର ଗସ୍ତରେ ଯାଇଥିବା ଓଡ଼ିଶାସ୍ଥିତ ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ରର ପ୍ରଶିକ୍ଷାର୍ଥୀଙ୍କ ସହିତ ଶ୍ରୀ ମୋଦୀ ମତବିନିମୟ କରିଛନ୍ତି । ସିଆଇଆଇ-ଏଣ୍ଟରପ୍ରାଇଜ୍ ସିଙ୍ଗାପୁର ଇଣ୍ଡିଆ ରେଡି ଟାଲେଣ୍ଟ କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ଭାରତ ଗସ୍ତ କରି ଆସିଥିବା ସିଙ୍ଗାପୁରର ପ୍ରଶିକ୍ଷାର୍ଥୀଙ୍କ ସହ ମଧ୍ୟ ସେ ମତବିନିମୟ କରିଛନ୍ତି । ଏହି ସାକ୍ଷାତ ଏକ ଚମତ୍କାର ଅନୁଭୂତି ଥିଲା ବୋଲି ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି । ସେହିପରି ସିଙ୍ଗାପୁରର ଏଇଏମ୍ ହୋଲ୍ଡିଂସ୍ରେ କାର୍ଯ୍ୟରତ ଭାରତୀୟ ଇଞ୍ଜିନିୟରମାନଙ୍କ ସହ ମଧ୍ୟ ପ୍ରଧାନମନ୍ତ୍ରୀ ଆଲୋଚନା କରିଛନ୍ତି । ଏହି ଅବସରରେ ପ୍ରଶିକ୍ଷାର୍ଥୀଙ୍କ ସହ ଦକ୍ଷତା ବିକାଶ କ୍ଷେତ୍ର ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ କଥା ହୋଇଥିଲେ ।ଦକ୍ଷତା ବିକାଶ କ୍ଷେତ୍ରରେ ଭାରତ ଓ ସିଙ୍ଗାପୁରର ଏହି ସହଯୋଗ ବାସ୍ତବରେ ସ୍ୱତନ୍ତ୍ର ଏବଂ ଏହା ନବସୃଜନ ସମେତ ମାନବୀୟ ପ୍ରତିଭାକୁ ପ୍ରୋତ୍ସାହିତ କରୁଛି ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

# ହାସିନାଙ୍କ ବୟାନକୁ ନେଇ ୟୁନୁସ୍ଙ୍କ କ୍ଷେଦୋକ୍ତି



**ନୂଆଦିଲ୍ଲୀ:** ବାଂଲାଦେଶର ଅନ୍ତରୀଣ ସରକାରର ମୁଖ୍ୟ ମହମ୍ମଦ ୟୁନୁସ୍ ପୂର୍ବ ପ୍ରଧାନମନ୍ତ୍ରୀ ସେଖ୍ ହାସିନାଙ୍କୁ ଭାରତରେ ରହି ରାଜନୈତିକ ମନ୍ତବ୍ୟ ଦେବାକୁ ବାରଣ କରିଛନ୍ତି । ଫଳରେ ତାଙ୍କର ଏହି ବୟାନ ଏକ ଅଣବନ୍ଧୁତ୍ୱର ପରିଚୟ ସୃଷ୍ଟି କରୁଛି ବୋଲି ସେ କହିଛନ୍ତି ।

ଭାରତରେ ରହିବା ସମୟରେ ସେ ନୀରବ ରୁହନ୍ତୁ ବୋଲି ୟୁନୁସ୍ କହିଛନ୍ତି । ଏକ ସାକ୍ଷାତକାରରେ ୟୁନୁସ୍ କହିଛନ୍ତି ଯେ ଯଦି ଭାରତ ତାଙ୍କୁ ବାଂଲାଦେଶରେ ସରକାର ହେବାଯାଏ ରଖିବାକୁ ଚାହୁଁଛନ୍ତି ତାହେଲେ ସର୍ତ୍ତ ଏହା ହେଉଛି ଯେ ସେ ନୀରବ ରୁହନ୍ତୁ । ତାଙ୍କର ବୟାନ ଭାରତ ଓ ବାଂଲାଦେଶକୁ ଅସହଜ ଅନୁଭବ ହେବାଭଳି ପରିସ୍ଥିତି ସୃଷ୍ଟି ନକରୁ । ପ୍ରତ୍ୟାର୍ପଣ ଅନୁରୋଧ ଭାରତ ପାଖରେ ନପହଞ୍ଚିବା ଯାଏ ହାସିନା ସେଠାରେ ଚୁପ୍ ରହିବା ଦରକାର । ବାଂଲାଦେଶ ସେଖ୍ ହାସିନାଙ୍କୁ ପ୍ରତ୍ୟାର୍ପଣ ଅନୁରୋଧ ପଠାଇବା ଯାଏ ଭାରତ ଯଦି ରଖିବାକୁ ଚାହୁଁଛି ତେବେ ରଖୁ । ଭାରତ ଓ ବାଂଲାଦେଶ ମଧ୍ୟରେ ସମ୍ପର୍କ ବେଶ୍ ନିବିଡ । ସେଖ୍ ହାସିନାଙ୍କ ବିନା ବାଂଲାଦେଶ ଆଉ ଏକ ଆଫଗାନିସ୍ଥାନରେ ପରିଣତ ହୋଇଯିବ ବୋଲି ଆବାମୀ ଲିକ୍ କରୁଥିବା ପ୍ରଚାରକୁ ନୂଆଦିଲ୍ଲୀ ବିଶ୍ୱାସକୁ ନେବା ଉଚିତ୍ ନୁହେଁ । ଭାରତରେ ରହି ସେଖ୍ ହାସିନାଙ୍କ ବୟାନ ଆଦୌ ଗ୍ରହଣୀୟ ନୁହେଁ । ସେଠାରେ ରହି ଏପରି ବୟାନ ଦେବା ଅନେକ ସମସ୍ୟା ସୃଷ୍ଟି କରିବ । ଯଦି ସେ ଚୁପ୍ ରହିବେ ଆମେ ସବୁ ଭୁଲିଯିବୁ । ୟୁନୁସ୍ ଅଗଷ୍ଟ ୧୩ରେ ନ୍ୟାୟ ପାଇଁ ହାସିନା ଦେଇଥିବା ମନ୍ତବ୍ୟକୁ ଉଦ୍ଧାର କରିଛନ୍ତି । ସେ କହିଥିଲେ ଯେ ଯେଉଁ ଆତଙ୍କ କାର୍ଯ୍ୟକଳାପ ଘଟୁଛି ତାହାର ତଦନ୍ତ ହେବା ଦରକାର ଓ ଚିହ୍ନଟ ହେବାସହ ଦୋଷୀଙ୍କୁ ଦଣ୍ଡିତ କରାଯାଉ । ଏଭଳି ବୟାନ ଆମ ପାଇଁ କି ଭାରତ ପାଇଁ ଭଲ ନୁହେଁ । ଏହା ଆମକୁ ଅସହଜ କରୁଛି । ଯଦି ସେ ନୀରବ ରହିବେ ଆମେ ସବୁକିଛି ଭୁଲିଯିବୁ । ଲୋକମାନେ ମଧ୍ୟ ତାଙ୍କୁ କ୍ଷମା କରିଦେବେ । କିନ୍ତୁ ଭାରତରେ ବସି ସେ କହିବେ ଓ ନିର୍ଦ୍ଦେଶ ଦେବେ ଏହାକୁ କେହି ପସନ୍ଦ କରିବେ ନାହିଁ ।

## ୨ଟି ଆସନରୁ ଲଢ଼ିବେ ଓମାର



**ନୂଆଦିଲୀ:** ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନଫରେନ୍ସର ମୁଖ୍ୟ ଓମାର ଅବଦୁଲ୍ଲା ଦୁଇଟି ଆସନରୁ ବିଧାନସଭା ନିର୍ବାଚନ ଲଢିବେ । ପ୍ରଥମେ ସେ ଗାନ୍ଦେରବାଲରୁ ନାମାଙ୍କନ ଦଖଲ କରିଥିବା ବେଳେ ଆଜି ବଦଗାମ ପାଇଁ ମଧ୍ୟ ନୋମିନେସନ ଫାଇଲ କରିଛନ୍ତି । ଏହାର ଅର୍ଥ ସମ୍ଭବତଃ ସେ ଦୁଇଟି ଯାକ ବିଧାନସଭା ଆସନରୁ ନିର୍ବାଚନ ଲଢିପାରନ୍ତି । ଦଳ ପକ୍ଷରୁ କୁହାଯାଇଛି ଯେ ଆଗାମୀ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ପାଇଁ ଓମାର ଅବଦୁଲ୍ଲା ବଦଗାମରୁ ନାମାଙ୍କନ ଦାଖଲ କରିଛନ୍ତି । ଗତକାଲି ଗାନ୍ଦେବାଲ ଆସନରୁ ସେ ନାମାଙ୍କନ ଦାଖଲ କରିଥିଲେ । ୨୦୧୪ରେ ଶେଷ ଥର ପାଇଁ ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ହୋଇଥିଲା । ଏହି ସମୟରେ ଓମାନ ବୀରୱାହ ନିର୍ବାଚନ ମଣ୍ଡଳୀରୁ ବିଜୟୀ ହୋଇଥିଲେ । ୨୦୨୪ ଲୋକସଭା ନିର୍ବାଚନ ବେଳେ ଓମାର ବାରମୁଲ୍ଲାରୁ ପ୍ରାର୍ଥୀ ହୋଇଥିଲେ । କିନ୍ତୁ ଏଠାରେ ତାଙ୍କୁ ସ୍ୱାଧୀନ ପ୍ରାର୍ଥୀ ଇଞ୍ଜିନିୟର ରଶିଦଙ୍କ ଠାରୁ ହାରିବାକୁ ପଡ଼ିଥିଲା ।

## ଅଭୟାଙ୍କ ବାପା-ମା' ମୁହଁ ଖୋଲିଲେ

# ଝିଅ ମୃତ୍ୟୁ ପରେ ତାଙ୍କୁ ଯଚାଯାଇଥିଲା ଟଙ୍କା

**କୋଲକାତା:** କୋଲକାତା ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲା ଏବେବି ଚର୍ଚ୍ଚାରେ ରହିଛି । ପୀଡିତାଙ୍କୁ ନ୍ୟାୟ ଦାବିରେ ଜଳୁଛି ଦେଶ । ଲଗାତର ଜାରି ରହିଛି ବିକ୍ଷୋଭ । ଏହାରି ଭିତରେ କୋଲକାତା ପୁଲିସକୁ ନେଇ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ଅଭୟାଙ୍କ ବାପା-ମା'। ମୁହଁ ବନ୍ଦ କରିବାକୁ ପୁଲିସ କୁଆଡେ ତାଙ୍କୁ ଟଙ୍କା ଯାଚିଥିବା ସେମାନେ ଅଭିଯୋଗ କରିଛନ୍ତି ।

ପୀଡିତାଙ୍କ ବାପା-ମା'ଙ୍କ ଅଭିଯୋଗ ମୁତାବକ, କୋଲକାତା ପୁଲିସ ଆରମ୍ଭରୁ ମାମଲାକୁ ଦବାଇବାକୁ ଚେଷ୍ଟା କରିଥିଲା । ମୃତଦେହକୁ ପରିବାର ସଦସ୍ୟଙ୍କୁ ଦେଖିବାକୁ ଅନୁମତି ଦିଆଯାଇନଥିଲା । ମୃତଦେହକୁ ପୋଷ୍ଟମର୍ଟମ ପାଇଁ ନିଆଯାଇଥିବା ବେଳେ ତାଙ୍କୁ ପୁଲିସ ଷ୍ଟେସନରେ ଅପେକ୍ଷା କରିବାକୁ ପଡିଥିଲା । ପରେ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯିବା ପରେ ଜଣେ ବରିଷ୍ଠ ପୁଲିସ ଅଧିକାରୀ ସେମାନଙ୍କୁ ମୁହଁ ବନ୍ଦ ରଖିବାକୁ ଟଙ୍କା ଯାଚିଥିଲେ । ତେବେ ଟଙ୍କା ନେବାକୁ ତୁରନ୍ତ ପରିବାର ଲୋକେ ମନା କରି ଦେଇଥିବା ସେମାନେ ଖୁଲାସା କରିଛନ୍ତି । ପୀଡିତାଙ୍କ ପରିବାର ଲୋକେ କହିଛନ୍ତି ସେମାନେ ଆମକୁ ଧଳା କାଗଜରେ ସାଇନ କରିବାକୁ କହିଥିଲେ, କିନ୍ତୁ ଆମେ ମନା କରି ଦେଇଥିଲୁ । କାଗଜପତ୍ର ଚିରି ଦେଇଥିଲୁ । ସେଠାରେ ୪୦୦ ପୁଲିସ କର୍ମଚାରୀ ଥିଲେ । ଝିଅର ମୃତଦେହକୁ ଦେଖିବାକୁ ଚାହୁଁଥିଲୁ ହେଲେ, ତାକୁ ଶୀଘ୍ର ଶୀଘ୍ର ସତ୍କାର କରି ଦିଆଯାଇଥିଲା । କୋଲକାତା ପୁଲିସର ଡିସି ନର୍ଥ ସେମାନଙ୍କୁ ଟଙ୍କା ଦେବାକୁ ଚେଷ୍ଟା କରିଥିଲେ । କିନ୍ତୁ ଡିସି ସେଣ୍ଟ୍ରାଲ ଏହି ପ୍ରସଙ୍ଗରେ ପ୍ରତିଦିନ ମିଛ କହୁଛନ୍ତି । କିଏ ଆମକୁ ଉତ୍ତର ଦେବ? ବୋଲି ସେ ପ୍ରଶ୍ନ କରିଛନ୍ତି । ଗତକାଲି କୋଲକାତାରେ ଜୁନିଅର ଡାକ୍ତରଙ୍କ ହୋଇଥିବା ଲାଇଟ୍ ବନ୍ଦ ପ୍ରଦର୍ଶନରେ ପୀଡିତାଙ୍କ ବାପା-ମା' ସାମିଲ ହୋଇଥିଲେ । ନିଜ ଝିଅକୁ ନ୍ୟାୟ ଦେବା ପାଇଁ ଦାବି କରିଥିଲେ । ଗତ ଅଗଷ୍ଟ ୧୦ ତାରିଖରୁ ହିଁ ପୂରା ପଶ୍ଚିମବଙ୍ଗରେ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି । ବିଭିନ୍ନ ବର୍ଗର ଲୋକମାନେ ପୀଡିତାଙ୍କ ପାଇଁ ନ୍ୟାୟ ଦାବି କରୁଛନ୍ତି । କଲିକତା ହାଇକୋର୍ଟ ଏହି ମାମଲାର ତଦନ୍ତ ସିବିଆଇକୁ ଦେଇଛନ୍ତି ।

## ଅଗ୍ନିପଥ ଯୋଜନାରେ ଆସିବ ପରିବର୍ତ୍ତନ

### ସରକାରଙ୍କୁ ସୁପାରିଶ କଲା ସେନା

**ନୂଆଦିଲ୍ଲୀ:** ଭାରତୀୟ ସେନାରେ ନିଯୁକ୍ତି ନେଇ କେନ୍ଦ୍ର ସରକାର ଆଣିଥିବା ଅଗ୍ନିପଥ ଯୋଜନାରେ ପରିବର୍ତ୍ତନ ହେବ । ପ୍ରତିରକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଅଗ୍ନିପଥ ନିଯୁକ୍ତିରେ ସଂରକ୍ଷଣ ଶତକଡ଼ା ବୃଦ୍ଧି କରିବା ସହିତ ଅଧିକ ଯବାନଙ୍କ ଚାକିରି କାଳ ବୃଦ୍ଧି କରିବାକୁ ଯୋଜନା ଚାଲିଛି । ଅଗ୍ନିପଥ ଯୋଜନାର ସାମଗ୍ରିକ ଗଠନ ଏବଂ ଲାଭରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖି ଏହି ବ୍ୟବସ୍ଥା ଅଣାଯାଉଛି । ପ୍ରତିରକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ କହିବାନୁସାରେ, ଅଗ୍ନିବୀରଙ୍କ ରକ୍ଷଣାବେକ୍ଷଣ ପ୍ରତିଶତ ବୃଦ୍ଧି ଉପରେ ବିଚାରବିମର୍ଶ ଚାଲିଛି । ଏହା ମାଧ୍ୟମରେ ଅଧିକ ସଂଖ୍ୟକ ଅଗ୍ନିବୀରଙ୍କୁ ଚାରି ବର୍ଷର କାର୍ଯ୍ୟକାଳ ପରେ ପୂର୍ଣ୍ଣକାଳୀନ ସେବା ଜାରି ରଖିବାକୁ ଅନୁମତି ଦେବ । ପ୍ରାରମ୍ଭିକ ଘୋଷଣା ମୁତାବକ, ଅଗ୍ନିପଥ ଯୋଜନାରେ ନିଯୁକ୍ତ ଅଗ୍ନିବୀରଙ୍କ ମଧ୍ୟରୁ ୨୫ ପ୍ରତିଶତ ଯବାନଙ୍କ ଚାକିରି କାଳ ଆଉ ୧୫ ବର୍ଷ ପାଇଁ ବଢାଯିବାର ବ୍ୟବସ୍ଥା ଥିବା ବେଳେ ଅବଶିଷ୍ଟ ୭୫ ପ୍ରତିଶତ ଯବାନଙ୍କୁ କ୍ଷତିପୂରଣ ସହ ଅବସର ଦିଆଯିବାର ବ୍ୟବସ୍ଥା ରହିଛି । ବର୍ତ୍ତମାନ ୫୫ ପ୍ରତିଶତ ପିଲାଙ୍କ ଚାକିର କାଳ ବୃଦ୍ଧି କରିବାକୁ ବିଚାର ବିମର୍ଶ ଚାଲିଛିଛ ଚାରି ବର୍ଷ ଶେଷରେ ଯବାନଙ୍କ କାର୍ଯ୍ୟକାଳ ବୃଦ୍ଧି ନେଇ ରଖାଯାଇଥିବା ଯବାନଙ୍କ ସଂଖ୍ୟା ବୃଦ୍ଧି ହେବା ଉଚିତ ବୋଲି ସେନା ପରାମର୍ଶ ଦେଇଛି । ଆଭ୍ୟନ୍ତରୀଣ ମତାମତ ଏବଂ ସର୍ବେକ୍ଷଣ ପରେ ସେନା ସରକାରଙ୍କୁ ଏହି ସମ୍ଭାବ୍ୟ ପରିବର୍ତ୍ତନଗୁଡିକ ସମ୍ବନ୍ଧରେ ସୁପାରିଶ ଦାଖଲ କରିସାରିଛି ।

## ଆମେରିକା ସ୍କୁଲରେ ପୁଣି ଗୁଳିକାଣ୍ଡ, ୪ମୃତ

**ୱାଶିଂଟନ:** ଆମେରିକାରେ ପୁଣି ଥରେ ଏକ ସ୍କୁଲରେ ଗୁଳିକାଣ୍ଡ ଘଟଣା ସାମ୍ନାକୁ ଆସିଛି । ଜର୍ଜିଆର ଏକ ହାଇସ୍କୁଲରେ ବୁଧବାର ଜଣେ ସାଥୀ ଛାତ୍ରଙ୍କ ଗୁଳିମାଡ଼ରେ ଦୁଇ ଛାତ୍ରଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୯ ଜଣ ଆହତ ହୋଇଛନ୍ତି ବୋଲି ସିଏନ୍ଏନ୍ ରିପୋର୍ଟ କରିଛିଛ ସନ୍ଦିଗ୍ଧ ବନ୍ଧୁକଧାରୀ ଜଣକ ଆଟଲାଣ୍ଟାଠାରୁ ପ୍ରାୟ ଏକ ଘଣ୍ଟା ଦୂର ଜର୍ଜିଆର ୱିଣ୍ଡରସ୍ଥିତ ଅପାଲାଚି ହାଇସ୍କୁଲର ଛାତ୍ର ୧୪ ବର୍ଷୀୟ କୋଲ୍ଟ କ୍ରେ ବୋଲି ଜଣାପଡିଛି ।

ମୃତକଙ୍କ ମଧ୍ୟରେ ୨ ଜଣ ଛାତ୍ର ଓ ୨ ଜଣ ଶିକ୍ଷକ ଅଛନ୍ତି । ଗୁଳିକାଣ୍ଡ ଏବଂ ଏହା ପଛର ଉଦ୍ଦେଶ୍ୟ ସମ୍ପର୍କରେ ଏଜେନ୍ସିମାନେ ତଦନ୍ତ ଜାରି ରଖିଛନ୍ତି । ଏପଲାଚି ହାଇସ୍କୁଲର କନିଷ୍ଠ ଛାତ୍ରୀ ଲୀଲା ସାଇରଥ ସିଏନଏନକୁ କହିଛନ୍ତି ଯେ ବୁଧବାର ହୋଇଥିବା ଗୁଳିକାଣ୍ଡର କିଛି ସମୟ ପୂର୍ବରୁ ସେ ସନ୍ଦିଗ୍ଧ ବନ୍ଧୁକଧାରୀ କୋଲ୍ଟ ଗ୍ରେଙ୍କ ପାଖରେ ବସିଥିଲେ । ସେ କହିଛନ୍ତି ଯେ କୋଲ୍ଟ ସ୍ଥାନୀୟ ସମୟ ସକାଳ ପ୍ରାୟ ୯ଟା ୪୫ ରେ କ୍ଲାସରୁ ବାହାରିଥିଲେ । ଲିଲା ଭାବିଥିଲେ ଯେ କୋଲ୍ଟ ବାଥରୁମକୁ ଯାଉଛନ୍ତି, କିନ୍ତୁ ସେ ସେଠାକୁ ଯାଇନଥିଲେ । ଏହାର କିଛି ସମୟ ପରେ କୋଲ୍ଟ କ୍ଲାସକୁ ଫେରିଆସିଥିଲା । କ୍ଲାସରୁମରେ ଥିବା ଜଣେ ଝିଅ ତାଙ୍କ ପାଇଁ କବାଟ ଖୋଲିବାକୁ ଯାଇଥିଲା ।

## ଝାଡ଼ଖଣ୍ଡ ନିଯୁକ୍ତି ଦୌଡ଼ରେ ୧୨ ମୃତ

**ରାଞ୍ଚି:** ଝାଡ଼ଖଣ୍ଡ ରାଜ୍ୟ ଷ୍ଟାଫ୍ ସିଲେକ୍ସନ କମିଶନ (ଜେଏସଏସସି) ଦ୍ୱାରା କନଷ୍ଟେବଳ ନିଯୁକ୍ତି ପାଇଁ ଶାରୀରିକ ପରୀକ୍ଷା ବା ଫିଜିକାଲ ଟେଷ୍ଟ ବେଳେ ୧୨ ଜଣ ଯୁବ ପ୍ରାର୍ଥୀଙ୍କ ମୃତ୍ୟୁ ପରେ ଝାଡ଼ଖଣ୍ଡରେ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି । ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏହି ଦୁଃଖଦ ଘଟଣା ପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛନ୍ତି । କୋଭିଡ୍-୧୯ ଟିକାର ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁଁ ମୃତ୍ୟୁ ଘଟିଛି ବୋଲି ସେ ଦାବି କରିଛନ୍ତି ।

ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ସୋରେନ ଅଭିଯୋଗ କରିଛନ୍ତି ଯେ କୋଭିଡ୍-୧୯ ମହାମାରୀ ସମୟରେ ଦିଆଯାଇଥିବା ଟିକା ଅପ୍ରତ୍ୟାଶିତ ମୃତ୍ୟୁର କାରଣ ପାଲଟିଛି । ସୋରେନ୍ କହିଛନ୍ତି, କରୋନା ମହାମାରୀ ସମୟରେ ଦିଆଯାଇଥିବା ଟିକାର ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁଁ ମୃତ୍ୟୁ ଘଟୁଛି । ନିଯୁକ୍ତି ଦୌଡ଼ରେ କିଛି ଯୁବକଙ୍କ ମୃତ୍ୟୁ ଘଟିଛି, କିନ୍ତୁ ଏହି ମୃତ୍ୟୁ ଦୌଡ଼ିବା କାରଣରୁ ହେଉନାହିଁ । ଲୋକମାନେ ବୁଲୁଥିବା ବେଳେ ବି ହଠାତ ମୃତ୍ୟୁବରଣ କରୁଛନ୍ତି ।

ସୋରେନ ଆହୁରି କୋଭିଡ୍-୧୯ ଟିକାକୁ ଏହି ହଠାତ୍ ମୃତ୍ୟୁର କାରଣ ବୋଲି କହିବା ସହ ଉଭୟ ଯୁବକ ଓ ବୟସ୍କଙ୍କ ମଧ୍ୟରେ ମୃତ୍ୟୁ ସଂଖ୍ୟା ବଢୁଥିବା ଦର୍ଶାଇଛନ୍ତି । ଦେଶରେ ଲୋକମାନେ ଥଣ୍ଡା ଓ କାଶରେ ପ୍ରାଣ ହରାଉଛନ୍ତି ଏବଂ ଅନ୍ୟମାନେ ଦୌଡ଼ିବା କିମ୍ବା ଚାଲିବା ସମୟରେ ମୃତ୍ୟୁବରଣ କରୁଛନ୍ତି । କେବଳ ବୟସ୍କ ନୁହଁନ୍ତି, ଯୁବପିଢ଼ି ମଧ୍ୟ ପ୍ରାଣ ହରାଉଛନ୍ତି ବୋଲି ସେ ଦାବି କରିଛନ୍ତି । ଜେଏସଏସସି ଦ୍ୱାରା କନେଷ୍ଟବଳ ନିଯୁକ୍ତି ଅଭିଯାନ ଅବକାରୀ ବିଭାଗରେ ୫୮୩ ଟି ପଦବୀ ପୂରଣ କରିବାକୁ ଲକ୍ଷ୍ୟ ରଖିଛି । ଅଗଷ୍ଟ ୨୨ତାରିଖରୁ ଶାରୀରିକ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ସରକାରୀ ରିପୋର୍ଟ ଅନୁଯାୟୀ ଏପର୍ଯ୍ୟନ୍ତ ୧୨ ଜଣ ପରୀକ୍ଷାର୍ଥୀଙ୍କ ମୃତ୍ୟୁ ଘଟିଛି । ତେବେ ମୃତ୍ୟୁ ସଂଖ୍ୟା ୧୫ରେ ପହଞ୍ଚିଛି ବୋଲି ବିଜେପି ଦାବି କରିଛି ।

ଏହି ମୃତ୍ୟୁକୁ ନେଇ ଝାଡ଼ଖଣ୍ଡରେ ତୀବ୍ର ରାଜନୈତିକ ବିତର୍କ ଆରମ୍ଭ ହୋଇଛି । ରାଜ୍ୟ ସରକାର ମୃତ ପ୍ରାର୍ଥୀଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବା ସହ ସେମାନଙ୍କୁ ସରକାରୀ ଚାକିରି ଦେବାକୁ ବିଜେପି ଦାବି କରିଛି । ଏଥିସହ ପୀଡ଼ିତଙ୍କ ପରିବାରକୁ ଦଳ ଏକ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛି । ବଢୁଥିବା ରାଜନୈତିକ ଚାପକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ସୋରେନ ଅନେକ ପଦକ୍ଷେପ ନେଇଛନ୍ତି ।

# ଆଲାସ୍କା ତ୍ରିଭୁଜ ପାଲଟିଛି ମରଣଯନ୍ତା

## ଏଯାବତ ନିଖୋଜ ହୋଇଛନ୍ତି ୨୦ ହଜାର ଲୋକ




**ନୂଆଦିଲ୍ଲୀ:** ଦୁନିଆରେ ଅନେକ ସ୍ଥାନ ଅଛି, ଯେଉଁଠି ରହସ୍ୟ ଘେରି ରହିଛି । ବିଜ୍ଞାନ ବି ସେ ରହସ୍ୟକୁ ଭେଦି ପାରିନାହିଁ । ଏପରି କିଛି ସ୍ଥାନ ମଧ୍ୟରୁ ଆଲାସ୍କା ଟ୍ରାୟଙ୍ଗଲ ବା ତ୍ରିଭୁଜ ହେଉଛି ଅନ୍ୟତମ । ଏଠାକୁ ଯାଉଥିବା ଲୋକେ ରହସ୍ୟମୟ ଭାବେ ଅଦୃଶ୍ୟ ହୋଇଯାଇଛନ୍ତି । ଗତ ପାଞ୍ଚ ଦଶନ୍ଧି ମଧ୍ୟରେ ଆଲାସ୍କାରେ ପ୍ରାୟ ୨୦ ହଜାର ଲୋକ ଅଦୃଶ୍ୟ ହୋଇ ଯାଇଥିବା କୁହାଯାଏ । ଆଲାସ୍କା ଟ୍ରାୟଙ୍ଗଲ ଦକ୍ଷିଣରେ ଥିବା ଆଙ୍କୋରେଜ୍ ଏବଂ ଜୁନାଉର ତିନୋଟି ପଏଣ୍ଟ ଏବଂ ଉତ୍ତର ଉପକୂଳବର୍ତ୍ତୀ ସହର ଉତକିଆଗଭିକ୍ ନିକଟରେ ଅବସ୍ଥିତ । ଏହା ଦେଖିବାକୁ ତ୍ରିଭୁଜ ଆକାରର । ତେଣୁ ଏହାକୁ ତଥାକଥିତ ଭାବେ ଆଲାସ୍କା ଟ୍ରାୟଙ୍ଗଲ କୁହାଯାଉଛି । ଏହି ଅଞ୍ଚଳରେ ଘଟୁଥିବା ରହସ୍ୟ ୧୯୭୨ ମସିହାରେ ସର୍ବ ସମ୍ମୁଖକୁ ଆସିଥିଲା । IFL Science ରିପୋର୍ଟ ଅନୁସାରେ, ୧୯୭୨ ମସିହାରେ ଆମେରିକାର ଦୁଇ ଜଣ ରାଜନେତାଙ୍କୁ ନେଇ ଯାଉଥିବା ଏକ ଛୋଟିଆ ବିମାନ ଏହିଠାରେ ନିଖୋଜ ହୋଇ ଯାଇଥିଲା । ଏହାପରେ ନା ବିମାନ, ନା ଯାତ୍ରୀ କାହାର ଖୋଜ ଖବର ମିଳିନଥିଲା । ବିମାନରେ ଆମେରିକା ସଂସଦର ସଦସ୍ୟ ଥୋମାସ ହାଲ ବଗ୍ସ ସିନିୟର, ଆଲାସ୍କା କଂଗ୍ରେସମ୍ୟାନ ନିକ୍ ବେଗିଚ, ବେଗିଚଙ୍କ ସହଯୋଗୀ ରସେଲ ବ୍ରାଉନ ଏବଂ ପାଇଲଟ ଡନ୍ ଜୋନଜ ଥିଲେ । ସେମାନେ ଆଙ୍କୋରେଜରୁ ଜୁନାଉକୁ ଯାତ୍ରା କରିବା ସମୟରେ ଆଲାସ୍କା ଟ୍ରାୟଙ୍ଗଲ ନିକଟରେ ଅଦୃଶ୍ୟ ହୋଇ ଯାଇଥିଲେ ।

ସେମାନଙ୍କୁ ଖୋଜିବା ପାଇଁ ଶତ ଚେଷ୍ଟା କରାଯାଇ ଥିଲେ ମଧ୍ୟ ନା ମୃତଦେହ ନା ବିମାନ, କାହାର ବି କୌଣସି ପତ୍ତା ମିଳିନଥିଲା । ଏହି ଘଟଣାକୁ ଅନେକ ଷଡ଼ଯନ୍ତ୍ରର ଆଖ୍ୟା ଦେଇଥିଲେ । କାରଣ ବଗ୍ସ ଜନ୍ ଏଫ୍ କେନେଡିଙ୍କ ହତ୍ୟା ଘଟଣାର ତଦନ୍ତ ପାଇଁ ଗଠିତ କମିଟିର ସଦସ୍ୟ ଥିଲେ । କିନ୍ତୁ ତାଙ୍କ ବିମାନ ନିଖୋଜର କୌଣସି ସ୍ପଷ୍ଟତା ଆସିପାରି ନଥିଲା । ଏହି ସ୍ଥାନରେ କେହି ଅଦୃଶ୍ୟ ହେବାର ଅନ୍ୟ ଏକ ପ୍ରମୁଖ ମାମଲା ହେଉଛି- ୨୫ ବର୍ଷୀୟ ନ୍ୟୁୟର୍କର ଗ୍ୟାରି ଫ୍ରାଙ୍କ ସୋଥେର୍ଡେନ । ସେ ୧୯୭୦ ଦଶକ ମଧ୍ୟ ଭାଗରେ ଶିକାର ପାଇଁ ଆଲାସ୍କାନ୍ ମରୁଭୂମିକୁ ଯାଇଥିଲେ କିନ୍ତୁ ଆଉ ଫେରି ନଥିଲେ । ଦୁଇ ଦଶନ୍ଧି ପରେ, ୧୯୯୭ରେ ଉତ୍ତର-ପୂର୍ବ ଆଲାସ୍କାର ପୋର୍କୁପାଇନ୍ ନଦୀ କୂଳରେ ଏକ ମାନବ ଖପୁରୀ ମିଳିଥିଲା । ୨୦୨୨ରେ ଏକ ଅନୁସନ୍ଧାନରୁ ଜଣାପଡିଥିଲା ଯେ, ଏହି ଖପୁରୀଟି ୧୯୭୦ ଦଶକରେ ଆଲାସ୍କା ଯାଇଥିବା ନ୍ୟୁୟର୍କର ସୋଥେର୍ଡେନଙ୍କର । ଏହିପରି ଏଠାରେ ପ୍ରାୟ ୨୦ ହଜାର ଲୋକ ନିଖୋଜ ହୋଇ ଯାଇଥିବା କୁହାଯାଉଛି ।

ଆଲାସ୍କା ଟ୍ରାୟଙ୍ଗଲର ଏହି ଅଦୃଶ୍ୟ ଘଟଣାକୁ ନେଇ ବିଶେଷଜ୍ଞମାନେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଦାବି ଉପସ୍ଥାପନ କରିଛନ୍ତି । କେତେକ ବିଶ୍ୱାସ କରନ୍ତି ଯେ, ଏଠାରେ ଚୁମ୍ବକୀୟ ଶକ୍ତି ଥିବାରୁ ନିଜ ଆଡ଼କୁ ଆକର୍ଷିତ କରିନିଏ । ଏପରିକି ଏଠାରେ ଏଲିୟନ ଥିବା ମଧ୍ୟ ଦାବି କରାଯାଏ । ସେହିପରି ଅନ୍ୟ କେତେକ ମଧ୍ୟ ସରଳ ଭାବେ ବ୍ୟାଖ୍ୟା କରନ୍ତି ଯେ, ଏହି ଅଞ୍ଚଳ ପ୍ରାକୃତିକ ଉପାଦାନରେ ପରିପୂର୍ଣ୍ଣ । ଏଠାରେ ଘଞ୍ଚ ଜଙ୍ଗଲ ସାଙ୍ଗକୁ ଦୁର୍ଗମ ପର୍ବତଶୃଙ୍ଖଳ ରହିଛି । ଏହି ଅଞ୍ଚଳରେ ମଧ୍ୟ ପାଗ ଅତ୍ୟନ୍ତ ଥଣ୍ଡା ଏବଂ ଏଠାରେ ଭାଲୁ ବସବାସ କରନ୍ତି । ଏହି କାରଣରୁ ନିଖୋଜ ହୋଇ ଯାଉଥିବା ଲୋକେ ଫେରିପାରନ୍ତି ନାହିଁ । କିନ୍ତୁ ବାସ୍ତବରେ କେଉଁ କାରଣରୁ ଲୋକେ ଏଠାରେ ଅଦୃଶ୍ୟ ହୋଇଯାଇଛନ୍ତି ତାର ରହସ୍ୟ କେହି ଭେଦି ପାରିନାହାନ୍ତି ।

# ରାଜ୍ୟଗୋଷ୍ଠୀ ଚେସ୍
# ଶେଖରଙ୍କୁ ସ୍ୱର୍ଣ୍ଣ



ଭୁବନେଶ୍ୱର,୫।୯(ସବ୍ୟୁ): ଶ୍ରୀଲଙ୍କାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଚେସ୍ ଚାମ୍ପିଅନ୍‌ସିପ୍‌ରେ ଇଣ୍ଟରନ୍ୟାସନାଲ ମାଷ୍ଟର ଶେଖର ଚନ୍ଦ୍ର ସାହୁ ଭେଟେରାନ୍ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ୫ ପଏଣ୍ଟ ହାସଲ କରିଥିଲେ । ଅଧୁନା କିଟ୍ ଓ କିସ୍‌ର ମୁଖ୍ୟ ଚେସ୍ କୋଚ୍ ଭାବେ ଶେଖର ଚନ୍ଦ୍ର ସାହୁ କାର୍ଯ୍ୟ କରୁଛନ୍ତି । ଏହି ପଦକ ସଫଳତା ପାଇଁ ପ୍ରଫେସର ଅଚ୍ୟୁତ ସାମନ୍ତ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀଲଙ୍କାରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭାଗ ନେବା ପାଇଁ କିଟ୍ ପକ୍ଷରୁ ତାଙ୍କୁ ଆର୍ଥିକ ସହାୟତା ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯାଇଥିଲା । ଆଇଏମ୍ ଶେଖର ଚନ୍ଦ୍ର ସାହୁ ସର୍ବଭାରତୀୟ ଚେସ୍ ସଂଘ ଓ ଏଆଇସିଏଫ୍‌ର ପୂର୍ବତନ ଯୁଗ୍ମ ସମ୍ପାଦକ ରଞ୍ଜନ କୁମାର ମହାନ୍ତିଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ବିଜେପି ହାତ ଧରିଲେ ଜାଡେଜା



ନୂଆଦିଲ୍ଲୀ,୫।୯(ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ତାରକା ଅଲ୍‌ରାଉଣ୍ଡର ରବିନ୍ଦ୍ର ଜାଡେଜା ନୂଆ ଇନିଂସ ଆରମ୍ଭ କରିଛନ୍ତି । ଗୁରୁବାର ଭାରତୀୟ ଜନତା ପାର୍ଟିରେ ସେ ଯୋଗଦେଇଛନ୍ତି । ଜାମନଗର ବିଧାୟକ ତଥା ଜାଡେଜାଙ୍କ ପତ୍ନୀ ରିଭାବା ଟ୍ୱିଟରରେ ଏହି ସୂଚନା ଦେଇଛନ୍ତି । ନିକଟରେ ଜାଡେଜା ଟି-୨୦ ଅନ୍ତର୍ଜାତୀୟରୁ ଅବସର ନେଇଥିଲେ । ଜାଡେଜାଙ୍କୁ ତାଙ୍କ ପତ୍ନୀ ରିଭାବାଙ୍କ ସହ ନିର୍ବାଚନ ପ୍ରଚାରରେ ଦେଖିବାକୁ ମିଳିଥିଲା । ଅନେକଥର ରୋଡ ଶୋରେ ଉଭୟ ନଜର ଆସିଥିଲେ । ତେବେ ଜାଡେଜା ବିଜେପିର ସଦସ୍ୟତା ଗ୍ରହଣ କରିଛନ୍ତି । ଟି-୨୦ ଅନ୍ତର୍ଜାତୀୟରୁ ଅବସର ଗ୍ରହଣ କରିଥିବା ଜାଡେଜା ଏବେ ଟେଷ୍ଟ ଓ ଦିନିକିଆ ଉପରେ ଧ୍ୟାନ ଦେଉଛନ୍ତି । ବାଂଲାଦେଶ ବିପକ୍ଷ ଟେଷ୍ଟ ଶୃଙ୍ଖଳାରେ ତାଙ୍କୁ ଦେଖିବାକୁ ମିଳିବ । ଶେଷଥର ସେ ଟି-୨୦ ବିଶ୍ୱକପ୍ ଖେଳିଥିଲେ । ଫାଇନାଲ ମ୍ୟାଚରେ ଦ.ଆଫ୍ରିକାକୁ ହରାଇ ଦ୍ୱିତୀୟଥର ଟି-୨୦ ବିଶ୍ୱକପ୍ ଟ୍ରଫି ଜିତିଥିଲା ଭାରତ । ଏହାପରେ ଜାଡେଜା ସଂକ୍ଷିପ୍ତ ଫର୍ମାଟରେ ଅବସର ନେଇଥିଲେ । ଜାଡେଜା ୭୪ଟି ଟି-୨୦ ମ୍ୟାଚ ଖେଳି ୫୧୫ ରନ୍ ତଥା ୫୪ ୱିକେଟ୍ ନେଇଥିଲେ । ଦିନିକିଆ ଓ ଟେଷ୍ଟରେ ଭାରତ ପାଇଁ ଅନେକ ମ୍ୟାଚ ବିଜୟୀ ଇନିଂସ ଖେଳିବା ସହ ବୋଲିଂ ମଧ୍ୟ କରିଛନ୍ତି । ସେ ୧୯୭ ଦିନିକିଆ ମ୍ୟାଚ ଖେଳି ୨୭୫୬ ରନ୍ ତଥା ୨୨୦ ୱିକେଟ୍ ନେଇଛନ୍ତି ।

# ଜୁଡୋରେ ଐତିହାସିକ ବ୍ରୋଞ୍ଜ




ନୂଆଦିଲ୍ଲୀ,୫।୯(ଏଜେନ୍ସି): ପ୍ୟାରିସ ପାରାଲିମ୍ପିକ୍ସର ଅଷ୍ଟମ ଦିନ ପଦକ ଜିତିଛନ୍ତି ଜୁଡୋକା କପିଲ ପରମାର । ପୁରୁଷ ୬୦ କେଜି, ଜେ-୧ ବର୍ଗରେ କପିଲ ବ୍ରୋଞ୍ଜ ପଦକ ଜିତି ଦେଶ ପାଇଁ ଗୌରବ ଆଣିଦେଇଛନ୍ତି । ତେବେ ଆର୍ଚେରୀରେ ପୂଜା/ହରବିନ୍ଦର ସେମିଫାଇନାଲରେ ପରାଜିତ ହେବା ସହ ମିକ୍ସଡ ଟିମ୍ ରିକର୍ଭ ଓପନ ବ୍ରୋଞ୍ଜ ପଦକ ଲଢ଼େଇରେ ଦୁହେଁ ଅବତୀର୍ଣ୍ଣ ହେବେ । ଭାରତର ଅନ୍ୟତମ ପ୍ରତିଯୋଗୀ ସିମରନ୍ ୧୦୦ ମିଟର ଟି-୧୨ ଫାଇନାଲରେ ପ୍ରବେଶ କରିଛନ୍ତି । ମହିଳା ୧୦୦ ମିଟର ସେମିଫାଇନାଲରେ ସିମରନ୍ ଫିନିସିଂ ଲାଇନ୍‌କୁ ୧୨.୩୩ ସେକେଣ୍ଡକୁ ଅତିକ୍ରମ କରି ପଦକ ପର୍ଯ୍ୟାୟରେ ସାମିଲ ହୋଇଛନ୍ତି । ଅଭୟ ସିଂ ୨୪ ବର୍ଷ ଖେଳାଳି ଦ୍ୱିତୀୟରେ ସ୍ଥାନରେ ରହିଥିବା ବେଳେ ଜର୍ମାନୀର କାଟ୍ରିନ ମୁଲର ପ୍ରଥମ ସ୍ଥାନରେ ରହିଛନ୍ତି । ଦୃଷ୍ଟିବାଧିତ ସିମରନ ଜନ୍ମରୁ ଦୃଷ୍ଟିଶକ୍ତି ହରାଇଥିଲେ । ସେମିଫାଇନାଲ ପର୍ଯ୍ୟନ୍ତ ତାଙ୍କ ମାନ୍ୟତା ୩ ଥିଲା । ବୁଧବାର ସେ ୧୨.୧୭ ସେକେଣ୍ଡ ଟାଇମିଂ ସହ ଚଳିତ ସେସନ୍‌ର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଦେଖାଇଥିଲେ ।

ଦିନକ ଆଗରୁ ପ୍ୟାରିସ ପାରାଲିମ୍ପିକ୍ସର ତୀରନ୍ଦାଜୀରେ ଭାରତ ସ୍ୱର୍ଣ୍ଣ ପଦକ ଜିତିଥିଲା । ପୂଜା ଓ ହରବିନ୍ଦରଙ୍କ ଯୋଡି ବ୍ରୋଞ୍ଜ ପଦକ ପାଇଁ ଲଢ଼େଇ କରିବେ । ହରବିନ୍ଦର ସିଂ ବୁଧବାର ପରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତି ପ୍ରଥମ ଭାରତୀୟ ଭାବେ ନିଜ ନାଁରେ ରେକର୍ଡ କରିଛନ୍ତି । ପୁରୁଷ ବିଭାଗ ବ୍ୟକ୍ତିଗତ ରିକର୍ଭ ଓପନ ଫାଇନାଲ ମ୍ୟାଚରେ ସେ ପୋଲାଣ୍ଡ ପ୍ରତିଯୋଗୀଙ୍କୁ ୬-୦ରେ ହରାଇଥିଲେ । ହରବିନ୍ଦରଙ୍କ ଏହି ସଫଳତା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର କ୍ରୀଡାମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସେହିଭଳି କ୍ଲବ୍ ଥ୍ରୋରେ ମଧ୍ୟ ଭାରତକୁ ଧର୍ମବୀର ଓ ସୁରମା ପ୍ରଣବଙ୍କ ଯୋଡି ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପ୍ରଦାନ କରିଥିବାରୁ ପ୍ୟାରିସ ପାରାଲିମ୍ପିକ୍ସରେ ଭାରତର ପଦକ ସଂଖ୍ୟା ୨୪ରେ ପହଞ୍ଚିଛି । ଏଥିରେ ୫ଟି ସ୍ୱର୍ଣ୍ଣ ପଦକ ରହିଛି ।

# ଇଣ୍ଡିଆ ବି ୨୦୨/୭




ବେଙ୍ଗାଲୁରୁ,୫।୯(ଏଜେନ୍ସି): ଦୁଲୀପ ଟ୍ରଫି ଆରମ୍ଭ ହୋଇଛି । ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ୪ ଦିନିଆ ମ୍ୟାଚର ପ୍ରଥମ ଦିନ ଇଣ୍ଡିଆ ବି ୭୯ ଓଭରରେ ୭ ୱିକେଟ୍ ହରାଇ ୨୦୨ ରନ୍ କରିଛି । ମୁସିର ଖାନ୍ ଅପରାଜିତ ୧୦୫ ରନ୍ ସଂଗ୍ରହ କରିଛନ୍ତି ।

ଟସ୍ ଜିତି ଇଣ୍ଡିଆ ଏ ଅଧିନାୟକ ଶୁଭମନ ଗିଲ୍ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ । ତେଣୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିଲା ଇଣ୍ଡିଆ ବି । ଓପନର ଯଶସ୍ୱୀ ଜୟସ୍ୱାଲ ଓ ଅଧିନାୟକ ଅଭିମନ୍ୟୁ ଈଶ୍ୱରନ୍ ପାଳି ଆରମ୍ଭ କରିଥିଲେ । ପ୍ରଥମ ୱିକେଟ୍ ପାଇଁ ୩୩ ରନ୍‌ର ପାଟନରସିପ୍ ହୋଇଥିଲା । ଅଭିମନ୍ୟୁ ୪୨ ବଲ୍‌ରୁ ୧୩ ରନ୍ କରି ଆଉଟ୍ ହୋଇଥିଲେ । ଯଶସ୍ୱୀ ଜୟସ୍ୱାଲଙ୍କ ଠୁ ବଡ଼ ଇନିଂସ ଆଶା କରାଯାଉଥିଲା । କିନ୍ତୁ ସେ ମଧ୍ୟ ୫୯ ବଲ୍‌ରୁ ୩୦ ରନ୍ କରି ଆଉଟ୍ ହୋଇଥିଲେ । ଏହାପରେ ମୁଶିର ଖାନ୍ ଶତକୀୟ ଇନିଂସ ଖେଳି ଦଳର ସ୍ଥିତି ସୁଧାରି ଥିଲେ । କିନ୍ତୁ ମଧ୍ୟମକ୍ରମର ପରବର୍ତ୍ତୀ ୫ ଜଣ ବ୍ୟାଟର ୧୭ ରନ୍ ମଧ୍ୟରେ ଆଉଟ୍ ହେବା ଦଳକୁ ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲା । ମୁଶିର ଖାନ୍ ଷ୍ଟମ୍ପଅପସାରଣ ବେଳକୁ ୨୨୭ ବଲ୍‌ର ସମ୍ମୁଖୀନ ହୋଇ ୧୦ ଚୌକା ଓ ୨ ଛକା ସହାୟତାରେ ଅପରାଜିତ ୧୦୫ ରନ୍ କରିଥିଲେ । ସର୍ଫରାଜ ଖାନ୍ ୯, ରିସଭ ପନ୍ତ ୭, ନୀତିଶ କୁମାର ରେଡ୍ଡୀ ୦, ୱାଶିଂଟନ ସୁନ୍ଦର ଓ ସାଇ କିଶୋର ୧ ରନ୍ କରି ଆଉଟ୍ ହୋଇଥିଲେ । କିନ୍ତୁ ନବଦୀପ ସାଇନୀ ୭୪ ବଲ୍‌ରୁ ୨୯ ରନ୍ କରି ଅପରାଜିତ ଥିଲେ । ଇଣ୍ଡିଆ ଏ ର ଖଲୀଲ ଅହମ୍ମଦ, ଆକାଶଦୀପ ଓ ଆଭେସ ଖାନ୍ ଦୁଇଟିକରି ୱିକେଟ୍ ସଫଳତା ହାସଲ କରିଥିଲେ ।

## ଇଣ୍ଡିଆ ଡି ୧୬୪, ଇଣ୍ଡିଆ ସି ୯୧/୪

ଅନନ୍ତପୁରମ୍: ଦୁଲୀପ ଟ୍ରଫିର ଅନ୍ୟ ଏକ ମ୍ୟାଚ ଇଣ୍ଡିଆ ସି ଓ ଡି ମଧ୍ୟରେ ଖେଳାଯାଉଛି । ଏହି ମ୍ୟାଚରେ ଇଣ୍ଡିଆ ଡି ପ୍ରଥମ ପାଳିରେ ୧୬୪ ରନ୍ କରି ଅଲ୍‌ଆଉଟ୍ ହୋଇଥିବା ବେଳେ ଇଣ୍ଡିଆ ସି ଷ୍ଟମ୍ପଅପସାରଣ ବେଳକୁ ୩୩ ଓଭରରେ ୪ ୱିକେଟ୍ ହରାଇ ୯୧ ରନ୍ କରିଛି । ଅଭିଶେକ ପୋରେଲ ୩୨ ଓ ବାବା ଇନ୍ଦ୍ରଜିତ ୧୫ ରନ୍ କରି ଅପରାଜିତ ଥିବା ବେଳେ ରଜତ ପତିଦାର ୧୩, ଆରିୟନ, ଜୁୟାଲ ୧୨ ରନ୍, ଅଧିନାୟକ ରିତୁରାଜ ଗାଏକ୍ୱାର୍ଡ ୫ ଓ ସାଇ ସୁଦର୍ଶନ ୭ ରନ୍ କରିଥିଲେ । ତେଣୁ ଷ୍ଟମ୍ପଅପସାରଣ ବେଳକୁ ୩୩ ଓଭରରେ ୪ ୱିକେଟ୍ ହରାଇ ୯୧ ରନ୍ ସଂଗ୍ରହ କରିଛି । ଏହା ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଇଣ୍ଡିଆ ଡି ପାଇଁ ଅକ୍ଷର ପଟେଲ ସର୍ବାଧିକ ୮୬ ରନ୍, ୟସ ଦୁବେ ୧୦, ଶ୍ରୀକର ଭରତ ୧୩, ସରନ୍ସ ଜେନ୍ ୧୩ ରନ ଓ ଅର୍ସଦୀପ ସିଂ ୧୩ ରନ୍ କରିଥିଲେ । ତେଣୁ ଇଣ୍ଡିଆ ଡି ୪୮.୩ ଓଭରରେ ୧୬୪ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ବୋଲିଂରେ ବିଜୟ କୁମାର ବୈଶାଖ ସର୍ବାଧିକ ୩ଟି, ଅନସୁଲ କାମ୍ବୋଜ ଓ ହିମାଂଶୁ ଚୌହାନ ୨ଟି କରି ୱିକେଟ୍ ସଫଳତା ହାସଲ କରିଥିଲେ । ଇଣ୍ଡିଆ ସି ୭୩ ରନ୍ ପଛରେ ରହିଛି ।

# ନାଭାରୋ-ସାବାଲେଙ୍କା, ପେଗୁଲା-ମୁଚୋଭା ସେମିଫାଇନାଲ

## ୟୁଏସ୍ ଓପନ

ନ୍ୟୁୟର୍କ,୫।୯(ଏଜେନ୍ସି): ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନର ମହିଳା ସିଙ୍ଗଲ୍ସ ମୁକାବିଲା ସ୍ପଷ୍ଟ ହୋଇଛି । ଶୁକ୍ରବାର ଦୁଇଟି ସେମିଫାଇନାଲ ମ୍ୟାଚ ଖେଳାଯିବ । ପ୍ରଥମ ଲଢ଼େଇରେ ନାଭାରୋ-ସାବାଲେଙ୍କା ଏବଂ ଦ୍ୱିତୀୟ ମ୍ୟାଚରେ ଜେସିକା ପେଗୁଲା-କେମୁଚୋଭା ପରସ୍ପରକୁ ଭେଟିବାକୁ ଯାଉଛନ୍ତି । ଶେଷ କ୍ୱାର୍ଟରଫାଇନାଲରେ ପେଗୁଲାଙ୍କ ପ୍ରଦର୍ଶନ ଶାଣୀତ ଥିଲା । ସେ ୬-୨, ୬-୪ ସେଟ୍‌ରେ ନଂ.୧ ଖେଳାଳି ଇଗା ସ୍ୱିଟେକ୍‌ଙ୍କୁ ଧରାଶାୟୀ କରିଥିଲେ । ଏହା ପୂର୍ବରୁ ଅନୁଷ୍ଠିତ ଅନ୍ୟ ଦୁଇଟି ମ୍ୟାଚରେ ମୁଚୋଭା ୬-୧, ୬-୪ ସେଟ୍‌ରେ ହାଦାଦ୍ ମାୟାଙ୍କୁ ଏବଂ ସାବାଲେଙ୍କା ୬-୧, ୬-୨ ସେଟ୍‌ରେ କ୍ୱିଡବ୍ଲ୍ୟୁ ଝେଙ୍ଗଙ୍କୁ ହରାଇଥିଲେ । ପ୍ରଥମ କ୍ୱାର୍ଟରଫାଇନାଲରେ ନାଭାରୋ ୬-୨, ୭-୫ ସେଟ୍‌ରେ ବାଡୋସାଙ୍କୁ ଧରାଶାୟୀ କରିଥିଲେ ।

ସେହିଭଳି ପୁରୁଷ ବର୍ଗର ପ୍ରଥମ କ୍ୱାର୍ଟରଫାଇନାଲରେ ଫ୍ରିଟେଜ୍ ୭-୬, ୩-୬, ୬-୪, ୭-୬ ସେଟ୍‌ରେ ଆଲେକ୍ସ ଜାଣ୍ଡାର ଭିର୍ଭଙ୍କୁ ଧରାଶାୟୀ କରିଥିଲେ । ଦ୍ୱିତୀୟ କ୍ୱାର୍ଟରରେ ଜେ ଡର୍ଫର ୬-୩, ୭-୫, ୬-୨ ସେଟ୍‌ରେ ଡି ମିନାଓରୋଙ୍କୁ ହରାଇଥିଲେ । ତୃତୀୟ କ୍ୱାର୍ଟରଫାଇନାଲରେ ଡିଆଫୋଇ ୬-୩, ୬-୭, ୬-୩, ୪-୧ ସେଟ୍‌ରେ ଗ୍ରିଗୋର ଡିମିଟ୍ରୋଭଙ୍କୁ ହରାଇଥିଲେ । ସେହିଭଳି ଶେଷ ତଥା ଚତୁର୍ଥ କ୍ୱାର୍ଟରଫାଇନାଲ ସହ ସେମିଫାଇନାଲ ସ୍ପଷ୍ଟ ହୋଇଛି । ଶେଷ ଲଢ଼େଇରେ ଜାନିକ୍ ସିନର ୬-୨, ୧-୬, ୬-୧, ୬-୪ ସେଟ୍‌ରେ ବିଜୟୀ ହୋଇଥିଲେ । ଶନିବାର ଦୁଇଟିଯାକ ସେମିଫାଇନାଲ ମ୍ୟାଚ ଖେଳାଯିବ । ସିନର-ଡ୍ରପର ଓ ଫ୍ରିଟେଜ-ଟିଆଫୋଇ ଙ୍କ ମଧ୍ୟରେ ସେମିଫାଇନାଲ ଲଢ଼େଇ ହେବ ।

# ସ୍କୋଏ ମାର୍ଶଲଆର୍ଟ ପ୍ରତିଯୋଗିତାରେ ଅନୁଗୁଳ ଉପ ବିଜେତା



ଅନୁଗୁଳ,୫।୯(ସବ୍ୟୁ): ୧୯ତମ ରାଜ୍ୟସ୍ତରୀୟ ସ୍କୋଏ ମାର୍ଶଲଆର୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରତିଯୋଗିତାରେ ଅନୁଗୁଳ ଜିଲ୍ଲା ଉପବିଜେତା ହୋଇ ଜିଲ୍ଲାର ଗୌରବ ଅର୍ଜନ କରିଛନ୍ତି । ଖେଳାଳିମାନଙ୍କର ଏଭଳି ସଫଳତା ହାସଲ କରୁଥିବାରୁ ଜିଲ୍ଲାପାଳ ଅଦାଲ ଏମ ଅଖତର୍, ଜିଲ୍ଲା କ୍ରୀଡ଼ା ଅଧିକାରି ଅକ୍ଷୟ କୁମାର ସେଠ, ଜିଲ୍ଲା ସ୍କୋଏ ମାର୍ଶଲଆର୍ଟର ସଭାପତି ବରିଷ୍ଠ ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦ ଛାତ୍ର ଛାତ୍ରୀମାନଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ । ଆଇନଜୀବୀ ପ୍ରଦୀପ ଦେବତା, ପର୍ଶୁରାମ ଦାଶ, ସଞ୍ଜୟ ମହାପାତ୍ର, ହେମନ୍ତ କୁମାର ପ୍ରଧାନ, ସାଧାରଣ ସମ୍ପାଦକ ଦୁଷ୍ୟନ୍ତ କୁମାର ନାଥ ଉପସ୍ଥିତି ଥିଲେ । ଏହି ଅବସରରେ ଜିଲ୍ଲାପାଳ ଖୁସି ହୋଇ ଶ୍ରୀ ଅଖତର ଉପସ୍ଥିତ ସ୍କୋଏ ମାର୍ଶଲଆର୍ଟ ଖେଳାଳିମାନଙ୍କୁ ଭବିଷ୍ୟତରେ ଅନୁଗୁଳ ଜିଲ୍ଲା ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନସିପ ହେବାପାଇଁ ଆଜି ଠାରୁ ଏହି ଖେଳ ପ୍ରତି ବିଶେଷ ଗୁରୁତ୍ୱ ଦେବାପାଇଁ ଉପଦେଶ ଦେଇଥିଲେ । ଜିଲ୍ଲାପାଳ ଶ୍ରୀ ଅଖତର ଇଣ୍ଡୋର ଷ୍ଟାଡିୟମର ନବୀକରଣ ଆଗାମୀ ଦିନରେ କରାଯିବ ବୋଲି ଉପସ୍ଥିତ ସ୍କୋଏ ମାର୍ଶଲଆର୍ଟର ସଭାପତି ବରିଷ୍ଠ ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦ ଏବଂ ଅନ୍ୟ କର୍ମକର୍ତ୍ତାମାନଙ୍କୁ କହିଥିଲେ ।

# ବୌଦ୍ଧ ମହାବୀର କ୍ଲବ ବିଜୟୀ

ଆଠମଲ୍ଲିକ,୫।୯(ସବ୍ୟୁ): ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ଖେଳ ପଡ଼ିଆରେ ଚାଲିଥିବା ପଞ୍ଚଧାରା କ୍ଲବ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ମହାବୀର କ୍ଲବ ବୌଦ୍ଧ ଏବଂ ପତାକା ଅଷ୍ଟ କିଳା କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ ରେ ମହାବୀର କ୍ଲବ ତିନୋଟି ଗୋଲ ଦେଇ ପ୍ରଥମ ସେମିଫାଇନାଲ କୁ ଉତୀର୍ଣ୍ଣ ହୋଇଛି । ଆଜିର ମ୍ୟାଚରେ ମୁଖ୍ୟ ରେଫରୀ ଭାବେ ଦିଲ୍ଲୀପ କୁମାର ରାଉତ ଏବଂ ଲାଇନ୍ସ ମ୍ୟାନ ଭାବେ ପପୁନ ଓ ମୁନା, ଚତୁର୍ଥ ରେଫରୀ ଭାବେ ଅର୍ଜୁନ ଦାୟିତ୍ୱ ତୁଲାଇଥିଲେ । ଏହି ମ୍ୟାଚରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ର ବରିଷ୍ଠ ସାମ୍ବାଦିକ ଉଦିପ୍ତ କୁମାର ପୁରୋହିତ, ସଂମ୍ମାନିତ ଅତିଥି ଭାବେ ଯୁବ ସାମ୍ବାଦିକ କମଳାକାନ୍ତ ମିଶ୍ର, ଅବସରପ୍ରାପ୍ତ ରେଞ୍ଜର ଶ୍ରୀନିବାସ ମିଶ୍ର, ପୂର୍ବତନ ବରିଷ୍ଠ ଖେଳାଳି ନନ୍ଦ କିଶୋର ତ୍ରିପାଠୀ, ଏଥଲେଟିକ ଆସ ସିଏସନ ର ଉପଦେଷ୍ଟା ରବୀନ୍ଦ୍ର ଦାଶ ଉପସ୍ଥିତ ରହି ଉଭୟ ଦଳର ଖେଳାଳିମାନଙ୍କ ସହ କରମର୍ଦ୍ଦନ କରିଥିଲେ । ତତପରେ ଖେଳ ଆରମ୍ଭ ହୋଇଥିଲା । ଖେଳ ର ଦ୍ୱିତୀୟା ର୍ଧ ରେ ଆଠମଲ୍ଲିକ ଥାନା ଆଇ ଆଇ ସି ଚିତ୍ତ ରଞ୍ଜନ ବେହେରା ଅତିଥି ଭାବେ ଯୋଗ ଦେଇ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ । ମ୍ୟାନ ଅପ ଦି ମ୍ୟାଚ ମହାବୀର କ୍ଲବ ର ବୌଦ୍ଧର ଯୁବ ଖେଳାଳି ଆଲୋକ ମହାକୁଡ଼ଙ୍କୁ ଆଠମଲ୍ଲିକ ଅଂଚଳର ଯୁବ ଖେଳାଳି ସୁବିନ ବେହେରା ପୁରସ୍କୃତ କରିଥିଲେ । ଏହି ମ୍ୟାଚରେ ପ୍ରିୟ ରଞ୍ଜନ ସେଠି, ସାଗର ପ୍ରଧାନ, ରିତେଶ ମହାପାତ୍ର, କୈଳାଶ ବେହେରା, ସୁନୀଲ ବାଘ, ମୁନା ବେହେରାଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳରେ ସହଯୋଗ କରିଥିଲେ । ସୂଚନା ଥାଉ କି ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ ନେତାଜୀ କ୍ଲବ ଆଠମଲ୍ଲିକ ଏବଂ ମହାବୀର କ୍ଲବ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହେବ ।





AT KURANGA PHULNAKHARA
Meera's COURTYARD
Huge lush green happening space situated in between Cuttack and Bhubaneswar.
• Pollution free ambience
• Blend of traditionalism & modernity
• Far from the madding crowd
• Truely magnificent setting
• Hassel free parking,
WILL perfectly match to your dream to make your event a memorable one.
For:
• Wedding • Star night • Conference and work shops
• Birthday party • Musical events • Corporate meet
Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076

ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541